

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୯ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 29 NOVEMBER 2022

Vol.No. 33 ■ No. 310 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜିଏସ୍‌ଟି ରେଡ୍ : ଆଜି ପଦ୍ମପୁର ବନ୍ଦ



ଭୁବନେଶ୍ୱର/ପଦ୍ମପୁର, ୨୮/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଏବେ ପ୍ରଚାର ସରଗରମ ରହିଥିବାବେଳେ ଆଜି ସନ୍ଧ୍ୟାରେ ପଦ୍ମପୁର ନିର୍ବାଚନମଣ୍ଡଳୀର ପ୍ରାୟ ୭ଟି ସ୍ଥାନରେ ଜିଏସଟି ରେଡ୍ କରାଯିବା ଶାସକ ବିଜେଡିକୁ ମହଙ୍ଗା ପଡ଼ିଛି । ସକାଳେ ପଦ୍ମପୁରରେ ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କ ଘନିଷ୍ଠ ସହଯୋଗୀ ତଥା ବିଜେଡି ସମର୍ଥିତ ୩ଜଣ ବ୍ୟବସାୟୀଙ୍କ ଘରେ ଆଇଟି ରେଡ୍ ପରେ ପ୍ରତିକ୍ରିୟାଶୀଳ ହୋଇ ଶାସକ ବିଜେଡି ସରକାର ଦ୍ୱାରା ସମ୍ବଲପୁର ସିଟି ଜିଏସଟି ଟିମ୍‌କୁ ଲଗାଇ ବିଜେପି ସମର୍ଥିତ ବ୍ୟବସାୟୀଙ୍କ ଦୋକାନରେ ଆଜି ସନ୍ଧ୍ୟାରେ ଜିଏସଟି ରେଡ୍ କରାଯାଇଛି । ତେବେ ଜିଏସଟି ରେଡକୁ ବିରୋଧ କରି ପଦ୍ମପୁର ବଣିକ ସଂଘ ଆସନ୍ତାକାଲି ପଦ୍ମପୁର ସହରରେ ୧୨ଘଂଟିଆ ବନ୍ଦ ଡାକରା ଦେଇଛି । ସମସ୍ତ ଦୋକାନ ବଜାର ବନ୍ଦ ରଖିବାକୁ ଘୋଷଣା କରିଛି । ଆଉ ଆଇଟି ରେଡକୁ ଜବାବ ଦେବାକୁ ଯାଇ ଜିଏସଟି ରେଡ୍ କରିବା ଶାସକ ବିଜେଡିକୁ ବୁମେରାଂ ହୋଇଥିବା ଚର୍ଚ୍ଚା ହେଉଛି । ପଦ୍ମପୁର ବଣିକ ସଂଘର ସଭାପତି ପ୍ରତାପ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜିଏସଟି ରେଡ୍ କରାଯିବା ସମ୍ପୂର୍ଣ୍ଣ ଭାବେ ବେଆଇନ । ରାଜନୀତିକ ଆକ୍ରୋଶ ରଖି ଏଭଳି ହଇରାଣ କରାଯାଉଛି । ରାଜନୀତି ସହ ବ୍ୟବସାୟୀଙ୍କର କୌଣସି ସମ୍ପର୍କ ନାହିଁ । କିନ୍ତୁ ଅନୈତିକ ଭାବେ ଜିଏସଟି ରେଡ୍ କରାଯିବାକୁ କଦାପି ବରଦାସ୍ତ କରାଯିବ ନାହିଁ । ଆସନ୍ତାକାଲି ପଦ୍ମପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବ । ତେବେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ରହିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ, ସକାଳେ ପଦ୍ମପୁରର ୩ ବ୍ୟବସାୟୀଙ୍କ ବାସଭବନରେ ଆଇଟି ରେଡ୍ କରାଯିବା ପରେ ସନ୍ଧ୍ୟାରେ ନିର୍ବାଚନମଣ୍ଡଳୀର ପ୍ରାୟ ୭ଟି ସ୍ଥାନରେ ସମ୍ବଲପୁର ଜିଏସଟି ଟିମ୍ ପକ୍ଷରୁ ଚଢ଼ଉ ହୋଇଛି । ବିଜେଡି ସମର୍ଥିତ ଏହି ୩ ବ୍ୟବସାୟୀ ଜିଲ୍ଲାର ବିଜେଡି ବିଧାୟକ ସୁଶାନ୍ତ ସିଂ ଓ ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଖାସ୍ ଭାବେ ପରିଚିତ। ବିଜେଡି ସରକାର ଏହି ଆଇଟି ରେଡ୍ ପରେ ପ୍ରତିକ୍ରିୟାଶୀଳ ହୋଇ ଆଜି ସମ୍ବଲପୁର ସିଟି ଜିଏସଟି ଟିମକୁ ଲଗାଇ ଅପରାହ୍ନରେ ପଦ୍ମପୁର, ବରଗଡ଼, ପାଇକମାଳ, ଝାରବନ୍ଧରେ ଏକକାଳୀନ ଜିଏସଟି ଚଢ଼ଉ କରିଛି। ଯାହାକୁ ନେଇ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପଦମପୁରରେ ନବୀନ ପଟ୍ଟନାୟକ ହାଏ ହାଏ ସ୍ଲୋଗାନମାନେ ବ୍ୟବସାୟୀମାନେ ଦେଇଛନ୍ତି। ପଦ୍ମପୁର ନଗର ବିଜେପି ସଭାପତି ସୁନୀଲ ଅଗ୍ରୱାଲଙ୍କ କପଡ଼ା ଦୋକାନ 'ଜଗଦମ୍ବା କ୍ଲଥ ଷ୍ଟୋର'ରେ ଜିଏସଟି ରେଡ୍ ହୋଇଥିଲେ ମଧ୍ୟ ଏଭଳି ଭାବେ ବ୍ୟବସାୟୀଙ୍କୁ ହଇରାଣ କରାଯିବା ଅନୁଚିତ୍ ବୋଲି ପଦ୍ମପୁର ବଣିକ ସଂଘ କହିଛି। ▶▶ପୃଷ୍ଠା ୭

## ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ କଠୋର ହେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୮/୧୧ : ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଓକିଲଙ୍କ ଆନ୍ଦୋଳନକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ । ତୁରନ୍ତ କାର୍ଯ୍ୟରେ ଯୋଗ ନଦେଲେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଆନ୍ଦୋଳନ କରୁଥିବା ଆଇନଜୀବୀଙ୍କ ଲାଇସେନ୍ସ ବାତିଲ କରିବାକୁ ବାର କାଉନସିଲ ଅଫ ଇଣ୍ଡିଆକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନାୟାଳୟ । ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବିରେ ଓକିଲଙ୍କ ଆନ୍ଦୋଳନକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ । ଆନ୍ଦୋଳନ କରୁଥିବା ଆଇନଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆନ୍ଦୋଳନରତ ଓକିଲଙ୍କ ଲାଇସେନ୍ସ ବାତିଲ କର, ଲାଇସେନ୍ସ ବାତିଲ ପାଇଁ ବାର କାଉନସିଲ ଅଫ ଇଣ୍ଡିଆକୁ ନିର୍ଦ୍ଦେଶ, କାର୍ଯ୍ୟରେ ଯୋଗନଦେବା ଯାଏଁ ନିଲମ୍ବିତ ବଳବତ୍ତର ରଖ, କୋର୍ଟ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ, ଦରକାର ହେଲେ ଆନ୍ଦୋଳନକାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ । ଓଡିଶା ହାଇକୋର୍ଟ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ସଂଜୟ କିଶାନ କୌଲଙ୍କ ଖଣ୍ଡପୀଠ । ଅନ୍ୟପଟେ ପଶ୍ଚିମ ଓଡିଶାର ଆଇନଜୀବୀ କହିଛନ୍ତି, ସେମାନେ ସୁପ୍ରିମକୋର୍ଟଙ୍କ ନିଷ୍ପତିକୁ ସମ୍ମାନ ଦିଅନ୍ତି । ହେଲେ ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ▶▶ପୃଷ୍ଠା ୭

## ଗେହଲଟ-ପାଇଲଟ କଳି : ବଡ଼ ନିଷ୍ପତ୍ତି ନେବ କଂଗ୍ରେସ !




ଜୟପୁର, ୨୮/୧୧ (ନି.ପ୍ର): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ତାଙ୍କର ପୂର୍ବତନ ଡେପୁଟି ସଚିନ ପାଇଲଟଙ୍କ ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏହି କଳି ରାଜ୍ୟରେ କ୍ଷମତା କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏଥିରୁ ମୁକୁଳିବା ପାଇଁ ଓ ରାଜ୍ୟରେ ଦଳକୁ ମଜବୁତ କରିବା ପାଇଁ କଂଗ୍ରେସ ଦରକାର ପଡ଼ିଲେ ବଡ଼ ପଦକ୍ଷେପ ନେଇପାରେ ବୋଲି ବରିଷ୍ଠ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। ଗତ ସପ୍ତାହରେ ଗେହଲଟ ଗୋଟିଏ ଟିଭି ଚ୍ୟାନେଲକୁ ସାକ୍ଷାତକାର ଦେବା ବେଳେ ପାଇଲଟଙ୍କୁ ଗଦ୍ଦାର କହିଥିଲେ ଓ ସେ କେବେ ହେଲେ ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ଦମ୍ଭୋକ୍ତି କରିଥିଲା। ଏହାର କଡ଼ା ଜବାବ ଦେଇ ପାଇଲଟ କହିଥିଲେ ଯେ ଏପରି କାଦୁଆ ଫିଙ୍ଗିବା ଆଦୌ ଦଳକୁ ସହାୟତା କରିବ ନାହିଁ। ତେଣୁ ଏଥିରୁ ନିବୃତ୍ତ ରହିବା ଉଚିତ। ଏହାକୁ ନେଇ ରାଜସ୍ଥାନରେ ରାଜନୀତିକ ଛକାପଞ୍ଝା ଲାଗି ରହିଛି। ଏସବୁ ଭିତରେ ଗେହଲଟ ଓ ପାଇଲଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଜୟରାମ ରମେଶ ମତ ରଖିଛନ୍ତି। ସେ କହିଛନ୍ତି, "ଆମ ପାଇଁ ସଂଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଜସ୍ଥାନ ସମ୍ପର୍କରେ ଆମେ ଗୋଟିଏ ସମାଧାନର ରାସ୍ତା ବାହାର କରିବୁ। ଆମେ ଏମିତି ଏକ ସାମାଧାନର ରାସ୍ତା ବାହାର କରିବୁ ଯାହା ଦଳକୁ ରାଜ୍ୟରେ ଅଧିକ ମଜବୁତ କରିବ। ଏଥିପାଇଁ ଆମକୁ ଯଦି କୌଣସି ବଡ଼ ନିଷ୍ପତ୍ତି କିମ୍ବା ପଦକ୍ଷେପ ନେବାକୁ ପଡ଼ିବ, ତା'ହେଲେ ବି ଆମେ ପଛ ଘୁଞ୍ଚା ଦେବୁ ନାହିଁ। ଯଦି ଦୁଇ ପକ୍ଷଙ୍କ ମଧ୍ୟରେ କୌଣସି ବୁଝାମଣା ହୋଇପାରିବ, ତା'ହେଲେ ବି ଆମେ ସେସବୁ କରିବୁ।" ବର୍ତ୍ତମାନ ଇନ୍ଦୋରରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରାରେ ରାହୁଲ ଗାନ୍ଧିଙ୍କ ସହ ଥିବା ଜୟରାମ ରମେଶ ଆହୁରି କହିଛନ୍ତି ଯେ କଂଗ୍ରେସ ନେତୃବୃନ୍ଦ ରାଜସ୍ଥାନରେ ଉପଯୁକ୍ତ ସମାଧାନ ଉପରେ ବିଚାର କରୁଛନ୍ତି। କିନ୍ତୁ ଏହି ସମାଧାନର ସମୟ କହିହେବନି। କେବଳ କଂଗ୍ରେସ ନେତୃବୃନ୍ଦ ସମୟ ନିର୍ଦ୍ଧାରଣ କରିବେ। କଂଗ୍ରେସ ଉଭୟ ପାଇଲଟ ଓ ଗେହଲଟଙ୍କୁ ଚାହେଁ ବୋଲି ସେ କହିଛନ୍ତି।

## ରାଜଧାନୀରେ ଜାରି ରହିଛି ପ୍ରାଥମିକ ଶିକ୍ଷକଙ୍କ ରଣହୁଙ୍କାର

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଦ୍ୱିତୀୟ ଦିନରେ ଜାରି ରହିଛି ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଧାରଣା । ଶୀତ, କାକରକୁ ଖାତିର ନକରି ଧାରଣାରେ ବସିଛନ୍ତି ହଜାର ହଜାର ସଂଖ୍ୟାରେ ଶିକ୍ଷକ । ୩ ଦଫା ଦାବି ନେଇ ରଣହୁଙ୍କାର ଦେଇଛି ଶିକ୍ଷକ ସଂଘ । ଆଉ ଶିକ୍ଷକଙ୍କ ଏହି ପ୍ରତିବାଦ ପାଇଁ ରାଜଧାନୀରେ ଦେଖିବାକୁ ମିଳିଛି ଟ୍ରାଫିକ୍ ସମସ୍ୟ । କିନ୍ତୁ ଶିକ୍ଷକ ସଂଘ ନିଜ ଜିଦରେ ଅଟଳ । ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରଖିବାକୁ ଦେଇଛନ୍ତି ଚେତାବନୀ । ସେପଟେ ବିଧାନସଭାରେ ବି ଉଠିଲା ଶିକ୍ଷକଙ୍କ ଆନ୍ଦୋଳନ ପ୍ରସଙ୍ଗ । ରାଜଧାନୀର ଛାତି ଉପରେ ଲୋୟର ପିଏମଜିରେ ପ୍ରାଥମିକ ଶିକ୍ଷକ ଚଳାଇଥିବା ଅହୋରାତ୍ର ଧାରଣା । ଶୀତ କାକରକୁ ଖାତିର ନ କରି ୩ ଦଫା ଦାବିରେ ଶିକ୍ଷକ ରାଜରାସ୍ତାରେ ବସିଛନ୍ତି । ସରକାର ଦାବି ପୂରଣ ନ କଲେ ଆନ୍ଦୋଳନ ଜାରି ରଖିବାକୁ ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ । ▶▶ପୃଷ୍ଠା ୭

## ଶିକ୍ଷକମାନଙ୍କ ପ୍ରସଙ୍ଗରେ ବିଧାନସଭାରେ ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ



ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଶିକ୍ଷକ ମାନଙ୍କର ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ହଟ୍ଟଗୋଳ ହୋଇଛି । ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନଙ୍କ ହଟ୍ଟଗୋଳ ଓ ନାରାବାଜୀ କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ସ୍ଥଗିତ କରିଛନ୍ତି । ସୋମବାର ଦିନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୈଠକ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ସେମାନଙ୍କ ଆସନରୁ ଶିକ୍ଷକ ମାନଙ୍କ ପ୍ରସଙ୍ଗ ଉଠାଇଥିଲେ । ବାଚସ୍ପତି ସେମାନଙ୍କର କଥାକୁ ଭୃକ୍ଷେପ ନ କରି ନାମ ଡାକିବା ଆରମ୍ଭ କରି ଦେଇଥିଲେ । ଏହା ପରେ ବିରୋଧୀ କଂଗ୍ରେସ ଓ ବିଜେପି ଦଳର ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ଯେ ସେମାନେ ନିଜ ନିଜ ଆସନକୁ ଯାଆନ୍ତୁ । ଶୂନ୍ୟକାଳରେ ସେମାନେ ଏହି ପ୍ରସଙ୍ଗ ଉଠାଇ ପାରିବେ । ବର୍ତମାନ ଗୃହକାର୍ଯ୍ୟକୁ ବାଧିତ କରନ୍ତୁ ନାହିଁ । ହେଲେ ବାଚସ୍ପତିଙ୍କ ଏହି ଅନୁରୋଧର ତାଙ୍କ ଉପରେ କୌଣସି ପ୍ରଭାବ ପଡି ନ ଥିଲା । ସେମାନେ ହଟ୍ଟଗୋଳ ଓ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ ଜାରୀ ରଖିଥିଲେ । ତେଣୁ ଅଚଳାବସ୍ଥାକୁ ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ବିଚାରପତି ନିଯୁକ୍ତି ନେଇ କେନ୍ଦ୍ରକୁ ତାଗିଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮/୧୧ : କଲେଜିୟମ ହେଉଛି ଦେଶର ଆଇନ୍ । ଏହାକୁ ପାଳନ କରିବାକୁ ପଡିବ । ନହେଲେ ଖଣ୍ଡପୀଠ ଆବଶ୍ୟକ ନିର୍ଦ୍ଦେଶ ଦେବ । ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିବାଦ ତେଜିଛି । ଏହି ସମୟରେ ଜଷ୍ଟିସ ସଞ୍ଜୟ କିଶନ କୌଲ ଏବଂ ଜଷ୍ଟିସ ଏଏସ ଓକାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏପରି କହିଛନ୍ତି । ଆଉ କେଉଁ କାରଣ ପାଇଁ ବିଚାରପତି ନିଯୁକ୍ତିରେ ବିଳମ୍ବ ହେଉଛି କେନ୍ଦ୍ର ସରକାରଙ୍କ ସହ କଥା ହୋଇ ପକ୍ଷ ରଖିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ କହିଛନ୍ତି । କଲେଜିୟମ ଦ୍ୱାରା ସୁପାରିସ ହୋଇଥିବା ବିଚାରପତିଙ୍କ ନିଯୁକ୍ତିରେ ବିଳମ୍ବକୁ ନେଇ କୋର୍ଟ କହିଛନ୍ତି, ହୁଏତ ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ପାରିତ ହୋଇନପାରିବାରୁ ସରକାର ଅସନ୍ତୁଷ୍ଟ ଅଛନ୍ତି । ତେଣୁ ବିଚାରପତି ନିଯୁକ୍ତିରେ ବିଳମ୍ବ ହେଉଛି । ସରକାର ବିଳମ୍ବ ନକରି ▶▶ପୃଷ୍ଠା ୭

## ଦିଲ୍ଲୀରେ ପୁଣି ଏକ ବୀଭତ୍ସ ହତ୍ୟାକାଣ୍ଡ

ନୂଆଦିଲ୍ଲୀ, ୨୮/୧୧ : ଦିଲ୍ଲୀର ପାଣ୍ଡବନଗର ଅଞ୍ଚଳରେ ଶ୍ରଦ୍ଧା ହତ୍ୟାକାଣ୍ଡ ଭଳି ଆଉ ଏକ ହତ୍ୟାକାଣ୍ଡ ପୁଲିସର ନିଦ ହଜାଇ ଦେଇଛି । ଏହି ମାମଲାରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ପୁଲିସ, ମା ପୁନମ ଦାସ ଓ ତା ପୁଅ ଦୀପକ ଦାସକୁ ଗିରଫ କରିଛି । ପୁଅ ସହ ମିଶି ନିଜ ସ୍ୱାମୀକୁ ହତ୍ୟା କରିଥିଲା ସ୍ତ୍ରୀ । ଆଉ ଏହାପରେ ମୃତଦେହକୁ ଖଣ୍ଡ ଖଣ୍ଡ କାଟି ଫ୍ରିଜରରେ ରଖିଥିଲେ । ପ୍ରତିଦିନ ମାଂସ ଖଣ୍ଡକୁ ରାତିରେ ନିଛାଟିଆ ସ୍ଥାନରେ ଫୋପାଡି ଆସୁଥିଲେ । ପାଣ୍ଡବନଗରର ଏହି ବିଭତ୍ସ ହତ୍ୟାକାଣ୍ଡର ସତ ସାମ୍ନାକୁ ଆସିବା ପରେ ଦିଲ୍ଲୀରେ ଚାଞ୍ଚଲ୍ୟ ଖେଳି ଯାଇଛି । ପାଣ୍ଡବନଗର ଅଞ୍ଚଳରେ ମଣିଷ ମୃତଦେହର ଅଂଶ ମିଳିବା ପରେ ଖୋଳତାଡ କରି ପୁଲିସ ମା ଓ ପୁଅକୁ ଗିରଫ କରିଛି । ମୃତକ ହେଉଛନ୍ତି ଅଞ୍ଜନ ଦାସ । ପୁଲିସ ସୂଚନା ଅନୁସାରେ ପୁଅ ଦୀପକଙ୍କ ନବ ବିବାହିତ ପତ୍ନୀ ଓ ପୁନମଙ୍କ ଝିଅଙ୍କ ଉପରେ ଖରାପ ଦୃଷ୍ଟି ରଖିଥିବାରୁ ପ୍ରତିଶୋଧ ପରାୟଣ ହୋଇଥିଲେ ମାଆ ପୁଅ । ପୁନମର ତୃତୀୟ ସ୍ୱାମୀ ହେଉଛି ଅଞ୍ଜନ । ବିବାହ ପରେ ଅଞ୍ଜନଙ୍କ ଘରେ ପୁଅ ବୋହୁ ଓ ଝିଅ ସହ ରହୁଥିଲେ ପୁନମ । ହେଲେ ଏହାରି ଭିତରେ ଅଞ୍ଜନର କୁଦୃଷ୍ଟି ବାବଦରେ ଜାଣିବା ପରେ ରାତିରେ ନିଦ ବଟିକା ଦେଇ ତାକୁ ହତ୍ୟା କରିଥିବା ଜଣାପଡିଛି । ଅଞ୍ଜନ ଦାସକୁ ଗତ ମେ ମାସରେ ହତ୍ୟା କରାଯାଇଥିବା କହିଛି ଦିଲ୍ଲୀ ପୁଲିସ ।

## ଚୀନରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା : ଜିନପିଙ୍ଗଙ୍କ ବିରୋଧରେ 'ଗାଦି ଛାଡ'ନାରା



ନୂଆଦିଲ୍ଲୀ, ୨୮/୧୧ : କରୋନା କଟକଣା ବିରୋଧରେ ଚୀନରେ ଆନ୍ଦୋଳନ । ବେଜିଂ ସମେତ ୧୩ଟି ସହରରେ ଲୋକେ କରୋନା କଟକଣାକୁ ବିରୋଧ କରି ପ୍ରଦର୍ଶନ କରୁଛନ୍ତି । ବ୍ଲାକ ଆଣ୍ଡ ହ୍ୱାଇଟ୍ କାଗଜ ଧରି ବିରୋଧ ପ୍ରଦର୍ଶନ କରୁଛନ୍ତି । ଲକଡାଉନ ନିୟମ ହଟାଇ ଚଳପ୍ରଚଳ କରିବାକୁ ଦାବି କରିଛନ୍ତି ଲୋକେ । ଆଉ ସମସ୍ତ ପ୍ରକାର ସ୍ୱାଧୀନତା ଦାବି କରିଛନ୍ତି । ବିଶେଷଜ୍ଞଙ୍କ କହିବା କଥା ଚୀନରେ ଟିକାକରଣ ହୋଇଛି । ହେଲେ ସଂକ୍ରମିତଙ୍କ ସଂଖ୍ୟା ବଢିବା ଦେଖିଲେ ଜଣାପଡୁଛି ଟିକା ଠିକ୍ ଭାବେ କାମ କରୁନାହିଁ । ତେଣୁ ଚୀନ୍ ସରକାର ନୂଆ ଟିକା ବାବଦରେ ଚିନ୍ତା କରି କରୋନାକୁ ରୋକିବା ଆବଶ୍ୟକ । ଦୁଇ ଦିନ ହେବ ଚୀନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୦ ହଜାର ଉପରେ ରହିଛି । ରିପୋର୍ଟ ଅନୁଯାୟୀ ଚୀନରେ ୪୦ ହଜାର ୩୪୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଲଗାତର ୫ମ ଦିନ ପାଇଁ ୪୦ ହଜାର ପାଖାପାଖି ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତେବେ ସର୍ବାଧିକ ଆକ୍ରାନ୍ତଙ୍କ ପାଖରେ କୌଣସି ଲକ୍ଷଣ ନାହିଁ । ହେଲେ ସଂକ୍ରମଣ ରୋକିବାକୁ ଚୀନର ଜିନପିଙ୍ଗ ସରକାର ଜିରୋ କୋଭିଡ୍ ପଲିସି ଲାଗୁ କରିଛନ୍ତି । ସାଂଘାଇ, ଉହାନ, କୋରଲା ସମେତ ବିଭିନ୍ନ ସହରରେ ଏହି ନୀତି ଲାଗୁ ହୋଇଛି । ଦୀର୍ଘ ୧୦ ମାସ ହେବ ଏହି ନୀତି ଲାଗୁ ହୋଇଛି । ତେଣୁ ଘର ଭିତରେ ଲୋକେ ବନ୍ଦୀ ହୋଇ ରହିଛନ୍ତି ।

## ପଦମପୁର ଉପନିର୍ବାଚନ : ଆଜି ଠାରୁ ୩ ଦିନିଆ ପ୍ରଚାରରେ ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ପଦମପୁର/ଭୁବନେଶ୍ୱର, ୨୮/୧୧ (ନି.ପ୍ର): ପଦମପୁର ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ପ୍ରଚାର କରିବା ୩ ଦିନିଆ କାର୍ଯ୍ୟକ୍ରମରେ ଆସୁଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆସନ୍ତାକାଲି (ନଭେମ୍ବର ୨୯) , ୩୦ ଓ ଡିସେମ୍ବର ୧ ତାରିଖରେ ପଦମପୁରରେ ପ୍ରଚାର କରିବା ସହ ଆସନ୍ତା ୩ ତାରିଖରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରିବେ ବୋଲି ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେପିର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଆସନ୍ତାକାଲି ସକାଳ ୧୧.୩୦ରୁ ମାଣ୍ଡୋସିଲଠାରେ ଏକ ଜନସଭା କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଚାର ଆରମ୍ଭ କରିବେ । ମିଠାପାଲି, ପାଇକମାଳ, ହିରାପୁର, ନୂଆ ଗାଁ, ଝାରମୁଣ୍ଡାରେ ରୋଡ ସୋ, ପଦଯାତ୍ରା କରିବେ । ଅପରାହ୍ନ ୪.୩୦ରେ ଭେଙ୍ଗରାଜପୁରରେ ଏକ ସାଧାରଣ ଜନସଭାକୁ ସମ୍ବୋଦ୍ଧିତ କରିବେ । ଏହାପରେ ମାଲଦା, ପଲସଦା ଓ ଖଇରାରେ ରୋଡ ସୋ ▶▶ପୃଷ୍ଠା ୭


## ଶ୍ରୀମନ୍ଦିର ଫଟୋ ଭାଇରାଲ୍ ମାମଲା : ବାଂଲାଦେଶୀ ଯୁବକ ଗିରଫ

ପୁରୀ, ୨୮/୧୧ (ନି.ପ୍ର): ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସୋଶାଲ୍ ମିଡିଆରେ ଭାଇରାଲ କରିବା ମହଙ୍ଗା ପଡ଼ିଛି। ଆଜି ଏହି ମାମଲାରେ ବାଂଲାଦେଶୀ ଯୁବକ ଆକାଶ ଚୌଧୁରୀକୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ୍। ଆକାଶର ଘର ବାଂଲାଦେଶ ସିଲହଟ ଜିଲ୍ଲା ପୂର୍ବ ଜିନ୍ଦା ବଜାରରେ। ପୁଲିସ୍ ଆକାଶଙ୍କଠାରୁ ଗୋଟିଏ ମୋବାଇଲ ଓ ବାଂଲାଦେଶ ପାସ୍ପୋର୍ଟ ଜବତ କରିଛି। ଶ୍ରୀମନ୍ଦିର ଗର୍ଭଗୃହ ଓ ରତ୍ନ ସିଂହାସନରେ ବିଜେ ଶ୍ରୀଜଗନ୍ନାଥଙ୍କ ଫଟୋ ସୋଶାଲ ମିଡ଼ିଆ ଫେସବୁକ୍‌ରେ ଭାଇରାଲ୍ ହୋଇଥିଲା। ଫଟୋ ଗୁଡ଼ିକୁ ଆକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତିଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ସେୟାର କରାଯାଇଥିଲା। ଯାହା ଭାଇରାଲ୍ ହୋଇଥିଲା। ଏହା ପରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଭି.ଏସ.ଚନ୍ଦ୍ର ଶେଖର ରାଓ ଏନେଇ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ଏହି ଅଭିଯୋଗରେ ପୁଲିସ୍ ଆଜି ଆକାଶକୁ ଗିରଫ କରିଛି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଫୁଲବାଣୀର ଜିଲ୍ଲା ସମ୍ମିଳନୀ

କନ୍ଧମାଳ, ୨୮/୧୧ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଫୁଲବାଣୀ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ଚିତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲାର ସାହିତ୍ୟିକ ମାନେ ଯୋଗଦେଇ ସାହିତ୍ୟ ପରିଷଦର ମୁକ୍ତ ଆଲୋଚନାରେ ଭାଗ ନେଇଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଫୁଲବାଣୀ ଶାଖାର ପ୍ରାକ୍ତନ ସମ୍ପାଦକ କୈଳାଶ ଚନ୍ଦ୍ର ଧଳଙ୍କ ସଂଯୋଜନାରେ ଫୁଲବାଣୀ ପୌର ପାଳିକାର ଅଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ଯୋଗ ଦେଇ ସାହିତ୍ୟ ଓ ସାହିତ୍ୟିକ ମାନଙ୍କର ସମାଜ ଗଠନରେ ଥିବା ବଳିଷ୍ଠ ଭୂମିକା ବିଷୟରେ ଅଭିଭାଷଣ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାମ ଚନ୍ଦ୍ର ମର୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ସାମ୍ପ୍ରତିକ ସମୟରେ ସାହିତ୍ୟ ଓ ସାହିତ୍ୟିକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ ତଥା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମକୃଷ୍ଣ ତ୍ରିପାଠୀ ଯୋଗଦେଇ ସାହିତ୍ୟରେ ଦେଶାତ୍ମବୋଧ, ରାଷ୍ଟ୍ରୀୟତା ତଥା ସମୃଦ୍ଧ ଭାରତ ଗଠନରେ ଆମ ମାନଙ୍କର ଭୂମିକା କଣ ହେବା ଦରକାର ବୋଲି ଅତି ହୃଦୟସ୍ପର୍ଶୀ ବକ୍ତବ୍ୟ ପ୍ରଦାନ କରି ଥିଲେ । କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀ ନାରାୟଣ ନାୟକ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଲକ୍ଷ୍ୟ ଓ ତାର ସାଙ୍ଗଠନିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଆଚାର୍ଯ୍ୟ ଦୁର୍ଯ୍ୟୋଧନ ପ୍ରଧାନ ସ୍ୱାଗତ ଭଜନ ପରିବେଷଣ କରିଥିଲା ବେଳେ ସମ୍ପାଦକ ଅଶୋକ ଭଞ୍ଜ ବିବରଣୀ ପଠନ କରିଥିଲେ । ଜିଲ୍ଲା ସଂଯୋଜକ ଏ ସନ୍ତୋଷ କୁମାର ପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ । ଏଥିରେ ନବ କୁମାର ରଥ, ବିଷ୍ଣୁ ପ୍ରସାଦ ମିଶ୍ର, ନବୀନ କିଶୋର ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ବିରଂଚି ନାରାୟଣ ମିଶ୍ର, ସୁଜିତ ପଣ୍ଡା, ଅନିଲ କୁମାର ପ୍ରଧାନ, ସୋମନାଥ ସାହୁ, ହରପ୍ରିୟା ମିଶ୍ର, ପ୍ରଭାତୀ ପାତ୍ର, ବୈଜୟନ୍ତୀମାଳା ମହାପାତ୍ର, ଦେବେନ୍ଦ୍ର ପଟ୍ଟନାୟକ, ରାମକୃଷ୍ଣ ବେହେରା, ସତ୍ୟବାଦୀ ସାମନ୍ତରାୟ, ତ୍ରୈଲୋକ୍ୟନାଥ ସେନାପତି, ସନ୍ତୋଷ ତ୍ରିପାଠୀ, ସୁଶାନ୍ତ ନାୟକ ଆଦି ସାହିତ୍ୟିକମାନେ ଯୋଗ ଦେଇଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥ ଅନିୟମିତତା ପ୍ରସଙ୍ଗ : ବକେୟା ଟଙ୍କା ଫେରାଇବାକୁ ମନାକଲେ ମିତ୍ତଲ



ସମ୍ବଲପୁର, ୨୮/୧୧ (ନି.ପ୍ର): ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନର ବକେୟା ଟଙ୍କା ଫେରାଇବେନି ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ । ଟଙ୍କା ଫେରାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ଚିଠି ଲେଖିବା ପରେ ସେ ଏହିଭଳି ସ୍ପଷ୍ଟ ଉତ୍ତର ରଖିଛନ୍ତି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ପ୍ରକଳ୍ପ ନିମନ୍ତେ ଏସ୍ଇସିଏଲ୍, ବିଳାସପୁର ୨ଟି ପର୍ଯ୍ୟାୟରେ ୩୨ ଲକ୍ଷ ୪୩ ହଜାର ୭୮୩ ଟଙ୍କା ଦେଇଥିଲା । ତତ୍କାଳୀନ କୁଳପତି ପ୍ରଫେସର ମିତ୍ତଲ ଅନ୍ୟ କୌଣସି ପ୍ରଫେସରଙ୍କୁ ନରଖି ନିଜେ ଏହି ପ୍ରକଳ୍ପର ପିଆଇଓ ରହିଥିଲେ । ଏହାପରେ ଯୋଜନାବଦ୍ଧ ଭାବେ ସେ ବ୍ୟାଙ୍କରେ ପିଆଇଓଙ୍କ ନାମରେ ଏକ ଆକାଉଣ୍ଟ ଖୋଲି ଉକ୍ତ ଅର୍ଥରାଶିକୁ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରୁ ସେହି ଆକାଉଣ୍ଟକୁ ସ୍ଥାନାନ୍ତର କରାଇ ନେଇଥିଲେ । ପରବର୍ତ୍ତୀ ସମୟରେ ସେ ପୁଣି ବେଆଇନ ଭାବେ ତାଙ୍କ ପୁଅଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୫ ଲକ୍ଷ ଏବଂ ତାଙ୍କ ପତ୍ନୀଙ୍କ ଆକାଉଣ୍ଟକୁ ୪ ଲକ୍ଷ ଟଙ୍କା ପଠାଇଥିଲେ । ତଦନ୍ତ ସମୟରେ ଏହା ଧରାପଡ଼ିବା ପରେ ସେ ବାଧ ହୋଇ ଦୁଇଟି ପର୍ଯ୍ୟାୟରେ ୨୯ ଲକ୍ଷ ଟଙ୍କା ଫେରାଇଥିଲେ । ତେବେ, ସେ ଚାକିରିରୁ ଇସ୍ତଫା ଦେବାପରେ ବି ଏପର୍ଯ୍ୟନ୍ତ ପିଆଇଓ ଆକାଉଣ୍ଟରେ ଥିବା ୩,୪୩,୭୮୩ ଟଙ୍କା ବିଶ୍ୱବିଦ୍ୟାଳୟକୁ ଫେରସ୍ତ କରିନାହାନ୍ତି ।

ଏହି ବକେୟା ଟଙ୍କା ଫେରସ୍ତ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର ମିତ୍ତଲଙ୍କୁ ଚିଠି ଲେଖାଯାଇଥିଲା । ଗତ ଅକ୍ଟୋବର ୨୮ ତାରିଖରେ ଏ ସଂପର୍କରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଚିଠି ଦେଇଥିବା ବେଳେ ଗତ ନଭେମ୍ବର ୧୨ରେ ପ୍ରଫେସର ମିତ୍ତଲ ଏହାର ଉତ୍ତର ରଖିଥିଲେ । ବିଶ୍ୱବିଦ୍ୟାଳୟ ପ୍ରଶାସନ ପୁଣି ଗତ ୧୯ ତାରିଖରେ ଚିଠି ଲେଖି ୨୯ ଲକ୍ଷ ଟଙ୍କାର ସୁଧ ଏବଂ ସୁଧ ସହିତ ବକେୟା ୩,୪୩,୭୮୩ ଟଙ୍କା ଫେରସ୍ତ କରି ନ ଥିବାରୁ କାହିଁକି ଥାନାରେ ଏତଲା ଦିଆଯିବ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଏହାର ଜବାବ ୭ ଦିନ ମଧ୍ୟରେ ରଖିବାକୁ ପ୍ରଫେସର ମିତ୍ତଲଙ୍କୁ କୁହାଯାଇଥିଲା । ଚିଠି ପାଇବା ପରେ ପ୍ରଫେସର ମିତ୍ତଲ ଏହାର ଜବାବ ରଖିଥିଲେ ହେଁ ଟଙ୍କା ଦେବାକୁ ମନା କରିଦେଇଛନ୍ତି । ସେ ସ୍ୱଚ୍ଛ ବିଦ୍ୟାଳୟ ପ୍ରକଳ୍ପ ଅଭିଯାନରେ ଟଙ୍କା ଖର୍ଚ୍ଚ କରିଦେଇଥିବାରୁ ଫେରାଇ ପାରିବେ ନାହିଁ । ବରଂ, ସଂପୃକ୍ତ ସଂସ୍ଥାକୁ ବକେୟା ଅର୍ଥର ବିନିଯୋଗ ପ୍ରମାଣପତ୍ର ଦେବେ ବୋଲି କହିଛନ୍ତି । ଏହାପରେ ବିଶ୍ୱବିଦ୍ୟାଳୟ ପ୍ରଶାସନ ଥାନାରେ ଏତଲା ଦେବାକୁ ଚେତାବନୀ ଦେଇଥିବାରୁ ଏବେ କି ପଦକ୍ଷେପ ନେବ, ତା' ଉପରେ ସମସ୍ତଙ୍କ ନଜର ରହିଛି ।

ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ଆସନ୍ତା ମାସରେ ହେବାକୁ ଥିବା ସିଣ୍ଡିକେଟ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଧର୍ମଶାଳା, ୨୮/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ବରାଳ ମେଡିସିନ ଷ୍ଟୋର ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଏହି ଶିବିରରେ କଟକର ବିଭିନ୍ନ ବିଭାଗର ବହୁ ବରିଷ୍ଠ ଡାକ୍ତର ଯୋଗଦେଇ ରୋଗୀମାନଙ୍କୁ ପରୀକ୍ଷାନିରୀକ୍ଷା କରିବା ସହିତ ଔଷଧ ସେବନ ପାଇଁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଂଚଳରୁ ଶହଶହ ସଂଖ୍ୟାରେ ରୋଗୀ ଏହି ଶିବିରରେ ପଂହଚି ଅଭିଜ୍ଞ ଡାକ୍ତରଙ୍କଠାରୁ ପରାମର୍ଶ ନେଇଥିଲେ ।

# ଗୋଟିଏ ରାତିରେ କ୍ରମାଗତ ୩ଟି ଘରୁ ଚୋରି : ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିମ ଦ୍ୱାରା ପୁଲିସର ତଦନ୍ତ

କୋରେଇ, ୨୮/୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଓ କରଦା ପଂଚାୟତର ଖୋସାଲପୁର ଓ ବର୍ତମଣା ଗ୍ରାମରେ ଶନିବାର ବିଳମ୍ବିତ ରାତ୍ରୀରେ ଚୋରି ହୋଇଛି । ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ୨୮୯/୨୨ ରୁଜୁ କରି ସନ୍ଧାନୀ କୁମୁର ଓ ସାଇଂଟିଫିକ ଟିମକୁ ନେଇ ତଦନ୍ତ ଜାରି ରଖିଛି । ପ୍ରକାଶଯେ ଅଭିଯୋଗ ମୁତାବକ ପଥରପଦା ପଂଚାୟତ ଖୋସାଲପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ଅଜୟ ସାହୁଙ୍କ ଅଭିଯୋଗ ମୁତାବକ ରବିବାର ସକାଳୁ ଉଠି ଦେଖିବା ବେଳକୁ କେହି ଦୃବୃତ ତାଙ୍କ ଘରେ ପଶି ତାଙ୍କ ଆଲମାରୀ ପାଖରେ ଥିବା ନଗଦ ୧୩ହଜାର ୭ଶହ ଟଙ୍କା ଚୋରି ହେବା ସହ ତାଙ୍କ ଧାନକଟା ମେସିନ ଡ୍ରାଇଭରର ମୋବାଇଲ ଚୋରି କରିଛି । ତାଙ୍କ ପଡୋଶୀ ବାବୁଲି ମଳିକଙ୍କ ପୁଅ ମଧୁ ମଳିକଙ୍କ ଘରୁ ନଗଦ ୧୩ ହଜାର ଟଙ୍କା ଓ ତାଙ୍କ ଝିଅର ସୁନା କାନଫୁଲ, ମଙ୍ଗଳସୂତ୍ର ଓ ଲକେଟ ଚୋରି କରିଛନ୍ତି । ଏଥି ସହିତ ବର୍ତମଣା ଗ୍ରାମର ନବ ମଳିକଙ୍କ ପୁଅ ରଘୁ ମଳିକଙ୍କ ଘରେ ପଶିଥିଲେ ହେଁ କେବଳ ଗୋଟିଏ ମୋବାଇଲ ଚୋରି କରିବାରେ ସକ୍ଷମ ହୋଇଛନ୍ତି । ଅଭିଯୋଗ ପରେ ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶରେ ଏଏସଆଇ ପିକେ ଗଡନାୟକ ଘଟଣାସ୍ଥଳେ ପହଂଚି ଯାଂଚ କରିଛନ୍ତି ଫେରିଥିଲେ । ଅପରାହ୍ନରେ ଶ୍ରୀ ଗଡନାୟକଙ୍କ ସହ ଏଏସଆଇ ଉଦୟନାଥ ସୋରେନ ସଦଳବଳେ ଘଟଣାସ୍ଥଳେ ପହଂଚିଥିଲେ । ପରେ ସନ୍ଧାନୀ କୁକୁର ଓ ସାଇଂଟିଫିକ ଟିକ ଘଟଣାସ୍ଥଳେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ସନ୍ଧାନୀ କୁକୁର ପାଣିକୋଇଲି ଅମୃତିଆ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆସି ଅଟକି ରହିଥିଲା । ତଦନ୍ତ ଜାରି ଥିବା ବେଳେ ଚୋର କିମ୍ବା ଚୋରି ସାମଗ୍ରୀର କୌଣସି ସୁରାଗ ମିଳିପାରି ନାହିଁ । ବାରମ୍ବାର ଚୋରି ବଢୁଥବାରୁ ସାଧାରଣରେ ଆତଙ୍କ ଖେଳି ଯାଇଛି ।

# ପ୍ରସ୍ତାବରେ ରହିଗଲା ୩୦୦ କୋଟିର ସିସି କ୍ୟାମେରା ଯୋଜନା

ରାଉରକେଲା, ୨୮/୧୧ (ନି.ପ୍ର): ହକି ବିଶ୍ୱକପ୍ ପାଇଁ ଚକାଚକ୍ ହେଉଥିବା ସ୍ମାର୍ଟସିଟି ରାଉରକେଲାରେ ସୁରକ୍ଷା ବ୍ୟବସ୍ଥା ପ୍ରତି କାହାରି ନଜର ନଥିବା ଭଳି ମନେ ହେଉଛି । ରାଉରକେଲାରେ ପାଖାପାଖି ୩୦୦ କୋଟି ଟଙ୍କାର ସିସି କ୍ୟାମେରା ଓ ଆରଏଲ୍ଡି ସିଗ୍ନାଲ ବ୍ୟବସ୍ଥା ଖଞ୍ଜିବାର ପୁରୁଣା ପ୍ରସ୍ତାବ ଦେହି ପ୍ରସ୍ତାବରେ ରହିଯାଇଛି । ଆଉ ମାତ୍ର ଦେଢ଼ମାସ ପରେ ହେବାକୁ ଯାଉଛି ବିଶ୍ୱକପ୍ ହକି । କିନ୍ତୁ ଏଯାଏଁ ଏ ଦିଗରେ ସ୍ମାର୍ଟ ସିଟି ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ । ନିଆଯିବ କି ନାହିଁ, କାହାକୁ ଜଣା ନାହିଁ । ଅବଶ୍ୟ ରାଉରକେଲା ଜିଲ୍ଲା ପୁଲିସ ସହରର କେତୋଟି ପ୍ରମୁଖ ଜାଗାରେ ସିସି କ୍ୟାମେରା ଲଗାଇଛନ୍ତି । କିନ୍ତୁ ଅଧିକାଂଶ ଜାଗାରେ କ୍ୟାମେରା କାମ କରୁ ନଥିବା ଅଭିଯୋଗ ହେଉଛି । ଆରଏଲ୍ଡି ସିଗ୍ନାଲ ବ୍ୟବସ୍ଥାରେ ମଧ ସେହି ସମାନ ସ୍ଥିତି ଉପୁଜିଛି । ଏହି ଦୁଇଟି ବ୍ୟବସ୍ଥା ସ୍ମାର୍ଟସିଟି ପ୍ରକଳ୍ପ ତାଲିକାରେ ରହିଥିଲେ ହେଁ କାହିଁକି କେଜାଣି ଏହାକୁ କାର୍ଯ୍ୟକାରୀ କରାଗଲା ନାହିଁ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସହରରେ ପ୍ରତିଦିନ ଘଟୁଥିବା ଅନେକ ଅପରାଧର ନିୟନ୍ତ୍ରଣରେ ସିସିଟିଭିର କୌଣସି ଭୂମିକା ଏଯାଏ ଦେଖା ଯାଇନାହିଁ । ଏହା ବ୍ୟତୀତ ରାଉରକେଲା ଜିଲ୍ଲା ପୁଲିସ ସହରର ୮୦ରୁ ଅଧିକ ସ୍ଥାନରେ ସିସି କ୍ୟାମେରା ଲଗାଇବାକୁ ଯୋଜନା ରହିଥିଲା । ତାହା ମଧ ଏଯାଏ କାର୍ଯ୍ୟକାରୀ ହେଲାନାହିଁ । ହକି ବିଶ୍ୱକପ୍ ପୂର୍ବରୁ ହେବ କି ନାହିଁ, ଜଣା ନାହିଁ । ସିସି କ୍ୟାମେରାର ଆବଶ୍ୟକତା ବର୍ତ୍ତମାନ ପୂର୍ବ ଅପେକ୍ଷା ଅଧିକ ଅନୁଭୂତ ହେଉଛି । ବିଶ୍ୱକପ୍ ପାଇଁ ସହରର ବିଭିନ୍ନ ସ୍ଥାନରେ ସେ ?ଖୀନ ଆଲୋକ, ମୂଲ୍ୟବାନ ବୃକ୍ଷ ତଥା ପ୍ରତିମୂର୍ତ୍ତି ସ୍ଥାପନ କରା ଯାଉଛି । ମୂଳରୁ ଅସାମାଜିକ ତତ୍ତ୍ୱମାନେ ତାହାକୁ ଚୋରି କରିବାକୁ ଉଦ୍ୟମ କରୁଥିବା ଦେଖା ଗଲାଣି । ସିସି କ୍ୟାମେରା ଲାଗିଥିଲେ ଅନ୍ତତଃ ଏଗୁଡ଼ିକୁ କିଛିଦିନ ଯାଏ ସୁରକ୍ଷିତ ରଖି ହୁଅନ୍ତା । ସହରର ବିକାଶରେ ସ୍ମାର୍ଟସିଟି ପକ୍ଷରୁ ପାଣି ବୋହିଲା ପରି ଅର୍ଥ ଖର୍ଚ୍ଚ ହେଲା । ହେଉଛି ମଧ । କିନ୍ତୁ ସୁରକ୍ଷା ଦିଗରେ ସ୍ମାର୍ଟସିଟି ପକ୍ଷରୁ ଟଙ୍କାଟିଏ ଖର୍ଚ୍ଚ ହେଲା ନାହିଁ । ରାଉରକେଲା ସହର ଉପରେ ସର୍ବଦା ଝାଡ଼ଖଣ୍ଡ ଓ ବିହାରୀ ଅପରାଧୀଙ୍କ ନଜର ରହିଛି । ଅନେକ ସମୟରେ ଲୁଟ୍, ଡକାୟତି ପରି ବଡ ବଡ ଅପରାଧିକ ଘଟଣା ଘଟୁଛି । ଆନ୍ତଃରାଜ୍ୟ ଡକାୟତମାନେ ଅପରାଧ ଘଟାଇ ସହଜରେ ଖସି ଯାଉଛନ୍ତି । ପୁଲିସ ସେମାନଙ୍କ ଟେର ପାଉନି । ସିସି ଟିଭି ନଥିବାରୁ ଏମାନଙ୍କ ଗତିବିଧି ଉପରେ ନଜର ରଖାଯାଇ ପାରୁନି । ବିଗତ ଦିନରେ ବ୍ୟାଙ୍କ, ସୁନା ଋଣ ବ୍ୟାଙ୍କ, ବ୍ୟବସାୟୀଙ୍କ ଘରୁ ବଡ ଧରଣ ଡକାୟତ ହୋଇଛି । ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଧରାଯାଇ ପାରିନି । ଉଲ୍ଲେଖଯୋଗ୍ୟ, ସହରର ପାନପୋଷ ଗାନ୍ଧିଛକ, ଏସ୍ଟିଆଇ, ଆଇଟିଆଇ, ସିଭିଲଟାଉନସିପ୍, ଉଦିତନଗର, ଡେଲିମାର୍କେଟ, ମଧୁସୂଦନ ଛକ, ରାଉରକେଲା ନୂଆ ବସ୍ଷ୍ଟାଣ୍ଡ ଚତୁଃପାର୍ଶ୍ୱ, ଟ୍ରାଫିକ୍ ଗେଟ୍ରେ ସିସି ଟିଭି ଲାଗିବାକୁ ଯୋଜନା ରହିଥିଲା । ସେମିତି କଳିଙ୍ଗ ବିହାର, ଏୟାରପୋର୍ଟ ଛକ, ବାସନ୍ତୀକଲୋନି, ଛେଣ୍ଡ କଲୋନି, ରେଲୱେ କଲୋନି, ଟିମ୍ବର କଲୋନି, ବେଦବ୍ୟାସ, କୋଏଲନଗର, ଝିରପାଣି, ବନ୍ଧମୁଣ୍ଡା, ଝିରପାଣି, ହକି ଛକ, ଜଳଦା, ରଙ୍ଗିଲା ଆଦି ୧୧୦ରୁ ଅଧିକ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସିସି ଟିଭି ଲଗାଇବାକୁ ତାଲିକା କରାଯାଇଥିଲା । ଗତ ତିନି ବର୍ଷ ତଳେ, ଅର୍ଥାତ୍ ୨୦୧୯ରେ ଆମେରିକାର 'ହନି ୱେଲ୍' ସମେତ ଅନ୍ୟ ଦୁଇଟି ସଂସ୍ଥାକୁ ପରୀକ୍ଷାମୂଳକ କାମ ଦିଆଯାଇଥିଲା ।

ହନି ୱେଲ୍ ହନୁମାନବାଟିକା ଓ ଅନ୍ୟ ଦୁଇଟି କମ୍ପାନୀ ମ୍ୟୁନସିପାଲ୍ କଲେଜ ସମ୍ମୁଖ ସାରନା ଛକରେ ସିସି କ୍ୟାମେରା ଓ ଆରଏଲ୍ଡ୍ ସିଗ୍ନାଲ ଲଗାଇଥିଲେ । ତିନିଟି ସଂସ୍ଥା ମଧ୍ୟରୁ ଯେଉଁ ସଂସ୍ଥା ଯୋଗ୍ୟ ବିବେଚିତ ହୋଇଥାନ୍ତା, ସେହି ସଂସ୍ଥାକୁ ଉଭୟ ସିସି କ୍ୟାମେରା ଓ ଆରଏଲ୍ଡି ସିଗ୍ନାଲ ଲଗାଇବାକୁ ଦାୟିତ୍ୱ ଦିଆଯାଇଥାନ୍ତା । କିନ୍ତୁ କୌଣସି କାରଣରୁ ସ୍ମାର୍ଟସିଟି ପକ୍ଷରୁ କିଛି ନିଷ୍ପତ୍ତି ନିଆ ଯାଇ ନଥିଲା । ଫଳରେ ତିନି ସଂସ୍ଥା ସେମାନେ ଲଗାଇଥିବା ସିସି କ୍ୟାମେରା ଓ ମେସିନ୍ଗୁଡ଼ିକୁ ନେଇ ଚାଲିଯାଇଥିଲେ । କୁହା ଯାଉଛି ଯେ ଦାୟିତ୍ୱରେ ଥିବା ସରକାରୀ ବାବୁମାନେ ତାଙ୍କ ହାତଗୁଞ୍ଜା ବାବଦରେ ଏତେ ଅଧିକ ଟଙ୍କା ଦାବିକଲେ ଯେ ସେଥିରେ କମ୍ପାନିଗୁଡ଼ିକ ରାଜି ନହୋଇ ଫେରିଗଲେ !

# ଦ୍ୱିତୀୟ ଯୁଧିଷ୍ଠିର ମିଶ୍ର ସ୍ମାରକୀ କପ ଉଦ୍ଘାଟିତ

ବଲାଙ୍ଗିର, ୨୮/୧୧ (ନି.ପ୍ର): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ସ୍ମାରକି ଅନ୍ତଃ ବିଭାଗ କ୍ରିକେଟ କପ୍ ର ଦ୍ୱିତୀୟ ସଂସ୍କରଣ ଆଜି ଉଦଘାଟିତ ହୋଇଯାଇଛି । ଉଦଘାଟନି ମ୍ୟାଚ ଟି ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ବନାମ କମ୍ପ୍ୟୁଟର ବିଜ୍ଞାନ ବିଭାଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ର ନବ ନିର୍ବାଚିତ ସଭାପତି ସ୍ମାରକ ମିଶ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଖେଳ ବିଭାଗ ଅଧକ୍ଷ ଡକ୍ଟର ସଞ୍ଜୟ ସିଂ ଓ ଜିଲ୍ଲା କ୍ରୀଡ଼ା ବିଭାଗ ମୁଖ୍ୟ ପରାସର ବାଗ ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଆୟୋଜକ କମିଟିର ସଭ୍ୟ ଅଙ୍କିତ ସାହୁ, ଅଜିତ ମହାନନ୍ଦ, ଶୁଭେନ୍ଦୁ ସାହୁ, ଅଂଚଳ ପଣ୍ଡା, ସରୋଜ ସାହୁ, କ୍ଷୀତିଚନ୍ଦ୍ର ମନହୀରା, ଚିନ୍ମୟ ବେହେରା, ନୀତିଶ ପଧାନ, ସୌମ୍ୟଜିତ ପଟ୍ଟନାୟକ, ଆଶିଷ ମହାରଣା, ରୋଶନ ପଣ୍ଡା, ଦେବାଶିଷ ସାହୁ, କାହ୍ନୁ ଚରଣ ବୋହିଦାର, ଦିନେଶ ସାହୁ, ନିଗମ କଲତା, ଓମ ରାଉତ, ନାରାୟଣ ସାହୁ, ଗୁଡଲୁ ସାହୁ, ବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡି ତରଫରୁ ହିଙ୍ଗୁଳା ମନ୍ଦିରରେ ସେବା କାର୍ଯ୍ୟ

ଭୁବନ, ୨୮/୧୧ (ନି.ପ୍ର): କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସାଂସଦ ମହେଶ ସାହୁ ପ୍ରତ୍ୟେକ ରବିବାରକୁ ସେବା ଦିବସ ବାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ମତେ ଭୁବନ ନଗର ବିଜେଡି ତରଫରୁ ଗତ ରବିବାର ଦିନ ବଣଚଣ୍ଡୀ ପୀଠ ଓ ଆଜି ହିଙ୍ଗୁଳା ମନ୍ଦିର ପରିସରରେ ସଫେଇ କରାଯାଇଥିଲା । ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଫେଇ କାର୍ଯ୍ୟରେ ଜିଲ୍ଲା ସଂପାଦକ ଅଜୟ ସେଠୀ, ବରିଷ୍ଠ ସଦସ୍ୟ ନରେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ର ସାହୁ, ଜୟଗୁରୁ ପାତ୍ର, କୁଂଜବନ ବେହେରା, ଟିକୁ ନାୟକ, ଦେବେନ୍ଦ୍ର ସାହୁ, ଅନାମ ସାହୁ, ବୁବୁ ବେହେରା ପ୍ରମୁଖ ଯୋଗଦେଇ ସଫେଇ କରିଥିଲେ । ନଗର ବିଜେଡି ର ଏତାଦୃଶ କାର୍ଯ୍ୟକୁ ଜନସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି ।

# ଡକାୟତି ମାମଲା : ଫେରାର୍ ୨ ଅଭିଯୁକ୍ତ ଗିରଫ

ଜୟପୁର, ୨୮/୧୧ (ନି.ପ୍ର): ଜୟପୁର ଟାଉନ ପୋଲିସ ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାମ ଚନ୍ଦ୍ର ଗରଡା ଓ ଫୁଲ ଧର ଗରଡା ।

ପୋଲିସ ସୂଚନା ଅନୁଯାୟୀ, ୨୦୧୮ରେ ଏମାନଙ୍କ ନାମରେ ଡକାୟତି ମାମଲା ରହିଥିଲା । ସେହି ଦିନ ଠାରୁ ଦୁଇ ଅଭିଯୁକ୍ତ ଭାଇ ଫେରାର ଥିବା ବେଳେ ଆଜି କାଉ ଡମ୍ବ ସାହିରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବନ୍ଦ ହେଲାନି କଟ୍ନି ଛଟ୍ନି : ବଢୁଛି ଚାଷୀ ଅସନ୍ତୋଷ

ସମ୍ବଲପୁର, ୨୮/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିବାର ଦିନକ ପୂର୍ବରୁ ଆଜି ଚାଷୀମାନେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଓ ଡିଆରସିଏସ୍କୁ ଭେଟିଥିଲେ । ଧାନ ସଂଗ୍ରହ ସମୟରେ ଯେମିତି ଚାଷୀମାନଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ନପଡ଼େ, ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ । ଚାଷୀମାନଙ୍କର କୌଣସି ଅସୁବିଧା ହେଲେ ପରିଣାମ ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲେ । ଏହା ସତ୍ତ୍ୱେ ଜିଲ୍ଲାରେ ମିଲ୍ ମାଲିକଙ୍କ ମନ୍ମାନି ଚାଲିଛି । ଏହାକୁ ନେଇ ଆଜି ଚାଉଁରପୁରଠାରେ ଅନୁଷ୍ଠିତ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ଯୁବବାହିନୀର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଜି କୃଷକ ସଂଗଠନର ଉପସଭାପତି ଉମେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଧାନ ସଂଗ୍ରହ ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ମଣ୍ଡି ଖୋଲିବା ପୂର୍ବରୁ ଜିଲ୍ଲାର ମିଲ୍ଗୁଡ଼ିକୁ ଧାନ ପଶିବା ଆରମ୍ଭ ହୋଇଥିଲା । ଗତ ୧୪ ତାରିଖ ଦିନ ସାନସିଂହାରୀ ଓ ରଘୁନାଥପାଲି ନିକଟରୁ ୪ଟି ଧାନ ବୋଝେଇ ଗାଡ଼ିକୁ ସ୍ଥାନୀୟ ଚାଷୀମାନେ ଅଟକାଇଥିଲେ । ସେହି ଗାଡ଼ିଗୁଡ଼ିକରୁ ୩୦୬.୭୬ କୁଇଣ୍ଟାଲ ଧାନ ଜବତ ହୋଇଥିଲା । ଏହି ରାସ୍ତାରେ ଥିବା ୩ଟି ମିଲ୍ ?କୁ ତାହା ଯାଉଥିବା ସନ୍ଦେହ କରାଯାଉଛି । ଏପଟେ ସମ୍ବଲପୁର ଜିଲ୍ଲାରେ ଧାନ ସଂଗ୍ରହ ୨୫ ପ୍ରତିଶତ ବି ସରିନଥିବା ବେଳେ ବାହାର ଜିଲ୍ଲାରୁ ଧାନ ସମ୍ବଲପୁରର ମିଲ୍ଗୁଡ଼ିକୁ ଆସିବା ଜାରି ରହିଛି । ନିକଟରେ ବୈଜାମୁଣ୍ଡା ପାଖ ଏକ ରାଇସ୍ ମିଲ୍ରେ ସୁନ୍ଦରଗଡ଼ ଜିଲ୍ଲାର ଏକ ଧାନ ବୋଝେଇ ଗାଡ଼ି ଥିବା ଚାଷୀମାନେ ଧରିଥିଲେ । ଯେଉଁ ମିଲ୍ଗୁଡ଼ିକ ସମ୍ମୁଖରେ ଧାନ ବୋଝେଇ ଗାଡ଼ି ଜବତ ହୋଇଥିଲା, ସଂପୃକ୍ତ ମିଲ୍ଗୁଡ଼ିକୁ କଷ୍ଟମ ମିଲିଂ ଦାୟିତ୍ୱରୁ ବାଦ୍ ଦେବାକୁ ଚାଷୀମାନେ ଦାବି କରିଥିଲେ । ପ୍ରଶାସନ କିନ୍ତୁ କିଛି ଶୁଣୁ ନାହିଁ । ଏପଟେ ମିଲ୍ ମାଲିକମାନେ କଟ୍ନି ଛଟ୍ନି ଜାରି ରଖିଛନ୍ତି । ଚାଷୀମାନଙ୍କ ବିରୋଧ ସତ୍ତ୍ୱେ ମନଇଚ୍ଛା କଟ୍ନି ଛଟ୍ନି ଚାଲିଛି । କଷ୍ଟମ୍ ମିଲିଂ ବ୍ୟତୀତ ଧାନ ସଂଗ୍ରହ ପ୍ରକ୍ରିୟାରେ ମିଲ୍ ମାଲିକମାନଙ୍କ ଅନ୍ୟ କୌଣସି ଭୂମିକା ରହେ ନାହିଁ । ରାଜ୍ୟ ସରକାର ଯୋଗାଣ ନିଗମ ଜରିଆରେ ପେକ୍ସ, ଲେମ୍ପସ, ଏସ୍ଏଚ୍ଜି ଯୋଗ ଧାନ କିଣୁଛନ୍ତି । ଆରଏମ୍ସି ତାର ମାନ ନିର୍ଣ୍ଣୟ କରିଥିବା ବେଳେ ମିଲ୍ ମାଲିକମାନେ କଟ୍ନି ଛଟ୍ନି ନାମରେ ଚାଷୀମାନଙ୍କୁ ଶୋଷଣ କରୁଛନ୍ତି । ପୁଣି କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲି ନାହିଁ । ଡିଏଲ୍ସିସି ବୈଠକରେ ବୈଠକରେ କୃଷକ ସଂଗଠନ ପକ୍ଷରୁ ଶୀଘ୍ର ମଣ୍ଡି ଖୋଲିବାକୁ ଦାବି କରାଯାଇଥିଲା । ପ୍ରତ୍ୟେକ ବର୍ଷ ପ୍ରଥମେ ସମ୍ବଲପୁର ସଦର ଉପଖଣ୍ଡରେ ମଣ୍ଡି ଖୋଲିଥାଏ । ସଦର ଉପଖଣ୍ଡରେ ମଣ୍ଡି ଖୋଲିବାର ୭ ଦିନ ପରେ କୁଚିଣ୍ଡା ଉପଖଣ୍ଡ ଏବଂ ଏହାର ପୁଣି ୭ ଦିନ ପରେ ରେଢ଼ାଖୋଲ ଉପଖଣ୍ଡରେ ମଣ୍ଡି ଖୋଲିଥାଏ । କୁଚିଣ୍ଡା ବିଧାୟକ କିଶୋର ନାୟକ କିନ୍ତୁ ଏଥର ସଦର ଉପଖଣ୍ଡ ସହିତ ସମାନ ଦିନରେ କୁଚିଣ୍ଡାରେ ମଣ୍ଡି ଖୋଲିବାକୁ ଦାବି କରିଥିଲେ । ଗୋଟିଏ ଦିନରେ ମଣ୍ଡି ନଖୋଲିଲେ ଚାଷୀମାନଙ୍କୁ ଅଭାବୀ ବିକ୍ରି ସମସ୍ୟାର ସମ୍ମୁଖୀନ ହେବା ନେଇ ବିଧାୟକ ଶ୍ରୀ ନାୟକ ଆଶଙ୍କା ବ୍ୟକ୍ତ କରିଥିଲେ । ତେବେ, କେତେକ ବୈଷୟିକ କାରଣରୁ ସଦର ଉପଖଣ୍ଡ ଖୋଲାଯିବାର ୭ ଦିନ ପରେ କୁଚିଣ୍ଡାରେ ମଣ୍ଡି ଖୋଲାଯିବାର ଆବଶ୍ୟକତା ଉପରେ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ସଦର ଉପଖଣ୍ଡରେ ୨୨ ତାରିଖରେ ମଣ୍ଡି ଖୋଲିଛି । ତେଣୁ, ୨୯ ତାରିଖ ଦିନ କୁଚିଣ୍ଡାରେ ମଣ୍ଡି ଖୋଲାଯିବା କଥା । କିନ୍ତୁ, ସରକାରୀ ସ୍ତରରେ କୁଚିଣ୍ଡା ଉପଖଣ୍ଡରେ ୨ ତାରିଖ ଏବଂ ରେଢ଼ାଖୋଲ ଉପଖଣ୍ଡରେ ୯ ତାରିଖ ମଣ୍ଡି ଖୋଲାଯିବାକୁ ସ୍ଥିର କରାଯାଇଥିବାରୁ ଆଜି କୃଷକ ସଂଗଠନର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

# ବନ୍ଦ କାରଖାନାରେ ରେଲୱେ ସାଇଡିଂକୁ ଭଡ଼ା : ମେସ୍କୋ କର୍ମଚାରୀ, ଶ୍ରମିକଙ୍କ ଅସନ୍ତୋଷ ବଢୁଛି

ଯାଜପୁର, ୨୮/୧୧ (ନି.ପ୍ର): କେନ୍ଦୁଝର ରୋଇଡ଼ା ଖଣିରୁ ବେଆଇନ୍ ଭାବେ ମାତ୍ରାଧିକ ଖନନ ପାଇଁ ପ୍ରାୟ ୯୫୦ କୋଟି ଟଙ୍କା ଜରିମାନା ନଦେବାରୁ ମୋସ୍କୋ କମ୍ପାନି ଚାଲିବା ପାଇଁ ଅନୁମତି (ସିଟିଓ) ମିଳିଲାନାହିଁ । ମାତ୍ର, କମ୍ପାନିର ବେଆଇନ୍ କାରବାର ପାଇଁ ଶହଶହ ପରିବାର ଏବେ ହିନସ୍ତା ହେଉଛନ୍ତି । କଳିଙ୍ଗନଗରସ୍ଥିତ ଏହି କାରଖାନାର ପ୍ରାୟ ୯ ଶହ କର୍ମଚାରୀଙ୍କ ସମେତ ଶହଶହ ଶ୍ରମିକ ବର୍ଷବର୍ଷ ଧରି ଭୋକ ଉପବାସରେ ଦିନ କାଟୁଛନ୍ତି । ୨୦୨୦ ଫେବ୍ରୁଆରି ୧୨ତାରିଖରୁ ଅଢ଼େଇବର୍ଷ ଧରି 'ନୋ ୱାର୍କ ନୋ ପେ ନୀତି'ର ସମ୍ମୁଖୀନ ହେଉଛନ୍ତି । ସେପଟେ, କାରଖାନା ପରିସରରେ ଥିବା ରେଲୱେ ସାଇଡ଼ିଂକୁ ବାହାର ପରିବହନ ସଂସ୍ଥାକୁ ଭଡ଼ାରେ ଦେଇ ଲକ୍ଷଲକ୍ଷ ଟଙ୍କା ମୁନାଫା କରୁଛନ୍ତି କମ୍ପାନି କର୍ତ୍ତୃପକ୍ଷ । ଏହାକୁ ବି ପ୍ରଶାସନ ସବୁଜ ସଙ୍କେତ ଦେଇଛି । ପ୍ରତିବାଦରେ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିଲେ ହେଁ ଅସାଧୁମେଣ୍ଟ ଚାପରେ କର୍ମଚାରୀ ଓ ଶ୍ରମିକଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି । ମିଳିଥିବା ତଥ୍ୟ ମୁତାବକ ସିଟିଓ ନଥିବାରୁ ୨୦୨୦-୨୧ରୁ ମେସ୍କୋ କାରଖାନାକୁ ବନ୍ଦ କରାଯାଇଛି । କେନ୍ଦୁଝର ଜିଲ୍ଲାର ରୋଇଡ଼ା ଖଣିରୁ ବେଆଇନ ଭାବେ ମେସ୍କୋ କମ୍ପାନି ମାତ୍ରାଧିକ ଖନନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପରାମର୍ଶରେ ଖଣି ବିଭାଗର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ବଳରେ କାରଖାନାର ସିଟିଓ ରଦ୍ଦ କରାଯାଇଛି । ଏହାଫଳରେ ୨୦୧୯ ମାର୍ଚ୍ଚରୁ ବ୍ଲାଷ୍ଟ ଫର୍ଣ୍ଣେସ୍ ଓ ଇଲେକ୍ଟ୍ରି ପାୱାରକୁ ବନ୍ଦ କରିଦିଆଯାଇଥିଲା । ସିଷ୍ଟର ପ୍ଲଣ୍ଟ-୧ ଓ ୨କୁ ୨୦୨୦ରୁ ବନ୍ଦ କରାଯାଇଛି । ବନ୍ଦ କାରଖାନା ପରିସରରେ ଥିବା କାରଖାନାର ରେଲୱେ ସାଇଡିଂକୁ ମାତ୍ର ମାସେ ବନ୍ଦ କରି ପୁଣି ସିଟିଓ ପ୍ରଦାନ କରାଯାଇଛି । ମେସ୍କୋ କାରଖାନାର ସମସ୍ତ ୟୁନିଟ୍କୁ ବନ୍ଦ କରାଯାଇ କର୍ମଚାରୀ ଓ ଶ୍ରମିକମାନଙ୍କୁ ଭୋକିଲା ଛାଡ଼ିଦେଇ ରେଲୱେ ସାଇଡିଂକୁ ଆସନ୍ତାବର୍ଷ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ପରିଚାଳନା ପାଇଁ ଅନୁମତି ପ୍ରଦାନ କରାଯାଇଛି । କୋଟିକୋଟି ଟଙ୍କା ଜରିମାନା ଆଦାୟ ହୋଇପାରି ନାହିଁ । ଶହଶହ କର୍ମଚାରୀ ଓ ଶ୍ରମିକ ନିୟମିତ ଆନ୍ଦୋଳନ ଜାରି ରଖିଛନ୍ତି । ଅଥଚ ବାହାର ରାଜ୍ୟର ଏକ ପରିବହନ ଠିକାସଂସ୍ଥାକୁ ରେଲୱେ ସାଇଡିଂ ଭଡ଼ା ଦିଆଯାଇଛି । ପରିବେଶ ମନ୍ତ୍ରାଳୟ ଏଥିପାଇଁ ମଧ ସିଟିଓ ଦେଇଛନ୍ତି । ପ୍ରଶ୍ନ ଉଠୁଛି, ଯଦି ଏକ କମ୍ପାନି ବେଆଇନ କାମ ପାଇଁ ପରିବେଶ, ସରକାର ଓ କର୍ମଚାରୀ କ୍ଷତିଗ୍ରସ୍ତ ହୋଇଛନ୍ତି, ସେହି କମ୍ପାନି ପାଇଁ ପରିବେଶ ବିଭାଗ ଅନୁମତି ଦେଲେ କିପରି ? ଏଭଳି ପ୍ରଶ୍ନ କର୍ମଚାରୀମାନେ କରିବା ସହିତ ଆନ୍ଦୋଳନକୁ ଜୋରଦାର କରିବାକୁ ପୁଣି ଅଣ୍ଟା ଭିଡ଼ିଛନ୍ତି । ସରକାର କାରଖାନା ପରିଚାଳନା ପାଇଁ ସିଟିଓ ମିଳୁନଥିବାରୁ କର୍ମଚାରୀ ପ୍ରାପ୍ୟ ପାଇପାରୁନଥିବା ମିଥ୍ୟା ପ୍ରଚାର କରୁଛନ୍ତି । ଅଥଚ ରେଲୱେକୁ ସିଟିଓ ପ୍ରଦାନ କରାଯାଇଛି, ଯାହାକୁ ନେଇ ଉଭୟ କର୍ମଚାରୀ ଓ ଶ୍ରମିକମାନେ ପ୍ରଶ୍ନ ଉଠାଇଛନ୍ତି ।



# ରୋମାଞ୍ଚକର ସ୍କାଏ ଡ୍ରାଇଭିଂ

ପକ୍ଷୀ ଡେଣା ଝାଡ଼ି ଆକାଶରେ ଉଡ଼ିବାକୁ କିଏ ବା ପସନ୍ଦ ନ କରିବ ! ତେବେ ଉଡ଼ାଜାହାଜରେ ଏମିତି ମଜା ମିଳିପାରେନି । ଏଭଳି ରୋମାଞ୍ଚକର ଅନୁଭୂତି ପାଇବା ଲାଗି ସ୍କାଏ ଡାଇଭିଂ ସବୁଠାରୁ ଭଲ ମାଧ୍ୟମ । ପ୍ରାୟ ୧୦ ହଜାର ଫୁଟ୍ ଉଚ୍ଚରୁ ତଳେ ଥିବା ପୃଥିବୀର ସୌନ୍ଦର୍ଯ୍ୟ ଉପଭୋଗ କରିବା ଏବଂ ପବନରେ ଭାସିବାର ଅନୁଭୂତି ଅବର୍ଣ୍ଣନୀୟ । ଦେଶରେ ସ୍କାଏ ଡାଇଭିଂ ସୁବିଧା ଥିବା ପାଞ୍ଚଟି ସ୍ଥାନ ସମ୍ପର୍କରେ...





**ମହୀଶୁର :-** ଏଠାରେ ଥିବା ଚାମୁଣ୍ଡି ପାହାଡ଼ ସ୍କାଏ ଡାଇଭିଂ ପାଇଁ ପ୍ରଖ୍ୟାତ । ତେବେ ଡାଇଭିଂକୁ ଯିବା ପୂର୍ବରୁ ପ୍ରଥମେ ପ୍ରଶିକ୍ଷଣ ଦିଆଯାଏ । ଏକାକୀ ଚାରିହଜାର ଫୁଟ ଉଚ୍ଚରୁ ପାରାଚୁଟରୁ ଡେଇଁବା ଲାଗି ପୂରା ଗୋଟିଏ ଦିନ କଡ଼ା ପ୍ରଶିକ୍ଷଣ ଭିତରେ ରହିବାକୁ ହୁଏ । ସକାଳ ୭ଟାରୁ ୯ଟା ଭିତରେ ଡାଇଭିଂ କରିପାରିବେ । ଟାଣ୍ଡେମ୍ ଜମ୍ପ୍ ପାଇଁ ଏହି ସ୍ଥାନଟି ଖୁବ୍ ଭଲ । ତିନିଘଣ୍ଟା ପାଇଁ ୩୫ହଜାର ଟଙ୍କା ଫିସ୍ ଧାର୍ଯ୍ୟ କରାଯାଇଛି । ମହୀଶୂରର ସ୍କାଏରାଇଡର୍ସ ଓ୍ୱେବ୍ସାଇଟରେ ଏଥିପାଇଁ ବୁକ୍ କରିବାକୁ ହେବ ।

**ଦୀସା :-** ନୀଳ ଆକାଶ ତଳେ ନୀଳ ଜଳରାଶିରେ ପରିପୂର୍ଣ୍ଣ ହ୍ରଦ ଏଭଳି ପ୍ରାକୃତିକ ଦୃଶ୍ୟ ଏଠାରେ ସ୍କାଏ ଡ୍ରାଇଭିଂର ମଜା ଦ୍ୱିଗୁଣିତ କରିଦିଏ । ଦୀସାଠାରେ ସମସ୍ତ ପ୍ରକାର ଜମ୍ପ୍ ଉପଭୋଗ କରିପାରିବେ । ଗୁଜୁରାଟ ଗ୍ରୀଡ଼ା ପ୍ରଧିକରଣ ଏବଂ ଇଣ୍ଡିଆନ୍ ପାରାଚୁଟିଂ ଫେଡେରେସନ୍ ଏଠାରେ ବିଭିନ୍ନ ସମୟରେ ସ୍କାଏ ଡାଇଭିଂ କ୍ୟାମ୍ପ ଆୟୋଜନ କରିଥାଏ । ଷ୍ଟାଟିକ୍ ଲାଇନ୍ ଜମ୍ପ୍ ପାଇଁ ୧୬, ୫୦୦ଟଙ୍କା, ଟାଣ୍ଡେମ୍ ଜମ୍ପ୍ ଲାଗି ୩୩,୫୦୦ଟଙ୍କା ଏବଂ ଆକ୍ସିଲେରେଟେଡ୍ ଫ୍ରି ଫଲ୍ ଲାଗି ୩୭,୫୦୦ ଟଙ୍କା ଦେୟ ଧାର୍ଯ୍ୟ କରାଯାଇଛି । ସକାଳ ୭ଟାରୁ ଏଠାରେ ସ୍କାଏ ଡାଇଭିଂ ଆରମ୍ଭ ହୁଏ । ଏଥିପାଇଁ ଆଗ୍ରହୀ ଥିଲେ ପ୍ରଥମେ ଇଣ୍ଡିଆନ୍ ପାରାଚୁଟିଂ ଫେଡେରେସନ୍‌ର ଓ୍ୱେବସାଇଟରେ ପଞ୍ଜୀକରଣ କରାଇବାକୁ ହେବ ।



**ପୁଡୁଚେରୀ :-** ପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟ ଭିତରେ ସ୍କାଏ ଡାଇଭିଂ କରବାର ସୁଯୋଗ ଏଠାରେ ରହିଛି । ଏଥିପାଇଁ ସକାଳ ୭ଟାରୁ ୯ଟା ପ୍ରକୃଷ୍ଟ ସମୟ । ଆୟୋଜିତ କ୍ୟାମ୍ପରେ ଷ୍ଟାଟିକ୍ ଲାଇନ୍ ସହିତ ଟାଣ୍ଡେମ୍ ଜମ୍ପ୍ କରିପାରିବେ । ଥରଟିଏ ଷ୍ଟାଟିକ୍ ଜମ୍ପ୍ ପାଇଁ ୧୮ ହଜାର ଟଙ୍କା ଏବଂ ପାଞ୍ଚଥର ଲାଗି ୬୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଟାଣ୍ଡେମ୍ ଜମ୍ପ୍ ଲାଗି ୨୭ହଜାର ଟଙ୍କା ଦେବାକୁ ହୋଇଥାଏ । ଏଠାରେ ପ୍ରତିଯୋଗୀମାନଙ୍କୁ କେବଳ ଆରାମଦାୟକ ଢ଼ିଲା ପୋଷାକ ଏବଂ ସ୍ପୋର୍ଟସ ଜୋତା ଆଣିବାକୁ କହିଥାନ୍ତି । ପୁଡୁଚେରୀରେ ସ୍କାଏ ଡାଇଭିଂ କରିବାକୁ କରୁଥିଲେ ଓ୍ୱଲଟେୟାର ଏସ୍‌କେପେଡ୍ ଥ୍ରିଲସ ଓ୍ୱେବସାଇଟ ଏବଂ ସ୍କାଏରାଇଡର୍ସ, ମହୀଶୂରର ଓ୍ୱେବ୍ସାଇଟରେ ପଞ୍ଜୀକରଣ କରିବାକୁ ହୁଏ ।

**ଆମ୍ବିଭ୍ୟାଲି :-** ମୁମ୍ବାଇ ଏବଂ ପୁନେ ବାସିନ୍ଦାଙ୍କ ପାଇଁ ଏହା ସ୍କାଏ ଡାଇଭିଂର ସବୁଠାରୁ ଚମ୍ତକାର ସ୍ଥାନ । ଦେଶର ବିଭିନ୍ନ ଭାଗରୁ ମଧ ରୋମାଞ୍ଚପ୍ରିୟ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ସକାଳ ଆଠଟାରୁ ଦଶଟା ମଧରେ ଡ୍ରାଇଭିଂ କରାଯାଏ । ଏଠାରେ କେବଳ ଟାଣ୍ଡେମ୍ ଜମ୍ପ୍ ଲାଗି ସୁବିଧା ରହିଛି । ସୋମବାରରୁ ଗୁରୁବାର ୨୦ହଜାର ଟଙ୍କା ଏବଂ ଶୁକ୍ରବାରରୁ ରବିବାର ୨୫ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଏଠାରେ ସ୍କାଏ ଡ୍ରାଇଭିଂ କରିବା ପାଇଁ ୩୬୦ ଗ୍ଲୋବାଲରେ ପଞ୍ଜୀକରଣ କରାଇବା ଜରୁରୀ । ଆରାମଦାୟକ ଢ଼ିଲା ପୋଷାକ ଓ ସ୍ପୋର୍ଟସ ଜୋତା ନିଜ ସହିତ ଆଣିବାକୁ ପଡ଼େ ।

**ଧାନା :-** ରାଜଧାନୀ ଭୋପାଳଠାରୁ ୧୮୬ କିଲୋମିଟର ଦୂର ଧାନାଠାରେ ରୋମାଞ୍ଚକର କ୍ରୀଡ଼ାପ୍ରିୟ ବ୍ୟକ୍ତିଙ୍କ ଲାଗି ଏକାଧିକ ସ୍କାଏ ଡାଇଭିଂ କ୍ୟାମ୍ପ ବର୍ଷର ବିଭିନ୍ନ ସମୟରେ ଆୟୋଜିତ ହେଶଇଥାଏ । ୪୦୦୦ଫୁଟ ଜମ୍ପରେ ଅଧିକ ଫ୍ରି ଫଲ ଟାଇମ୍ ମିଳୁନଥିଲେ ମଧ ବିନା ସହାୟତାରେ ଉଡଣଣ କରିବା ଭଳି ଖୁସି ପାଇବାରିବେ । ଭାଗ ନେଉଥିବା ବ୍ୟକ୍ତି ଷ୍ଟାଟିକ୍ ଲାଇନ୍ କିମ୍ବା ଟାଣ୍ଡମ୍ ଜମ୍ପ୍ ମଧ୍ରୁ ଗୋଟିକୁ ବାଛିପାରନ୍ତି । ପ୍ରଥମ ଜମ୍ପରେ ସେମାନେ ୪୦୦୦ଫୁଟ ଉଚ୍ଚରୁ ଏକାକୀ ଡେଇଁବା ପରେ ବିମାନରେ ଲାଗିଥିବା ଷ୍ଟାଟିକ୍ ଲାଇନ୍ ସହାୟତାରେ ପାରାଚୁଟ୍ ଆପେ ଖୋଲିଯାଏ ।

## ସ୍କାଏ ଡାଇଭିଂର ପ୍ରକାର

**ଟାଣ୍ଡେମ୍ ଜମ୍ପ୍ :-** ଏହା ସବୁଠାରୁ ସରଳ ପ୍ରକାର । ଏଥିରେ ଜଣେ ପ୍ରଶିକ୍ଷକଙ୍କ ସହ ଗୋଟିଏ ପାରାଚୁଟରେ ଜମ୍ପ୍ କରିବାକୁ ହୁଏ । ସେ ହିଁ ପାରାଚୁଟ୍ର ରସି ଟାଣି ଖୋଲିଥାନ୍ତି । ଏହି ଜମ୍ପ୍ ଲାଗି ଭାଗ ନେଉଥିବା ବ୍ୟକ୍ତିଙ୍କୁ କେବଳ କେତେକ ସାଧାରଣ ସୂଚନା ଜଣାଇ ଦିଆଯାଏ ।


**ଷ୍ଟାଟିକ୍ ଲାଇନ୍ ଜମ୍ପ୍ :-** ଏହି ପ୍ରକାରାରେ ଡେଉଁଥିବା ବ୍ୟକ୍ତିଙ୍କୁ ଉଡ଼ାଜାହାଜ ସହିତ ଏକ କର୍ହରେ ସଂଯୁକ୍ତ କରିଦିଆଯାଏ । ଫ୍ରି ଫଲର ୩ସେକେଣ୍ଡେ ମଧରେ ପାରାଚୁଟ୍ ଆପେ ଖୋଲିଯାଏ । ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କିଛି କରିବାକୁ ହୁଏ ନାହିଁ । ଏହି ଜମ୍ପ୍ ମାତ୍ର ୩ହଜାର ଫୁଟ୍ ଉଚ୍ଚତା ମଧରେ ହେଶଇଥାଏ । ଏବଂ ଏଥିପାଇଁ ୬ଘଣ୍ଟାର ପ୍ରଶିକ୍ଷଣ ନେବା ଜରୁରୀ ।

**ଆକ୍ସିଲେରେଟଡ୍ ଫ୍ରି ଫଲ :-** ଏଭଳି ରୋମାଞ୍ଚ ପାଇଁ ହୃଦୟ ସେତିକି ସଶକ୍ତ ହୋଇଥିବା ଜରୁରୀ । ଏଥିରେ ହିଁ ସ୍କାଏ ଡାଇଭିଂର ପ୍ରକୃତ ଅନୁଭୂତି ମିଳିଥାଏ । ଏହା ପ୍ରାୟ ୧୩ହଜାର ଫୁଟ ଉଚ୍ଚତାରୁ ଏହା ପ୍ରାକରାଯାଏ । ସାଙ୍ଗରେ ପ୍ରଶିକ୍ଷକ ଯିବା କିମ୍ବା କର୍ଡ ପରି କୌଣସି ବ୍ୟବସ୍ଥା ନଥାଇ ଏପରି ସ୍କାଏ ଡ୍ରାଇଭିଂ କରିବା ଲାଗି କ୍ଲାସରୁମ୍ ସହିତ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି । ବିନା ପ୍ରଶିକ୍ଷଣରେ ଏହି ଡାଇଭିଂ କରିପାରିବେ ନାହିଁ ।

# ଶୁଦ୍ଧ ହଳଦୀର ପ୍ୟାକ୍ ତ୍ୱଚାରେ ଚମକ ଆଣେ

ରୋଗପ୍ରତିରୋଧକ ବଢ଼ାଇବାରେ ସହାୟକ ହଳଦୀ ଆମ କେଶ ଓ ତ୍ୱଚାକୁ ମଧ ପୋଷଣ ଯୋଗାଏ । ପ୍ରାଚୀନ ସମୟରୁ ଭାରତୀୟ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ହଳଦୀ ବ୍ୟବହାର କରୁଛନ୍ତି । ଆଜିପର୍ଯ୍ୟନ୍ତ ହଳଦୀର ଆଦର କମିନାହିଁ, ବିଉଟିସିଆନ୍ ଶେହନାଜ୍ ହୁସୈନ୍‌ଙ୍କ ମତରେ ପ୍ରତିଦିନ ବେସନ-ହଳଦୀ-ଦହି ପ୍ୟାକ୍ ଲଗାଇବା ତ୍ୱଚାପାଇଁ ଭଲ ।





- ଶୁଷ୍କ ତ୍ୱଚା କିମ୍ବା ତୈଳୀୟ ତ୍ୱଚାରେ ହଳଦୀ ପ୍ୟାକ୍ ଭଲଭାବେ ପ୍ରଭାବ ଦେଖାଏ । ୧ ବଡ଼ ଚାମଚ ଦହି, ଚିମୁଟାଏ ହଳଦୀ, ଅଧ ଚାମଚ ବେସନ, ଫାଳେ ଲେମ୍ବୁ ରସକୁ ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାଇବେ । ୧୫ ମିନିଟ୍ ପରେ ତ୍ୱଚାକୁ ଭଲରେ ମାଲିସ୍ କରି ଧୋଇବେ । ଦାଗ, ବ୍ରଣ ଦୂର କରିବା ସହ ତ୍ୱଚାରେ ଏଇ ପ୍ୟାକ୍ ଚମକ ଆଣେ ।
- ଅଲିଭ ତେଲ ଅଧ ଚାମଚରେ ଚିମୁଟାଏ ହଳଦୀ ମିଶାଇ ମିହଁରେ ଲଗାଇବେ । ଶୁଖିବା ପରେ ହାତ ଓଦା କରି ମୁହଁକୁ ମାଲିସ୍ କରନ୍ତୁ । ଏଇ ପ୍ୟାକ୍ ସପ୍ତାହକୁ ଥରେ ଲଗାଇବେ । ରଙ୍ଗ ସଫା କରିବା ପାଇଁ ଏକ ପ୍ୟାକ୍ ଲଗାନ୍ତୁ ।
- ହଳଦୀ ଅଧ ଚାମଚ, କଞ୍ଚା କ୍ଷୀର ୨ ଚାମଚ, ମୁଲତାନି ମାଟି ମିଶାଇ ତ୍ୱଚାରେ ଲଗାଇବାର ୧୦ ମିନିଟ୍ ପରେ ଧୋଇନେବେ । ସନ୍-ଟ୍ୟାନ୍ ଦୂର କରିବାରେ ଏହି ପ୍ୟାକ୍ କାମ କରେ ।

# କମ୍ ସମୟରେ ବେଶୀ କାମ ହେବ

ଗୃହିଣୀ ହୋଇଥାନ୍ତୁ ବା କର୍ମଜୀବୀ, ମହିଳାମାନଙ୍କୁ ପରିବାରର ସବୁ ସଦସ୍ୟଙ୍କ ଦାୟିତ୍ୱ ନେବାକୁ ହୋଇଥାଏ । ସକାଳୁ ଏଥିପାଇଁ ଖୁବ ତରବର ହୋଇ କାମ କରିବାକୁ ପଡ଼େ । ଏପରିକି କେତେକ ଜଟିଳ କାମ ବହୁତ ସମୟ ନେଇଯାଏ । ତେଣୁ ଏମିତି ଉପାୟ ସମ୍ପର୍କରେ ଜାଣନ୍ତୁ- ଯାହା ଖୁବ କମ ସମୟରେ ଅଧିକ କାମ କରିଦେଇପାରିବ ଏବଂ ବିଶ୍ରାମ ନେବାକୁ କିଛି ସମୟ ପାଇପାରିବେ ।

ଘରେ ଥିବା ଟମାଟୋ ନରମ ହୋଇଯାଇଥିଲେ ଏହାକୁ ଥଣ୍ଡା ପାଣିରେ ପକାଇ ସେଥିରେ ଚାମଚେ ଲୁଣ ମିଶାଇ ଦିଅନ୍ତୁ । ଟମାଟୋ ସତେଜ ହୋଇଯିବ ।

ରସୁଣରୁ ଚୋପା ଛଡ଼ାଇବାକୁ ଥିଲେ ପ୍ରଥମେ ଏହାର ପାଖୁଡ଼ା ଅଲଗା କରି ସେଥିରେ ଅଳ୍ପ ରିଫାଇନ ତେଲ ଲଗାଇ କିଛି ସମୟ ଖରାରେ ରଖିଦିଅନ୍ତୁ । ଚୋପା ସହଜରେ ଛାଡ଼ିଯିବ ।

ଅଦା ଅଧିକ ଦିନ ସତେଜ ରଖିବା ଲାଗି ଏହାକୁ କୁଣ୍ଡରେ ବାଲି ଭିତରେ ପୋତି ରଖନ୍ତୁ । ଡାଲି, ପରିବା, ଚାଉଳ ଧୋଇବା ପରେ ଏହାର ପାଣି ଫିଙ୍ଗନ୍ତୁ ନାହିଁ । ଏହି ପାଣି ଗଛରେ ଦେଇପାରିବେ । ଡାଲି ଶିଝାଉଥିବା ସମୟରେ କେଇ ଟୋପା ଘିଅ କିମ୍ବା ତେଲ ଏଥିରେ ମିଶାଇ ଦିଅନ୍ତୁ । କମ ସମୟରେ ଶିଝିଯିବ ଏବଂ କୁକରରୁ ବାହାରି ଆସିବ ନାହିଁ ।

# ରେଷ୍ଟୋରାଁରେ ଗ୍ରାହକ ମାଛ ଧରନ୍ତି !



ଜାପାନୀ ଲୋକ ମାଛ ବ୍ୟଞ୍ଜନ ପ୍ରିୟ, ସେମାନଙ୍କ ସୁସ୍ଥ ଜୀବନଶୈଳୀର ଏହା ଅନ୍ୟତମ ରହସ୍ୟ ବୋଲି ବିଶେଷଜ୍ଞଙ୍କ ମତ । ଜାପାନର ଛୋଟରୁ ବଡ଼ ଫୁଡ୍ ମାର୍ଟରେ ସତେଜ ମାଛର ପସରା ଦେଖିବାକୁ ମିଳେ । ମାଛରେ ସେଠା ରେଷ୍ଟୋରାଁରେ ଶତାଧିକ ବ୍ୟଞ୍ଜନ ମେନୁରେ ଥାଏ । କେବଳ ମେନୁ ଓ ସ୍ୱାଦରେ ନୁହେଁ, ବରଂ ବ୍ୟବସାୟିକ ବୁଦ୍ଧିରେ ମଧ ସେମାନେ ଗ୍ରାହକଙ୍କୁ ଆକୃଷ୍ଟ କରିଥାନ୍ତି । ସେଠା ରାଜଧାନୀ ଟୋକିଓରେ ଏକ ବଡ଼ ରେଷ୍ଟୋରାଁ 'ଜାଓ ଫିସିଙ୍ଗ୍ ରେଷ୍ଟୋରାଁ'ଦୈନିକ ଏଇ ରେଷ୍ଟୋରାଁରେ ଶହଶହ ଗ୍ରାହକଙ୍କ ଭିଡ଼ ଲାଗେ । ଖାଦ୍ୟ ତ ଏଠାକାର ବେଶ୍ ସୁଆଦିଆ, ଗ୍ରାହକ ଭିଡ଼ ଲଗାଇବାର କାରଣ ହେଲା ସେମାନେ ନିଜେ ମାଛ ଧରନ୍ତି । ଏକ ଭିନ୍ନ ଡିଜାଇନ୍‌ରେ ତିଆରି ଏଇ ରେଷ୍ଟୋରାଁରେ ଗ୍ରାହକ ବସିବା ସ୍ଥାନ ପାଖରେ ଲମ୍ବା ସାମୁଦ୍ରିକ ଜୀବନ ଏଥିରେ ଚଳପ୍ରଚଳ କରୁଥାନ୍ତି । ଗ୍ରାହକ ନିଜ ମନ ମୁତାବକ ମାଛକୁ ବାଛି ଫିସିଙ୍ଗ୍ ରଡ୍‌ରେ ଧରନ୍ତି । ପରେ ରେଷ୍ଟୋରାଁର ସେଫିଙ୍କ ପାଖକୁ ନେଇ ମାଛ ରନ୍ଧା ମଧ ଦେଖନ୍ତି । ଏଭଳି ସୁବିଧା ପାଇଲେ ଗ୍ରାହକଙ୍କ ଭିଡ଼ ବଢ଼ିବା ସ୍ୱାଭାବିକ । ୨୦୧୬ରେ ରେଷ୍ଟୋରାଁ ଆରମ୍ଭ ହୋଇଥିଲା, କେବଳ ମାଛ ଧରା ସହ ସଜ ମାଛ ରନ୍ଧା ଖାଇବାକୁ ଏଠି ଗ୍ରାହକଙ୍କୁ ଭିଡ଼ ଲାଗେ । ଦେଶ ବିଦେଶରୁ ପର୍ଯ୍ୟଟକ ମଧ ଏଇ ବିଚିତ୍ର ଅନୁଭୂତିର ମଜାନେବା ପାଇଁ ଆସୁଥିବାର ରେଷ୍ଟୋରାଁ ମାଲିକ କହିଛନ୍ତି । ଜାପାନରେ ଏହିଭଳି ସୁବିଧା ଦେଉଥିବା ଏହା ଏକମାତ୍ର ରେଷ୍ଟୋରାଁ । ଅଧିକ ଖର୍ଚ୍ଚ ହେଉଥିବାରୁ ମାଲିକମାନେ ଏସବୁ ଡିଜାଇନ୍ କରିବାକୁ ପସନ୍ଦ କରିନଥାନ୍ତି ।

# ପଞ୍ଚସଖାଙ୍କ ଧ୍ୟାନର ସ୍ଥଳୀ ଧାନକୁଦ

ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ । ଆମ ଓଡ଼ିଶା ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱରେ ପରିଚିତ । ଓଡ଼ିଶାର ପ୍ରାୟ ଅନେକ ସ୍ଥାନରେ ରହିଛି ଜଗନ୍ନାଥଙ୍କ ମନ୍ଦିର । ସେଥି ମଧ୍ୟରୁ ଧ୍ୟାନକୁଦ ଜଗନ୍ନାଥ ମନ୍ଦିର ଅନ୍ୟତମ । ଏହି ମନ୍ଦିରର ଅନେକ ବିଶେଷତ୍ୱ ରହିଛି । କୁହାଯାଏ ପଞ୍ଚସଖା ଏଠାରେ ଧ୍ୟାନ କରୁଥିଲେ । ଭାରତରେ ଯେତେ ସବୁ ରାଜ୍ୟ ରହିଛି ସେଥି ମଧ୍ୟରୁ ମନ୍ଦିର ପାଇଁ ଓଡ଼ିଶା ବେଶ୍ ପରିଚିତ । ଓଡ଼ିଶାରେ ଶହ ଶହ ମନ୍ଦିର ରହିଛି । ଜଗତସିଂହପୁର ଜିଲ୍ଲା ମଧ୍ୟ କେତେକ ପ୍ରସିଦ୍ଧ ମନ୍ଦିର ପାଇଁ ବେଶ୍ ପରିଚୟ ସୃଷ୍ଟି କରିପାରିଛି । ଜିଲ୍ଲାରେ ରହିଛି ମା' ଶାରଳାଙ୍କ ମନ୍ଦିର ଯାହା ପ୍ରାଚୀନ ଯୁଗରୁ ରହିଛି । ବାବା ଗୋରେଖ ନାଥଙ୍କ ମନ୍ଦିର ମଧ୍ୟ ରହିଛି । ଏହି ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି । ଏଠାରେ ବିଶ୍ୱାସ ଅଛିକି ଏଠାକୁ ଆସିଲେ ସମସ୍ତଙ୍କ ମାନସିକ ପୂରଣ ହୋଇଥାଏ । ସେହିପରି ଜିଲ୍ଲାର ବିରିଡ଼ି ବ୍ଲକ୍‌ରେ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ରହିଛି ଧ୍ୟାନକୁଦ ମନ୍ଦିର । ଦେବୀ ନଦୀ ପଠାରେ ଏହି ମନ୍ଦିରକୁ ସ୍ଥାପନ କରାଯାଇଛି । ଏଠାରେ ପୂଜା ପାଆନ୍ତି ପ୍ରଭୁ ଜଗନ୍ନାଥଙ୍କ ସହିତ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା । ଜଗନ୍ନାଥଙ୍କ ଏକ ପ୍ରସିଦ୍ଧ ମନ୍ଦିର ଭିତରେ ଅନ୍ୟତମ । ଏହି ମନ୍ଦିରର ଏପରି ନାମକରଣ ହେବାରେ ବିଶେଷତ୍ୱ ରହିଛି । କୁହାଯାଏ ଯେ ଏଠାରେ ପଞ୍ଚସଖା ମାନେ ଧ୍ୟାନ କରୁଥିଲେ । ତେଣୁ ଧ୍ୟାନ ଶବ୍ଦକୁ ଆଧାର କରି ଧ୍ୟାନକୁଦ ରଖାଯାଇଛି । ଏହି ମନ୍ଦିରର ଡାହାଣ ପାର୍ଶ୍ୱରେ ରହିଛି ମା' ଲକ୍ଷ୍ମୀଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ରହିଛି ବିମଳା ଦେବୀଙ୍କ ମନ୍ଦିର । ମନ୍ଦିରଟି ଦେଖିବାକୁ ଠିକ୍ ରଥ ସଦୃଶ । ପ୍ରତିଦିନ ଏଠାକୁ ଶହ ଶହ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରର ରଥଯାତ୍ରା, ଦୁର୍ଗାପୂଜା, ପଞ୍ଚସଖା ମେଳା ବିଶ୍ୱଶାନ୍ତି ଯଜ୍ଞ, ଅଁଳା ନବମୀ, ମାଘ ସପ୍ତମୀ ଆଦି ପର୍ବ ପର୍ବାଣୀ ପାଳନ କରାଯାଏ । ଏଠାକାର ଆଉ ଏକ ବିଶେଷତ୍ୱ ରହିଛି ଯେଯ ବଳରାମ ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଏବଂ ଯଶୋବନ୍ତ ଦାସ ଏଠାରେ ଧ୍ୟାନ କରୁଥିଲେ । ଏମାନଙ୍କୁ ପଞ୍ଚସଖା ବୋଲି ଜଣାଯାଏ । ପଞ୍ଚଦଶ- ଷୋଡ଼ଶ ଶତାବ୍ଦୀରେ ଏହି




ପାଞ୍ଚଜଣ ଓଡ଼ିଆ କବି ଥିଲେ ଏବଂ ଶହେ ବର୍ଷରୁ ଅଧିକ ସମୟ ପାଇଁ ଲେଖିଥିଲେ । ଏମାନେ ଉତ୍କଳୀୟ ବୈଷ୍ଣବ ଚିନ୍ତାଧାରାକୁ ଅନୁସରଣ କରୁଥିଲେ । ଏହି ମନ୍ଦିର ପରିସରରେ ଏହି ପଞ୍ଚସଖାଙ୍କର ଧ୍ୟାନ କରୁଥିବାର ଏକ ପୀଠ ରହିଛି । ଏତଦ୍ ବ୍ୟତୀତ ଏଠାରେ ଜଗନ୍ନାଥ ଦାସଙ୍କ ପଦ୍ମ କଳ୍ପ ଗ୍ରନ୍ଥ, ଯଶୋବନ୍ତ ଦାସଙ୍କ ଷଷ୍ଠୀ ମେଳା ଗ୍ରନ୍ଥ ଓ ଅନନ୍ତଙ୍କ ସିଦ୍ଧ କଳାଗ୍ରନ୍ଥ ଏବଂ ପଞ୍ଚସଖାଙ୍କ ମିଳିତ ଆଦି ତାଳପତ୍ର ପୋଥି ଏଠାରେ ରହିଛି । ଏହି ପୀଠକୁ ଅରକ୍ଷିତ ଦାସଜୀ ମହାରାଜ ୧୯୮୨ ମସିହାରେ ଆସିଥିଲେ ଏବଂ ୧୯୮୫ ମସିହାଠାରୁ ଏଠାରେ ପଞ୍ଚସଖା ମେଳାର ଆରମ୍ଭ କରିଥିଲେ । ସେହିଦିନଠାରୁ ହିଁ ବାବା ଧ୍ୟାନକୁଦର ପ୍ରଚାର ପ୍ରସାର କରିଥିଲେ । ଏବେ ଏହି ପୀଠ ବାବାଙ୍କ ଜନ୍ମଭୂମି, ସାଧନା ଓ ସିଦ୍ଧିଭୂମିରେ ପରିଣତ ହୋଇଛି । ଏହି ମନ୍ଦିର ଅଷ୍ଟଶମ୍ଭୁ ଶିବ ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଅବସ୍ଥିତ । ଯାହାକି କଟକଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଜଗତସିଂହପୁର






ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୯ ନଭେମ୍ବର ୨୦୨୨, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଉଦ୍ୟମ ଲୋଡ଼ା...

ନଭେମ୍ବର ୨୨ ତାରିଖଠାରୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ଦେଶର ଉତ୍ତରପୂର୍ବ ଭାଗରେ ଅବସ୍ଥିତ ଦୁଇ ରାଜ୍ୟ ଆସାମ ଓ ମେଘାଳୟ-ସେମାନଙ୍କ ମଧ୍ୟରେ ଥିବା ସୀମା ବିବାଦକୁ ନେଇ। ଏହି ଦିନ ଦୁଇ ରାଜ୍ୟର ସୀମାରେ ହୋଇଥିବା ଏକ ଗୁଳିମାଡ଼ ଘଟଣାରେ ମେଘାଳୟ ରାଜ୍ୟର ପାଂଚଜଣ ଗ୍ରାମବାସୀ ନିହତ ହୋଇଥିବାବେଳେ ଆସାମର ଜଣେ ଫରେଷ୍ଟ ଗାର୍ଡ଼ଙ୍କ ପ୍ରାଣହାନୀ ଘଟିଛି ଏବଂ ଆଉ ଦୁଇଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି। ଏଭଳି ଦୁର୍ଭାଗ୍ୟଜନକ ଘଟଣାରୁ ଯେଉଁ ଏକମାତ୍ର ସକାରାତ୍ମକ କଥାଟି ପଦାକୁ ଆସିବା ଭଳି ମନେହୁଏ, ତାହା ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କୌଣସି ପ୍ରକାରର ସଂକୀର୍ଣ୍ଣ ରାଜନୀତିକ ବା ସାମ୍ପ୍ରଦାୟିକ ବୟାନବାଜିର ଆଶ୍ରୟ ନେଇ ନାହାନ୍ତି, ଯଦ୍ଦ୍ୱାରା ଅଶାନ୍ତି ବଢ଼ିବାର ସୁଯୋଗ ପାଇଥାନ୍ତା। ଆସାମୀ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ତାଙ୍କର ମେଘାଳୟ ପ୍ରତିପକ୍ଷ କନ୍‌ରାଡ୍ ସାଙ୍ଗମା ଟେଲିଫୋନ୍ ଯୋଗେ ପରସ୍ପର ସହିତ ବାର୍ତ୍ତାଳାପ କରିଛନ୍ତି ଏବଂ ତା'ପରେ ଗଣମାଧ୍ୟମକୁ ଭାରସାମ୍ୟ ରକ୍ଷା କରି ବାର୍ତ୍ତା ପ୍ରଦାନ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କରିବା ନିମନ୍ତେ ଏକ କମିଟି ନିଯୁକ୍ତ କରିବାକୁ ଚାହିଁଥିବା ବେଳେ ମେଘାଳୟ ମୁଖ୍ୟମନ୍ତ୍ରୀ ସିବିଆଇ ବା ଏନ୍‌ଆଇଏ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି, ଅର୍ଥାତ ଘଟଣାରେ କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ିଛନ୍ତି। ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ମଧ୍ୟରେ ଏହା ହିଁ ପାର୍ଥକ୍ୟ ଥିବା ଭଳି ମନେହୁଏ। ଅପରପକ୍ଷରେ, ଶ୍ରୀଯୁକ୍ତ ସାଙ୍ଗମା କାଠ ଚୋରୀ ବେପାରୀ ଏବଂ ଅସାମାଜିକ ତତ୍ତ୍ୱମାନଙ୍କ ଉପରେ ଦୋଷ ଲଦିଛନ୍ତି, ଯେଉଁମାନେ ତାଙ୍କ ରାଜ୍ୟରେ ପ୍ରବେଶ କରିବା ସହିତ ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗ୍ ଜିଲ୍ଲା ଏବଂ ମେଘାଳୟର ପଶ୍ଚିମ ଜଇନ୍ତିଆ ପାହାଡ଼ିଆ ଜିଲ୍ଲା ମଝିରେ ଥିବା ବିବାଦୀୟ ଅଂଚଳରେ ଉପଦ୍ରବ ସୃଷ୍ଟି କରିବା ଏଭଳି ଘଟଣାର ସୂତ୍ରପାତ କରାଇଥିବା କହିଛନ୍ତି। ସମ୍ପୃକ୍ତ ଅଂଚଳରେ ଅବସ୍ଥିତ ମେଘାଳୟର କେତେକ ଗ୍ରାମରେ ଘଟଣାଟି ଆବେଗିକ କ୍ରୋଧ ସୃଷ୍ଟି କରିଛି। ଆଉ ସମ୍ଭବତଃ ଏହି କାରଣରୁ ଆସାମ ଆଗକୁ ଆସି ନଥିଲେ ସୁଦ୍ଧା ମେଘାଳୟର ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍‌ରେ ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଆସାମର ପଡ଼ୋଶୀ ରାଜ୍ୟ- ଅରୁଣାଚଳ ପ୍ରଦେଶ, ନାଗାଲ୍ୟାଣ୍ଡ, ମେଘାଳୟ ଏବଂ ମିଜୋରାମ ସହିତ ସୀମା ବିବାଦ ଲାଗି ରହିଛି ଏବଂ ଏହା ହୋଇଛି ଉପରୋକ୍ତ ରାଜ୍ୟଗୁଡ଼ିକୁ ଆସାମଠାରୁ ଅଲଗା କରାଯାଇ ସୃଷ୍ଟି କରାଯିବା ପରେ। ତେବେ ମେଘାଳୟ ଏହାର ରାଜ୍ୟ ଗଠନ ପାଇଁ ପଥ ପରିଷ୍କାର କରିଥିବା ଆଇନର ବ୍ୟବସ୍ଥାଗୁଡ଼ିକୁ ସେବେଠାରୁ ବିରୋଧ କରି ଆସୁଛି। ଏହି କାରଣରୁ ଉଭୟ ରାଜ୍ୟଙ୍କ ମଧ୍ୟରେ ରାଜନୀତିକ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ସମୟାନ୍ତରରେ ସୀମାରେ ପ୍ରାୟ ପ୍ରତ୍ୟେକଟି ଛୋଟ ଛୋଟ ଘଟଣା ବଡ଼ ଆକାର ଧାରଣ କରି ଆସିଛି। ବାସ୍ତବ ସ୍ତରରେ ଦୁଇ ରାଜ୍ୟଙ୍କ ମଧ୍ୟସ୍ଥ ଉପରୋକ୍ତ ସୀମାରେ ୧୨ଗୋଟି ବିବାଦୀୟ ସ୍ଥାନ ରହିଛି। ମାର୍ଚ୍ଚ ମାସରେ ଉଭୟ ରାଜ୍ୟ ଏଥିରୁ ଛଅ ଗୋଟିର ସମାଧାନ କରି ସାରିଥିବାବେଳେ ଖୁବ୍‌ଶୀଘ୍ର ଅବଶିଷ୍ଟ ବିବାଦର ସମାଧାନ ନିମନ୍ତେ ଆଲୋଚନା ଆରମ୍ଭ ହେବାକୁ ରହିଛି। ତେଣୁ କେନ୍ଦ୍ରର ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ଯେ ହୁଏତ ଉପରୋକ୍ତ ଘଟଣା ଆପୋଷ ଆଲୋଚନାକୁ ଟାଳି ଦେଇପାରେ। ତେବେ ସାମ୍ପ୍ରତିକ ବାତାବରଣ ପରିପ୍ରେକ୍ଷୀରେ ଆଲୋଚନା ଯଦି ଆରମ୍ଭ ହୁଏ, ତା'ହେଲେ ତାହା କେବଳ ବିଧି ମୁତାବକ ହେବା ଛଡ଼ା କିଛି ଗୋଟାଏ ନିଷ୍କର୍ଷ ବାହାରିବା ଭଳି ନହେବା କିଛି ଅସମ୍ଭବ ନୁହେଁ। ଆଉ ଏହା ହିଁ ପ୍ରଶ୍ନଟିଏ ଜାଗ୍ରତ କରାଏ ଯେ ଆସାମ ଏବଂ ମେଘାଳୟ ଉଭୟ ମିଳିମିଶି ଆପୋଷ ବୁଝାମଣା ଭିତ୍ତିରେ ତିକ୍ତତାର ଅବସାନ ଘଟାଇବେ କି, ବିଶେଷକରି ଏଇଥିପାଇଁ ଯେ ମେଘାଳୟ ଆସାମ ପୁନର୍ଗଠନ ଆଇନ ଉପରେ ହିଁ ପ୍ରଶ୍ନ ଉଠାଇଛି, ଯାହା ଏହାର ସ୍ଥାପନାକୁ ସମ୍ଭବପର କରିଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ସ୍ୱାଧୀନୋତ୍ତର ଭାରତବର୍ଷରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମାକୁ ନେଇ ବିବାଦ ଲାଗି ରହିଛି ଏବଂ ଏଥିପାଇଁ ବେଳେବେଳେ ଭୟଙ୍କର ସଂଘର୍ଷର ମଧ୍ୟ ସୂତ୍ରପାତ ହେଉଛି, ଯାହା ଧନ ଜୀବନ ହାନିର କାରଣ ପାଲଟୁଛି। ଉପରୋକ୍ତ ଦୁଇ ରାଜ୍ୟଙ୍କ ମଧ୍ୟରେ ବିବାଦଗୁଡ଼ିକର ସମାଧାନ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସାମକୁ ନେତୃତ୍ୱ ନେବାପାଇଁ ଆହ୍ୱାନ ଦେଇଛନ୍ତି ଯାହାର ମୂଳ ରହିଛି ସେମାନଙ୍କର ଔପନିବେଶିକ ନକ୍ସାରେ। ତେବେ ସାମ୍ପ୍ରତିକ ସମୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ କୋମଳ କୂଟନୀତି ଜରିଆରେ ବିବାଦଗୁଡିକର ସମାଧାନ କରିବା ନିମନ୍ତେ ଆହ୍ୱାନ ଦିଆଯାଇପାରେ। ଶ୍ରୀଯୁକ୍ତ ସାଙ୍ଗମା ବିଜେପିର ମିତ୍ର ଦଳ ନ୍ୟାସନାଲ ପିପଲସ୍ ପାର୍ଟିର ନେତୃତ୍ୱ ନେଉଥିବା ବେଳେ ଶ୍ରୀଯୁକ୍ତ ଶର୍ମା ହେଉଛନ୍ତି ବିଜେପିର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଯିଏକି ଉତ୍ତରପୂର୍ବ ଭାଗରେ ବିଜେପିକୁ ଦୃଢ଼ ଭାବରେ ପାଦ ଥାପିବା ସହିତ ନିଜକୁ ସମ୍ପ୍ରସାରିତ କରିବାରେ ପ୍ରଭୂତ ସହାୟତା ପ୍ରଦାନ କରିଛନ୍ତି। ଆଶା କରାଯାଏ ଏକ ବୃହତ୍ତର ସ୍ୱାର୍ଥ, ଅର୍ଥାତ ଦୁଇ ରାଜ୍ୟଙ୍କ ମଧ୍ୟରେ ଆଗାମୀ ଆଲୋଚନା କାଳରେ ଅବଶିଷ୍ଟ ଛଅଗୋଟି ବିବାଦୀୟ ପଏଣ୍ଟର ସମାଧାନ କରିବାକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହମନ୍ତ୍ରୀ ନିକଟରେ ଘଟି ଯାଇଥିବା ଘଟଣାର ତଦନ୍ତ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା କରାଇବାର ପ୍ରସ୍ତାବ ଦେଇପାରନ୍ତି ଏବଂ ପରବର୍ତ୍ତୀ ସମୟରେ ଦୁଇ ରାଜ୍ୟଙ୍କ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ଉପୁଜୁଥିବା ଅଶାନ୍ତିର ଅସ୍ତ ଘଟାଇବାକୁ ଉଦ୍ୟମ କରିପାରନ୍ତି।

# ନିର୍ଯାତିତ ବୟସ୍କ ପିତାମାତା

**ଚନ୍ଦ୍ରଶେଖର ମହାନ୍ତି**

ବୟସ୍କ ପିତାମାତାଙ୍କୁ ହଇରାଣ କରି ପାରିବେ ନାହିଁ ପୁଅ ବୋହୂ ବା ଝିଅ। ବରିଷ୍ଠ ନାଗରିକଙ୍କୁ କୌଣସି ପରିସ୍ଥିତିରେ ନିର୍ଯାତନା ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟର ବିଚାରପତି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରର ଗୋଲାପ ମିଶ୍ର ନାମ୍ନୀ ୭୫ ବର୍ଷୀୟା ବୃଦ୍ଧ ନିଜ ପୁଅ ବୋହୂ ଦାୟର ହଇରାଣ ହରକତ କରୁଥିବା ନେଇ ମାମଲା ଦାୟର କରିଥିଲେ। ଗୋଲାପ ନିଜ ଘର କରିଥିବାବେଳେ ପୁଅବୋହୂ ତାଙ୍କୁ ଘରୁ ବାହାର କରି ଦେଇଥିବା ଅଭିଯୋଗ ହୋଇଛି। ଗୋଲାପଙ୍କ ଶ୍ରମ ଓ ଅର୍ଥରେ ତିଆରି ହୋଇଥିବା ଘରୁ ପୁଅବୋହୂଙ୍କୁ ବାହାର କରିବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେବାକୁ ସେ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବୟସ୍କା ମହିଳାଙ୍କ ଯେଭଳି କୌଣସି ଅସୁବିଧା ନ ହେବ ଏବଂ ତାଙ୍କୁ କୌଣସି ପ୍ରକାର ନିର୍ଯାତନା ଯେ ଦିଆ ନଯିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଆଇଆଇଆସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟଙ୍କ ମଧ୍ୟସ୍ଥତା କେନ୍ଦ୍ରରେ ପହଞ୍ଚି ଏହି ସମସ୍ୟାର ଆପୋଷ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ସୂଚନାଥାଉକି ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମକଦ୍ଦମା ପରିଚାଳନା କରୁଛନ୍ତି। ଏହି ମର୍ମରେ ସେହି ମଞ୍ଚେଶ୍ୱର ଥାନାର ଏକ ବହୁ ଚର୍ଚ୍ଚିତ ମକଦ୍ଦୋମା ବିଷୟରେ ଆଲୋଚନା ରଖୁଛୁ। ବାସନ୍ତୀ ଆଚାର୍ଯ୍ୟ ନାମକ ଜଣେ ପରିଣତ ବୟସର ମହିଳା ତାଙ୍କ ସ୍ୱାମୀ ଶଷୀକାନ୍ତ ଓ ସାବତ ପୁଅବୋହୂ ସତ୍ୟଜିତ ଓ ରୀତା ଦ୍ୱାରା ଘରୁ ବିତାଡ଼ିତ ହୋଇ ମଞ୍ଚେଶ୍ୱର ଥାନାକୁ ନ୍ୟାୟ ପାଇବା ପାଇଁ ଯାଇଥିଲେ ହେଲେ ତାଙ୍କ ମକଦ୍ଦମା ଗ୍ରହଣ କରାଗଲା ନାହିଁ। ଆବେଦନକୁ ଥାନା ଆଇଆଇସି ସୁଧିର ସାହୁ ଶୁଣିଲେ ନାହିଁ। କମିଶସନର ମହୋଦୟ ନିର୍ଦ୍ଦେଶ ଦେବା ପରେ ମାମଲା ରୁଜୁ ହେଲା। ବାସନ୍ତୀ ଆଚାର୍ଯ୍ୟ ତାଙ୍କ ସ୍ୱାମୀ ଠାରୁ ଛାଡ଼ପତ୍ର ମାମଲା ନେଇ ଆଇନଗତ ଲଢ଼େଇ ଲଢୁଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ଏହାକୁ ସିଭିଲ କେସ କୁହାଯାଇ ପୋଲିସ ଶଷୀକାନ୍ତ ଆଚାର୍ଯ୍ୟଙ୍କ ଠାରୁ ପଇସା ଖାଇ ତାଙ୍କ ପଟରେ ରହୁଛନ୍ତି। ଭାରତୀୟ ସମ୍ବିଧାନ ବ୍ୟବସ୍ଥାରେ ସିଭିଲ କେସ କ'ଣ ବୁଝା ପଡୁନାହିଁ। ଘରେ ଜଣେ ପରିଣତ ବୟସର ମହିଳା ନଥିବାବେଳେ ତାଙ୍କ ଘର ଓ ସମସ୍ତ ଆସବାସପତ୍ର କବ୍ଜା କରି ସେ ନ୍ୟାୟ ମାଗିଲାବେଳକୁ ତାଙ୍କୁ ପ୍ରକାଶ୍ୟରେ ମାଡ଼ ମାରି ବାହାରକୁ ବିଦା କରାଯାଉଛି। ସତ୍ୟଜିତ ଓ ରୀତା ସବୁ ସୀମାକୁ ଟପି ତାଙ୍କ ପିଠିରେ ଛୁଞ୍ଚି ଫୋଡୁଛନ୍ତି କିନ୍ତୁ ଥାନା ଓ କର୍ତ୍ତୃପକ୍ଷ କହୁଛନ୍ତି ଯେ ଏହା ହେଉଛି ସିଭିଲ କେସ। ଜଣଙ୍କ ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ତାଙ୍କ ସମସ୍ତ ଆସବାସପତ୍ର କବ୍ଜା କରିବା, ତାଙ୍କୁ ମାଡ଼ ମାରିବା, ତାଙ୍କ ପିଠିରେ ବିଷାକ୍ତ ଛୁଞ୍ଚି ଫୋଡ଼ିବା କଉ ସମ୍ବିଧାନରେ କେଉଁ ଦିନ ସିଭିଲ କେସ ଭାବେ ଲେଖା ଯାଇଛି ତାହା ଜଣାପଡୁନି। ନିଜକୁ ସାମାଜିକ ଢ଼ାଲ କରି ସତ୍ୟଜିତ ଓ ରୀତା ସ୍ଥାନୀୟ ସାଂସଦଙ୍କ ସହ ଫଟୋ ଉଠାଇ ପୋଲିସ କର୍ତ୍ତୃପକ୍ଷ ଓ ବାସନ୍ତୀ ଆଚାର୍ଯ୍ୟଙ୍କୁ ଭୟଭୀତ କରିବା ସହ ନିଜ ରାଜନୈତିକ ବାହୁବଳ ଓ ପଣ୍ଡିଆରା ଦେଖାଉଛନ୍ତି। ପରିଣତ ବୟସରେ ଜଣେ ବୟସ୍କ ମହିଳା କିପରି ନିର୍ଯାତିତ ହେଉଛନ୍ତି ତାହା ହେଉଛି ଭାତ ହାଣ୍ଡିରୁ ଗୋଟିଏ। ଆଉ ଶଷୀକାନ୍ତ ଆଚାର୍ଯ୍ୟ ଜଣେ ଶିକ୍ଷାବିତ ହୋଇ ସେ ପୁଅବୋହୂଙ୍କୁ ଏ କ୍ଷେତ୍ରରେ ସମର୍ଥନ ଓ ପୃଷ୍ଠପୋଷକତା କରୁଛନ୍ତି। ସତରେ ଆଇନ କିପରି କେଉଁ ବାଟରେ ଯାଉଛି ଏହା ହେଉଛି ତାର ବଡ଼ ଉଦାହରଣ।

ସରକାରୀ ପରିସଂଖ୍ୟାନ କହୁଛି ଯେ ୨୦୧୭ରୁ ୨୦୨୧ ମଧରେ ରାଜ୍ୟରେ ୧୧ ହଜାର ୨୭୮ ଜଣ ବାଳିକା ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧରୁ ୯୨୦୭ ଜଣଙ୍କୁ ପୁଲିସ ଖୋଜି ପାଇଛନ୍ତି। ଏହି ସମୟ ମଧରେ ୨୧୧୦ ଜଣ ବାଳକ ବି ନିଖୋଜ ହୋଇଯାଇଥିବା ନେଇ ପୁଲିସରେ ଅଭିଯୋଗ ଦରଜ ହୋଇଥିଲା। ସେମାନଙ୍କ ମଧରୁ ୧୭୭୬ ଜଣ ମିଳିଛନ୍ତି। ମହିଳା ନିଖୋଜ ସଂଖ୍ୟା ଯଥେଷ୍ଟ ଅଧିକ। ୪୦ ହଜାର ୫୬୨ଜଣ ମହିଳାଙ୍କ ପତ୍ତା ମିଳୁନଥିବା ନେଇ ଥାନାରେ ଏତଲା ଦିଆଯାଇଥିଲା। ଏମାନଙ୍କ ମଧରୁ ପରବର୍ତ୍ତୀ ସମୟରେ ୧୭ ହଜାର ୭୪୦ଜଣ ମିଳିଛନ୍ତି। ଇତିମଧରେ ବାଳିକା ହୁଅନ୍ତୁ ବା ବାଳକ ଆଉ କିଛି ମିଳିଥିବେ ବୋଲି ଆଶା କରାଯିବା କଥା। ତଥାପି ନିଖୋଜ ନାବାଳକ, ନାବାଳିକା ଏବଂ ମହିଳାଙ୍କ ସଂପର୍କରେ ପୁଲିସ ଠୋସ ରଣନୀତି ଆପଣାଇବାର ବେଳ ଆସିଛି। ଗତବର୍ଷ ନ୍ୟାସନାଲ କ୍ରାଇମ ବ୍ୟୁରୋ ରିପୋର୍ଟରେ ଅନେକ ଲଜ୍ଜାଜନକ ତଥ୍ୟ ସାମ୍ନାକୁ ଆସିଥିଲା। ମହିଳା ନିର୍ଯାତନା ଓ ଯୌନ ଶୋଷଣ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଆସାମ ପରେ ଦ୍ୱିତୀୟ ସ୍ଥାନରେ। ଅସଦାଚରଣ ମାମଲାରେ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶକୁ ପଛରେ ପକାଇଦେଇଛି ଓଡ଼ିଶା। ଅବସ୍ଥାରେ କୌଣସି ପରିବର୍ତ୍ତନର ସଙ୍କେତ ନାହିଁ। ଦୁଷ୍କର୍ମ ପରେ ହତ୍ୟା ମାମଲାରେ ଓଡ଼ିଶାର ସ୍ଥାନ ଦେଶରେ ପଞ୍ଚମ। ଏହିସବୁ ତଥ୍ୟ ଓଡ଼ିଶା ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଏଥିରେ ସନ୍ଦେହ ନାହିଁ। ଓଡ଼ିଶା ପାଇଁ ଗର୍ବ କରିବା ପାଇଁ କିଛି ନାହିଁ। ଯେତେବେଳେ ସରକାର ଅଧିକ ପ୍ରଚାର ସର୍ବସ୍ୱ ହୋଇପଡ଼ନ୍ତି, ସେତେବେଳେ ନଗ୍ନ ସତ୍ୟକୁ ଘୋଡ଼ାଇ ରଖିବା ନିମନ୍ତେ ଅଧିକ ତତ୍ପର ହେବା ସ୍ୱାଭାବିକ। ଓଡ଼ିଶା ଏହାର ଜ୍ୱଳନ୍ତ ନମୁନା। ପ୍ରଚାରରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ। ଓଡ଼ିଶା ମଡ଼େଲ ବିଶ୍ୱ ପାଇଁ ଅନୁକରଣୀୟ। ଆର୍ଥିକ ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଉଦାହରଣ। ଏସବୁ ପ୍ରଚାର ଯାଦୁ ସରକାରଙ୍କୁ ଏବଂ ସରକାରୀ ଦଳକୁ ଏହା ବେଶ ସୁହାଉଛି।

ଭାତ ହାଣ୍ଡିରୁ ଗୋଟିଏ ପରି ଉଦାହରଣ ଉପସ୍ଥାପନ କରୁଛୁ। ବାସନ୍ତୀ ଆଚାର୍ଯ୍ୟ ନାମକ ଜଣେ ପରିଣତ ବୟସର ମହିଳା ଯିଏକି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ, ତଳ ସବର ସାହିରେ ରୁହନ୍ତି। ତାଙ୍କ ସ୍ୱାମୀ ଶଷୀକାନ୍ତ ଆଚାର୍ଯ୍ୟ, ସାବତ ପୁଅ ସତ୍ୟଜିତ ଓ ସାବତ ବୋହୂ ରୀତା ଆଚାର୍ଯ୍ୟ ତାଙ୍କୁ ଦୁର୍ବ୍ୟବହାର କରି ମାଡ଼ମାରି ଘରୁ ବିତାଡ଼ିତ କରିବା ସହ ବିଷାକ୍ତ ଇଞ୍ଜେକ୍ସନ ପିଠିରେ ଫୋଡ଼ି ତାଙ୍କୁ ଗୁରୁତର କରିଛନ୍ତି। ଡାକ୍ତରଖାନା ରିପୋର୍ଟ ଓ ଏତଲା ସବୁ ଥିବା ସତ୍ତ୍ୱେ ମଞ୍ଚେଶ୍ୱର ଥାନା ଅଧିକାରୀ ତାଙ୍କୁ କୌଣସି ଏତଲାର କପି ତ ଦୂରର କଥା ତାଙ୍କ କଥା ଆଦୌ ଶୁଣୁନାହାଁନ୍ତି। ଏପଟେ ନ୍ୟାୟ ମିଳୁନି, ସେପଟେ ସ୍ୱାମୀ ଓ ପିଲାଙ୍କ ଠାରୁ ବିତାଡ଼ିତ ଅନ୍ୟ ପଟେ ଥାନା ଅଧିକାରୀ ସୁଧିର ସାହୁ ଟଙ୍କା ଖାଇ ଗୁଣ୍ଡାଙ୍କ ପରି ଏହି ମହିଳାଙ୍କ ଉପରେ ଅନ୍ୟମାନେ ଅତ୍ୟାଚାର କରିବା ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି। ତାଙ୍କରି ପୃଷ୍ଠପୋଷକତାରେ କମିସନରେଟ ପୋଲିସର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ନାରୀ ନିର୍ଯାତନା, ବଧୂହତ୍ୟା ଓ ବିଭିନ୍ନ ଦୁର୍ଭାଗ୍ୟ ଜନକ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ପରିସ୍ଥିତିରେ ରହିଛି। ଭୁବନେଶ୍ୱର ପରି ଶାସନ ମୁଖ୍ୟଙ୍କ କ୍ଷମତା କେନ୍ଦ୍ର ପାଖରେ ଯଦି ଏହିପରି ଘଟଣା ସେମାନଙ୍କ ନାକ ନିଶ ତଳେ ଘଟୁଛି ତାହାହେଲେ ଓଡ଼ିଶାର ଅନ୍ୟ ଅଞ୍ଚଳର କଥା କ'ଣ ଘଟଉଥିବା ତାହା ବିଚାର କରିବା କଥା।

ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଆସୁଛି ସରକାର। ମହିଳା ସଶକ୍ତ ହେବା ନିହାତି ଜରୁରୀ। ବୈଦିକ ପରମ୍ପରାରେ ନାରୀର ସ୍ଥାନ ପୁରୁଷ ସହ ସମାନ ଥିଲା। ତେଣୁ ନବୀନ ସରକାର ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ଗ୍ରହଣ କରି ଆସୁଥିବା ପଦକ୍ଷେପକୁ ନେଇ ଭିନ୍ନ ମତ ରହିନପାରେ। ସରକାରଙ୍କୁ ବିରୋଧ କରୁଥିବା କୌଣସି ଦଳ ମଧ ଚାହିଁବେ ନାହିଁ ଯେ ଓଡ଼ିଶାର ମହିଳା ସଶକ୍ତ, ସ୍ୱାବଲମ୍ବୀ ଏବଂ ସମାଜ ପ୍ରତି ଉତ୍ତରଦାୟୀ ନହୁଅନ୍ତୁ। କିନ୍ତୁ ଯେତେବେଳେ ଆମେ ବଳାତ୍କାର ଓ ଅନ୍ୟ ଯୌନ ଶୋଷଣ ହାର ଦେଖୁଛୁ, ସେତେବେଳେ ହୃଦବୋଧ ହେଉଛି ଯେ ସଶକ୍ତିକରଣ ନାମରେ ମହିଳାଙ୍କୁ ଏକ ଭୋଟ ବ୍ୟାଙ୍କ ଭାବେ ଉପଯୋଗ କରୁଛନ୍ତି ସରକାର। ନିର୍ବାଚନ ବେଳେ ସେମାନଙ୍କୁ କିଭଳି ଶାସକ ଦଳ ସପକ୍ଷରେ ବିନିଯୋଗ କରାଯାଇପାରିବ ତାହା ହିଁ ଏକମାତ୍ର ଆଭିମୁଖ୍ୟ ହୋଇଯାଇଛି। ସାମାଜିକ ଏବଂ ଆର୍ଥିକ ଉନ୍ନତି ପାଇଁ ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଛନ୍ତି। କିନ୍ତୁ ସାମାଜିକ ନିରାପତ୍ତା କାହିଁକି ବଡ଼ ବିପଦମୁଖୀ? ସଶକ୍ତ ମହିଳା ବଳାତ୍କାରୀମାନଙ୍କର ମୁକାବିଲା ପାଇଁ କାହିଁକି ଆଗେଇ ଆସିପାରିନାହାନ୍ତି? ଏସବୁ ପ୍ରମାଣ କହୁଛି ଯେ ସରକାର ନାରୀ ସୁରକ୍ଷା ଦିଗରେ ବେଶ ସଚେତନ ଅଛନ୍ତି। ହେଲେ ନାରୀ ଯେ ଆଉ କାହାର ଦୋଷ, ଦୁର୍ବଳତା ତଥା ଉଦାସୀନତା ଲାଗି ଭୀଷଣ ବିପଦରେ ଏବଂ ତାର ସୁରକ୍ଷା ଅତି ବିପନ୍ନ ଅବସ୍ଥାରେ ପହଞ୍ଚିଲାଣି ଏକଥା ସମ୍ଭବତଃ ସରକାର ଠଉରାଇ ପାରିନାହାନ୍ତି। ଅନ୍ୟଥା ଏ ପରିସଂଖ୍ୟାନ ବଢ଼ନ୍ତା କେମିତି?

+ପୂର୍ବତନ ଅବସରପ୍ରାପ୍ତ ଆୟୁକ୍ତ
ନେସନାଲ କ୍ରାଇମ ରେକର୍ଡ଼ସ୍ ସୋସାଇଟି, ୧୧୭ଏ, ଶହୀଦ ନଗର, ଭୁବନେଶ୍ୱର

# ଖାଲି ପଡୁଛି ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସିଟ୍

**ଇଂ.ସନ୍ଦୀପ ସତ୍ୟନାରାୟଣ ଭୂୟାଁ**

ଆଜିକାଲି ମେଧାବୀ ଛାତ୍ରଛାତ୍ରୀମାନଙ୍କ ପ୍ରଥମ ପସନ୍ଦ ହେଉଛି ଇଞ୍ଜିନିୟରିଂ ପାଠ ଓ ବୃତ୍ତି। ଦିନକୁ ଦିନ ଇଞ୍ଜିନିୟରିଂ ପାଠ୍ୟକ୍ରମ ଓ ବିଦ୍ୟାଳୟ ଭିତ୍ତିଭୂମି ମଧ ବଢୁଛି। ତେବେ କିଛି ଦିନ ତଳେ ଗଣମାଧମରେ ପ୍ରକାଶିତ ଏକ ରୋଚକ ଖବର ମେଧାବୀ ଛାତ୍ରଛାତ୍ରୀ ଓ ଶିକ୍ଷାବିତଙ୍କୁ ବିଚଳିତ କରିଦେଉଛି। ଚଳିତ ବର୍ଷ ରାଜ୍ୟର ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ କଲେଜରେ ମାତ୍ର ୩୧ ପ୍ରତିଶତ ସିଟ ପୂରଣ ହୋଇଛି। ଅବଶିଷ୍ଟ ୬୯ ପ୍ରତିଶତ ସିଟ ଖାଲି ପଡ଼ିଛି। ମୋଟ ସିଟ ସଂଖ୍ୟା ୪୧ ହଜାରରୁ ୧୩ ହଜାର ପୂରଣ ହୋଇଛି। ସରକାରୀ ଅନୁଷ୍ଠାନରେ ୭୦ ପ୍ରତିଶତ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ୭୦ ପ୍ରତିଶତ ଏବଂ ବେସରକାରୀ କଲେଜ ଗୁଡ଼ିକରେ ପ୍ରାୟ ୯ ହଜାରରୁ ସାମାନ୍ୟ ଅଧିକ ସିଟ ପୂରଣ ହୋଇଛି। ଅବଶ୍ୟ ଗତବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ପ୍ରାୟ ୭ଶହ ସିଟରେ ବିଦ୍ୟାର୍ଥୀ ନାମଲେଖାଇଛନ୍ତି, କିନ୍ତୁ ପୂର୍ବ ବର୍ଷ ଭଳି ଇଞ୍ଜିନିୟରିଂ ଶିକ୍ଷା ପ୍ରତି ବିଦ୍ୟାର୍ଥୀ ଆଗ୍ରହ କରୁ ନଥିବାରୁ ସିଟ ଖାଲି ପଡୁଥିବା କୁହାଯାଉଛି।

ଗତବର୍ଷ ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମୋଟ ୮୧ କଲେଜରେ ୩୩ ହଜାର ୯୭୬ ସିଟ ଥିଲା। ଏ ବର୍ଷ ଇଡବ୍ଲ୍ୟୁଏସ ବର୍ଗରେ ୧୦ ପ୍ରତିଶତ ସିଟ ବୃଦ୍ଧି ପାଇଛି। ପ୍ରାୟ ୭ ହଜାର ସିଟ ବଢ଼ିଛି। ମୋଟ ସିଟ ସଂଖ୍ୟା ୪୧ ହଜାରରେ ପହଞ୍ଚିଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା କାଉନସେଲିଂ ଶେଷ ହୋଇଛି। କାଉନସେଲିଂରେ ୧୩ ହଜାର ଛାତ୍ରଛାତ୍ରୀ ଉଭୟ ସରକାରୀ ଓ ବେସରକାରୀ କଲେଜରେ ନାମ ଲେଖାଇଥିବା ଓଜେଇଇ ସୂତ୍ରରୁ ଜଣାପଡ଼ିଛି। ସରକାରୀ କଲେଜରେ ୫ ହଜାର ସିଟରୁ ୩ ହଜାର ୫୦୦ ପୂରଣ ହୋଇଛି। ୧୫ଶହ ସିଟ ଖାଲି ପଡ଼ିଛି। କଲେଜ ସ୍ତରରେ ଖାଲି ପଡ଼ିଥିବା ସିଟ ପୂରଣ କରିବାକୁ ଉଭୟ ସରକାରୀ ଓ ବେସରକାରୀ କଲେଜ କର୍ତ୍ତୃପକ୍ଷଙ୍କୁ ଓଜେଇଇ ପକ୍ଷରୁ କୁହାଯାଇଛି। ପୂର୍ବରୁ ମେଧାବୀ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ଶିକ୍ଷା ପ୍ରତି ଆଗ୍ରହୀ ଥିଲେ, ଏବେ କିନ୍ତୁ ଅଭିଭାବକ ଖର୍ଚ୍ଚାନ୍ତ ହୋଇ ପିଲାକୁ ଇଞ୍ଜିନିୟରିଂ ପାଠ ପଢ଼ାଇବାକୁ ଚାହୁଁନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ଇଞ୍ଜିନିୟରିଂ ପାଠ ସରିବା ପରେ ପିଲା ଚାକିରି ନପାଇ ବେକାର ହୋଇ ବୁଲୁଛି। ଛାତ୍ରଛାତ୍ରୀ କାହିଁକି ଇଞ୍ଜିନିୟରିଂ ଶିକ୍ଷା ଠାରୁ ଦୂରେଇ ଯାଉଛନ୍ତି ତାକୁ ନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ ଚିନ୍ତାରେ ପଡ଼ିଛି।

ଶିକ୍ଷାବିତ୍ ଏଥିପାଇଁ ବିଭିନ୍ନ ଦିଗକୁ ଦାୟୀ କରିଛନ୍ତି, ବର୍ତ୍ତମାନ ଯେଉଁ ପାଠ୍ୟକ୍ରମର ଗୁରୁତ୍ୱ ରହିଛି ସେଥିରେ ପିଲା ନାମଲେଖାଉଛନ୍ତି। ଯଦି ରାଙ୍କ ଅନୁସାରେ ପସନ୍ଦଯୋଗ୍ୟ ପାଠ୍ୟକ୍ରମ ମିଳିଲା ନାହିଁ ତେବେ ଇଞ୍ଜିନିୟରିଂ ପାଠ୍ୟକ୍ରମରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି। ଫଳସ୍ୱରୂପ ଇଞ୍ଜିନିୟରିଂ ଆଶା ଛାଡ଼ି ସ୍ନାତକ କିମ୍ବା ଅନ୍ୟାନ୍ୟ ପାଠ ପଢୁଛନ୍ତି। ଏବେ ଛାତ୍ରଛାତ୍ରୀ କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରିକାଲ, ମେକାନିକାଲ ପାଠ୍ୟକ୍ରମରେ ଇଞ୍ଜିନିୟରିଂ କରିବାକୁ ଆଗ୍ରହୀ। ଏସବୁ ସିଟ ସରକାରୀ ଏବଂ ବେସରକାରୀ କଲେଜରେ ପୂରଣ ହୋଇଯାଉଛି। ଦ୍ୱିତୀୟରେ ଇଞ୍ଜିନିୟରିଂ ପାଠପଢ଼ା ସରିବା ପରେ ଛାତ୍ରଛାତ୍ରୀଙ୍କୁ ଚାକିରି ମିଳୁନାହିଁ କି କଲେଜ କର୍ତ୍ତୃପକ୍ଷ କ୍ୟାମ୍ପସ ଜରିଆରେ ପିଲାଙ୍କୁ ଚାକିରି ଦେଉନାହାନ୍ତି। ତୃତୀୟରେ ସିଟ ତୁଳନାରେ କମ ଛାତ୍ରଛାତ୍ରୀ ଓଜେଇର ଓ ଜେଇଇ ମୁଖ୍ୟ ପରୀକ୍ଷା ଦେଇ ଆସିଛନ୍ତି। ଏ ଦିଗକୁ ଦେଖିଲେ ସିଟ ଖାଲି ପଡ଼ିବା ସ୍ୱାଭାବିକ। ଜେଇଇ ମୁଖ୍ୟ ଓ ଓଜେଇଇ ପରୀକ୍ଷା ତଥା କାଉନସେଲିଂରେ ବିଳମ୍ବ ହେଉଛି। ଏହାର ସୁଯୋଗ ନେଇ ଡିମ୍‌ଡ ବିଶ୍ୱବିଦ୍ୟାଳୟ ଗୁଡ଼ିକ ନିଜସ୍ତରରେ ଛାତ୍ରଛାତ୍ରୀଙ୍କ ନାମଲେଖାଉଛନ୍ତି। ଡିମଡ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ଚାକିରି ଦେଉଥିବାରୁ ଏଠାରେ ପାଠ ପଢ଼ିବାକୁ ଛାତ୍ରଛାତ୍ରୀ ଆଗ୍ରହ ଦେଖାଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ କାଉନସେଲିଂ ଆରମ୍ଭ ହେବା ବେଳକୁ ଡିମଡ ବିଶ୍ୱବିଦ୍ୟାଳୟରେ ଅଧା ପାଠପଢ଼ା ସରୁଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ ନିର୍ଦ୍ଧାରିତ ସମୟରେ ସେମିଷ୍ଟର ପରୀକ୍ଷା ଏବଂ ଫଳ ପ୍ରକାଶ କରିବାରେ ବିଳମ୍ବ କରୁଛି। ଅନେକ ସମୟରେ ଛାତ୍ରଛାତ୍ରୀ କ୍ୟାମ୍ପସରେ ବସିବାରୁ ବଞ୍ଚିତ ହେଉଛନ୍ତି। କଥା ହେଉଛି ଯେତେ ପିଲା ଇଞ୍ଜିନିୟରିଂ କରୁଛନ୍ତି ସମସ୍ତଙ୍କୁ ଚାକିରି ମିଳିବ ତାହା କହିବା ଭୁଲ। ପିଲା ଚାହିଁଲେ ଉଦ୍ୟୋଗୀ ହୋଇପାରିବେ। ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ଉଦ୍ୟୋଗୀ ହେବାକୁ ଆଗ୍ରହୀ ନୁହନ୍ତି। ସରକାର ଇଞ୍ଜିନିୟରିଂ ପିଲାଙ୍କୁ ଉଦ୍ୟୋଗୀ କରିବା ପାଇଁ ପଦକ୍ଷେପ ନେଲେ ରାଜ୍ୟର ଯୁବ ଉଦ୍ୟୋଗୀଙ୍କୁ ଦେଖି ଛାତ୍ରଛାତ୍ରୀ ଇଞ୍ଜିନିୟରିଂ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ। ସରକାର ଏ କ୍ଷେତ୍ରରେ ତୁରନ୍ତ ଆନ୍ତରିକ ପଦକ୍ଷେପ ନେଲେ ମେଧାବୀ ଛାତ୍ରଛାତ୍ରୀମାନେ ନିଜ କୃତୀତ୍ୱ ଓ ଅଧବସାୟର ସଫଳତା ପାଇପାରନ୍ତେ।

+ପ୍ରତିଷ୍ଠାତା ହ୍ୱାଇଟ ଜୁମେଟ,
ଭୁବନେଶ୍ୱର,
ମୋ:୯୪୩୮୮୩୧୨୯୪




## ଦୁହିତା ଜୀବନ
**ସୌଦାମିନୀ ପଣ୍ଡା**

ନଦୀର ଜୀବନ ପ୍ରବାହ ସମାନ
କେତେ ଯେ ଆସୁ ଜୁଆର ,
ତଥାପି ବଞ୍ଚିଛି ଜୀବନ ସ୍ରୋତେ
ସତ୍ତା ହେବାକୁ ଦୁଇ କୂଳର।
ଦଉଛୁ କାହିଁକି ଜୀବନକୁ ଦୋଷ
ବଞ୍ଚିବାକୁ ହେବ ଏ ସଂସାରେ,
ଜୀବନର କର୍ମ କରିବାକୁ ହେବ
ପ୍ରଭୁଙ୍କ ନିୟମ ଅନୁସାରେ।
କାହିଁକି କାନ୍ଦୁଛୁ ଜୀବନେ ତୋର
କେହି ଶୁଣିବେନି ଦୁଃଖର ଅଳି,
ପର ଘର ପାଇଁ ତ ହୋଇଛୁ ଜନମ
ବାହା ଘର ପରେ ଯିବୁ ତୁ ଚାଲି ।
ସମୟରେ ବନ୍ଧା ଜୀବନର ଡୋରି
ବାପା ମା ଭାଇ ସାଥୀଙ୍କୁ ପର କରି,
ସହିବାକୁ ହେବ ଏ ଦୁଃଖ ଯନ୍ତ୍ରଣା
ଭାଗ୍ୟକୁ ତୋର ଆଦର କରି ।
ଝିଅ ତ ଜନମ ପରା ପର ଘରକୁ
ତଥାପି ଦୁହିତା ଦୁଇକୂଳକୁ,
ଦୁହିତା ରଖିବ ଦୁଇକୂଳର ମାନ
ସାର୍ଥକ କରିବ ଦୁହିତା ଜନମ ।
ସଳିତା ଜୀବନକୁ ନାରୀ କରିଛି ସାଥି
ଅନ୍ୟ ସୁଖ ପାଇଁ ନିଜେ ସେ ଜଳି,
ନିଜ ହସ ଖୁସିକୁ ଦେଖେନା କେବେ
ସହି ଯାଏ ସଦା ଅନ୍ୟର ଅଳି ।
କେବେ ଖୋଜିବୁନି ହଜିଲା ଦିନ
ବାପା ଅଗଣାର ସୁନା ସପନ,
ନବ ଘର ନବ ବଧୂ ସାଜି
ଜୀବନର ଉଦେଶ୍ୟ ଯା ତୁ ହଜି।

+ବରିହାପାଲି (ପଦ୍ମପୁର )
ବରଗଡ

## ଲକ୍ଷ୍ମଣରେଖାରେ ଲିଖିତ କବିତା
**ନିରଞ୍ଜନ ସାହୁ**

ଯେଉଁ କବିତାରେ ତୁମ ଦେଖାନାହିଁ
କବିତାରେ ନୁହେଁ ଗଣା
ସେହି କବିତା ହିଁ ସବୁଠୁ ନିରସ
ଏକଥା ମୋତେ ତ ଜଣା।

ବିଭିନ୍ନ ପ୍ରକାର କବିତା ଲେଖେ ମୁଁ
କାଗଜ କଲମ ଧରି
ଯେଉଁ କବିତାରେ ତୁମ କଥା ଲେଖେ
କେଉଁ ନୁହେଁ ତାହା ପରି
ସେ କବିତା ପଢି ବିଭୋର ହୁଏ ମୁଁ
ହୋଇଯାଏ ବାଟବଣା।

ସବୁ କବିତାରୁ ଏ କବିତା ଲାଗେ
ନିଆରା ନିଆରା ପୁଣି
ଲେଖିବା ବେଳକୁ ତୁମରି କଥା ମୁଁ
ମନେମନେ ହୁଏ ଗୁଣି
ତୁମ ମୋ ଭିତରେ ଅଦ୍ୟାପି ହୋଇଛି
ଲକ୍ଷ୍ମଣରେଖାଟି ଟଣା।

+ନିହଲ ପ୍ରସାଦ, ଗଁଡିଆପାଟଣା
ମୋ : ୯୯୩୮୭୪୧୬୮୩

## ପ୍ରେୟସୀ ଶୀତ
**ଦୀପକ କୁମାର ମିଶ୍ର**

ଶୀତର ଶିତ୍କାର ଶୁଣିବାକୁ ଇଚ୍ଛା
ବୟସର ସଞ୍ଜ ଧାରେ
କାକର ସତ୍କାରେ ଯୌବନ ଲହର
ଅବେଳରେ ରାତି ସରେ।

ପ୍ରେୟସୀ ପାହାନ୍ତି ଶିଶିର ବିନ୍ଦୁରେ
ଢଳଢଳ ପ୍ରିୟା ଦେହ
କିଏ ଆଙ୍କିଦିଏ ଫୁଲ ପାଖୁଡ଼ାରେ
ଓଦା ସରସର ମୁହଁ ।

ଘାସ ଗାଲିଚାରେ ନରମ ପରଶ
ହିମ ଶୁଭ୍ର ଆଭାମୟ
କଅଁଳ ଆଞ୍ଚରେ ଭରିଛି ହୃଦୟ
ପ୍ରିୟା କହେ ଆସ ପ୍ରିୟ ।

ସୂରୁଯ ବଢିଲେ ମଧାହ୍ନ ଆସିଲେ
ଆକାଶରେ ଉଡେ ପକ୍ଷୀ
ମନପକ୍ଷୀ ଆଉ ବୋଲ ମାନେ ନାହିଁ
ଆତୁର ହେଲାଣି ସଖି ।

ଶୀତର ଗୀତରେ ଅଧୀର ରୁଧିର
ଜମାଟ ବାନ୍ଧଇ ସ୍ନାୟୁ
ତୁମେ ଯଦି ସତେ ଆନମନା ହୁଅ
ଛାଡ଼ିଯିବ ପ୍ରାଣବାୟୁ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ବିଶ୍ୱାସ
**ସୁଦର୍ଶନ ମହାପାତ୍ର**

ବେଳେ ବେଳେ
ମିତ୍ରମାନେ ମନ ହୁଅନ୍ତି
ଅବୁଝା ଗଣିତ
ଯେତେ ସହଜ ଦୃଶ୍ୟମାନ
ସେତିକି ନୁହେଁ
ସତେ ଅବା ମାୟା ମରୀଚିକା
କେବେ ଖଞ୍ଜି ଦିଅନ୍ତି ଶକୁନି ଚାଲରେ
ଜଉଘର ମୃତ୍ୟୁ ବିଭୀଷିକା
ପେଟରେ କାଳକୂଟ
ମୁହଁରେ ମଧୁର ଛଳନା
ଧୋକା ଦେଇ ପାରନ୍ତି
ନିମନ୍ତ୍ରଣ ଦେଇ
ବିଷ ଦେଇ ପାରନ୍ତି ତୁମ ବିଶ୍ୱାସରେ
ଜୀବନ ବି ନେଇ ପାରନ୍ତି
ନିରୋଳା ମିଛର ଫୁଲ ଫୁଟେଇ...!

ଗୋଟାପଣେ ବିଶ୍ୱାସ ଜିତିବାର
ସବୁତକ କଳା ଚାତୁରୀ
ଖଞ୍ଜି ଦେଇ ପାରନ୍ତି ତୁମ ହୃଦୟରେ
ଇନ୍ଦ୍ରଜାଲର କୁହେଳିକା ସୃଷ୍ଟି କରନ୍ତି
ତୁମ ଆଖି ଇଲାକାରେ
ବିଶ୍ୱାସ ଅବିଶ୍ୱାସର ଦୋଛକିରେ
ସମ୍ମୋହନର ମିଠା ଛଳନାରେ
ଆତ୍ମା ଧାଉଁଥାଏ ଅଗ୍ନି ପଥରେ
ପତଙ୍ଗର ନିର୍ବାଣ ମୋହରେ

ମଝି ନଇରେ ମାଗି ବସନ୍ତି
ଜାମୁକୋଳି ରଙ୍ଗର ସୁସ୍ୱାଦୁ କଳିଜା
ଉଜେଇ ଦିଅନ୍ତି
ବିଶ୍ୱାସର ପରିଭାଷାକୁ
ମିଛ ଲୁହରେ ଭିଜଉ ଥାନ୍ତି
ଝଲମଲ ନିର୍ମଳ ସତ୍ୟକୁ...!!!

+କୁଞ୍ଜବିହାରୀ ଲେନ, କଟକ

## ସ୍ମୃତି କହେ ତାକୁ.....
**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ହଜିବା ଖୋଜିବା ଭିତରେ ତ ସଖା
କିଛି ମିଠାପଣ ଥାଏ
ସ୍ମୃତି କହେ ତାକୁ ହେଜି ତ ପାରିଲେ
ଜୀବନ ମହକି ଯାଏ ।

ତାକୁ କି କହିବା ଜୀବନ ବନ୍ଧୁରେ
ଲୁହ ଲହୁ ଯହିଁ ନାହିଁ
ମାଟି ମୋହ ଯାକୁ ପାରିନି ଜଡେଇ
କି ସୁଖ ସେ ଜୀବ ଥାଇ ?

ଜୀବନ ବେଳାରୁ ଆଶା ର ଚନ୍ଦ୍ରମା
ଅପସରି ଯେବେ ଯାଏ
ଜହ୍ନ କି ବୁଝିଛି ତା ବିନା ଆକାଶ
କି କଷଣ ସତେ ସହେ !

ଦୁଃଖ ର ସଳିତା ଜଳୁଥାଏ ଯେବେ
ସୁଖ ଭୋଗେ ପରାଭବ
ବନ୍ଦ କୋଠରୀ ରେ ଆଖି ଖୋଜୁଥାଏ
ଚେନାଏ ଆଲୋକ ଠାବ ।

ଭଙ୍ଗା ଗଢ଼ା ଏଇ ଅଳୀକ ସଂସାରେ
ସ୍ୱପ୍ନ ନିତି ରଚାଯାଏ
ସ୍ମୃତି କହେ ତାକୁ ହେଜି ତ
ପାରିଲେ
ଜୀବନ ମହକିଯାଏ ।

ଅଧ୍ୟାପିକା ଦଶରଥ ପୁର,
ଯାଜପୁର,୭୫୫୦୦୧,
(ମୋ) ୭୩୭୭୩୧୮୭୮୯

## ପ୍ରୀତି

### ଭରତ ଚନ୍ଦ୍ର ଦାଶ



ମୁଁ ଜାଣେନି
ମୋ ମନରେ ଏତେ ଉତ୍କଣ୍ଠା କାହିଁକି
ମୋ ପ୍ରୀତିର ମନ କଥା ଓ
ହୃଦୟର ଅବ୍ୟକ୍ତ କଥା ଜାଣିବାକୁ।

ମୁଁ ଭାବେ
ତା' ମନ ତଳେ କବିତାର ଉଷ୍ଣ ପ୍ରସ୍ରବଣ
ଚେତନାର ପ୍ରବାହିତ ଫଲଗୁ
ଚିରସ୍ରୋତା ବୈତରଣୀ
ଧୋଇଦେବ ଦୁଃଖର
ଯାବତୀୟ ଆବର୍ଜନା ।

ସେଇଥି ପାଇଁ ତ ପ୍ରୀତିର ପ୍ରୀତିକୁ
ଚାହିଁ ଥାଏ ଅହରହ ।
ପ୍ରୀତି ମନକଥା ବୁଝିପାରେ
ଶବ୍ଦ ସହ ମାନ ମାରେ
ଆସେ ନାହିଁ, ଆସୁ ନାହିଁ କହେ

କହିବା ସ୍ୱାଭାବିକ
କିନ୍ତୁ ପ୍ରୀତିକୁ ଚାହିଁ ଥିବା ପଥିକର ଦୁଃଖ
ସେ ବୁଝିପାରେନା ।
ପ୍ରୀତି ପ୍ରୀତିଲତା ପରି
ଲେଉଟେ ଯାଏ ଗଳାରେ
ଚାହିଁଲେ କ'ଣ ଅଲଗା କରି ହୁଏ ପ୍ରୀତିକୁ
ପ୍ରୀତି ଅଛି ବୋଲି ତ ଜୀବନଟିଏ ଅଛି
ସ୍ୱପ୍ନ ଟିଏ ଅଛି
ପ୍ରୀତିର ଅବର୍ତ୍ତମାନରେ
ମୁଁ ଏକ ଜଡ ବସ୍ତୁ ଅବାଞ୍ଛିତ ଅପାଙ୍କ୍ତେୟ ।

ପ୍ରୀତି
ମନକୁ ପ୍ରାଣକୁ ସ୍ୱପ୍ନ ବିଭୋର କରେ
ତନ୍ମୟିକ ହୁଏ, ସ୍ୱେଦରେ ଆଶ୍ଳେଷରେ
ଏକ ଦିବ୍ୟ ଚେତନାର ସ୍ପର୍ଶରେ
ରୋମାଞ୍ଚିତ ହୁଏ
ଏକ ଅନାହତ ଅଦୃଶ୍ୟଆତଙ୍କରେ
ବାରମ୍ବାର କର୍ଣ୍ଣ ଗହ୍ୱରରେ
ଶୁଭାଯାଏ ଦୂରରୁ
ଭାସିଆସୁଥିବା ମଧୁର ମୂର୍ଚ୍ଛନା
ପ୍ରାଣ ପୁଲକିତ ହୁଏ ତାର
ସ୍ନିଗ୍ଧ ଆହ୍ୱାନରେ।

ପ୍ରୀତି ମୋ ପ୍ରାଣର
ଏକ ଅବଗନ୍ତି ସୁଖର ପସରା
ଶଙ୍କାହତ ମାନସରେ
ପ୍ରଶାନ୍ତିର ସ୍ରୋତସ୍ୱିନୀ ଧାରା ।

ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
(ମୋ)୯୪୩୭୩୭୨୧୬୬

## ଅପରାହ୍ନର ରଙ୍ଗ

### ଦୀପ୍ତି ମିଶ୍ର



ଅପରାହ୍ନର ରଙ୍ଗ
ସତେ ଏତେ ଗାଢ଼ ହେଇପାରେ !!
ଚେତନାରେ ଭରି ପାରେ
ରଙ୍ଗୀନ ଆଲୋକ ରେଖା !!!
ଗାଢ଼ ଅନ୍ଧକାର ଭେଦ
କରି ଦେଖାଇ ପାରେ
ନୂତନ ଦୀପ୍ତି.....
ସିନ୍ଦୂରା ଫାଟି ଯାଏ,
ସମ୍ଭାବନାର ସୂର୍ଯ୍ୟ ଉଙ୍କି ମାରି
ଜାଗ୍ରତ କରାନ୍ତି...
ନୂଆ ସକାଳର ଆଗମନକୁ ।
କେବେ କଣ ମାପି ହୁଏ ଆକାଶର
ପରିସୀମା ..... ପରିଧି.....
ବା ତାର ବ୍ୟାସ .....
ନା ମାପି ହୁଏ ପୃଥିବୀରୁ

ଆକାଶର ଦୂରତ୍ୱ ??
ସାଗରର ଅକଳନୀୟ
ଗଭୀରତା ଆଉ ବିଶାଳତା...
ସିନ୍ଧୁରେ ବିନ୍ଦୁର କଳନା,
ଜଡରେ ପ୍ରାଣର ସର୍ଜନା--
ଅସୀମତାରେ ସୀମାର ପରିକଳ୍ପନା,
ଚରମ ମିଥ୍ୟାରେ ମହାସତ୍ୟର ମହିମା...
ଅପହଞ୍ଚ ଦୂରତାକୁ ପାରି ହେବାର ନିଶା,
ଶିଖର ଦେଶକୁ ଛୁଇଁବାର ପରିଭାଷା
କୁ ଯେଉଁ ରଙ୍ଗ ପରି ପ୍ରକାଶ
କରିପାରେ ଭାବର ତୂଳୀରେ--

ଜୀବନର ପୃଷ୍ଠାରେ ଆଙ୍କି
ଦେଇପାରେ ଇନ୍ଦ୍ରଧନୁର ସାତରଙ୍ଗ
ଅନୁଭବର ସ୍ୟାହିରେ .......
ବିଶ୍ୱାସର ଦଳିଲ ଆଉ
ଭରସାର ଦସ୍ତାବିଜ
ଧରି ଏହି ମହାକାଳର ବକ୍ଷରେ
ଯୁଗ ଯୁଗାନ୍ତର ଅନେକ ରହସ୍ୟ
ପରସ୍ପରକୁ.......
କମଳିନୀ ଦିବାକରକୁ
ପୃଥିବୀ ଆକାଶକୁ
ଚାନ୍ଦ କୁମୁଦକୁ ପରମ ପ୍ରୀତିରେ
ପୁଲକିତ ଉଷା କାଳ
ଉଲ୍ଲସିତ ମଧ୍ୟାହ୍ନର ରଙ୍ଗ
ସ୍ୱପ୍ନ ଦେଖାଇ ପାରେ.....
କିନ୍ତୁ....... ଅପରାହ୍ନର ରଙ୍ଗ
ଆଙ୍କି ଦେଇ ପାରେ ସମର୍ପଣର ଚିତ୍ର
ଯାହା ନୋହେ ବାର ବାର ....
ହୋଇ ଥାଏ ଏକବାର ମାତ୍ର ।

♥ ବାରିପଦା

## ଏକା ଏକା ଅଭୟାରଣ୍ୟ

### ଆନନ୍ଦ କୁମାର ମାଇତି



ମୋ ଦୁନିଆ ଆଗ ଭଳି ସେମିତି ସ୍ଥିର ଅଛି
କେବଳ ବଦଳି ଯାଇଛି
ମୋର ସମସ୍ତ ନିଜସ୍ୱ
ମୋତେ ଏକା ଏକା ଏକତ୍ରିତ
ଅଭୟାରଣ୍ୟ ସଜେଇ।

ସେମାନେ କଣ ଜାଣିନି ?ଯେ
ଏକତ୍ରିତ ଗୋଟେ ମଣିଷ ଆତ୍ମାର
କାରାଗାର ?
ଯେଉଁଠି ସେ ହଜେ
ପୁଣି ଏକା ଏକା ନିଜକୁ ଖୋଜେ
ନିସଙ୍ଗ ଅନ୍ଧାରରେ ନିଜକୁ ଜାଳି ଜାଳି।

ନିସଂଗତା ଶକ୍ତି ଅର୍ଜନ କରେ

କେବଳ ନିଜ ଉପରେ ଆତ୍ମବିଶ୍ୱାସ ରଖି
ଦିନେ କେଉଁଠି ଅଭିଯୋଗ ଲେଖି
ପୁଣି ହଜିଯିବାକୁ ଅଦୃଶ୍ୟରେ।

ନିସଂଗତା ଅନୁଭବ
ଗୋଟେ ବଡ଼ ଦାରିଦ୍ର୍ୟତା
ଯେଉଁଠି ନିଷ୍ଟୁପ ହୋଇ ଫାଟିପଡ଼େ
ଶକ୍ତିଶାଳୀ ଆର୍ତ୍ତନାଦ।

ଏରସମା, ଜଗତସିଂହପୁର

## ମାଗୁ ନାହିଁ କିଛି

### ସୁମିତ୍ରା ମିଶ୍ର



ମାଗୁ ନାହିଁ କିଛି ପ୍ରଭୁ
ଜୀବନ, ମରଣ, ସ୍ୱପ୍ନ ଅବା ସଂଜୀବନୀ,
ହଜେଇ ଦେଇଛି ନିଜେ ନିଜ ସମ୍ଭାବନା
ଜନମି ଥିଲି ମୁଁ ଯେବେ
ପୌଷ ମାସ ଅନ୍ଧାର କୋଳରେ
ଏକ ରାହୁ କାଳ, ବିପରି ବେଳାରେ!

ଏବେ କିନ୍ତୁ, ଆକାଶେ ପୂର୍ଣ୍ଣମୀ ଜହ୍ନ
ସରୋବରେ ହସେ କୁମୁଦିନୀ,
ଶରତ ଅଧରେ ଫୁଟି ଲୋଟିଯାଏ କାଶ
ଧବଳ ବଳାକା ଦଳ ଖୋଜନ୍ତି ବାଦଲ ରାସ
ହୁଏତ ବଦଳି ଯିବ ଭାଗ୍ୟ ମୋର ଏବେ!
କିଏ ଜାଣେ ଯିବି କେତେଦୂର

ସାଜି ଜାହା ମୁକୁଟ ର କୋହିନୁର
ଅବା ସାଜି ବୁଲେଟ୍ ର ଅଗ୍ନି ଝଡ଼
କେବେ ବସିପାରେ ସିଂହାସନେ ଅବା
କେବେ ବା ବସିବି ଯାଇ ନର୍କଧାମେ,
ବୈକୁଣ୍ଠ ପୁରରେ ଅବା ନିୟୂର୍କ ସହରେ ।
ମାଗୁ ନାହିଁ କିଛି ପ୍ରଭୁ
ଆସିଥିଲି ଖାଲି ହାତେ

ଯିବି ବି ଶୂନ୍ୟ ହସ୍ତେ ଦିନେ
ଉଦ୍ଦାମ ମନରେ ମୋର
ପିଞ୍ଜାଅନି ମାୟା ମୋହର ଜଞ୍ଜିର
ବାସନା, କାମନା ଅବା ଅହମିକା ଅଳଙ୍କାର
ବନ୍ଧୀ କର ନାହିଁ ପ୍ରଭୁ
ସଂସାର ମାୟାର ରୁଦ୍ଧ କରଗାରେ
ଖୋଲିଦିଅ ମୋ ହୃଦୟ ମନ୍ଦିରର ଦ୍ୱାର ।
ମାଗୁ ନାହିଁ କିଛି ପ୍ରଭୁ
ପୂଜିବାକୁ ମନ୍ଦିର କି ମସଜିଦ୍, ଗୁରୁଦ୍ୱାର
ଅଙ୍ଗନରେ ବସି
ହାତ ଯୋଡ଼ି, ଦୀପ, ଧୂପ, ପ୍ରସାଦ ଚଢାଇ
ଯାହା ମୋର ପ୍ରାପ୍ୟ ନୁହଁ, ସୁଖ ବା ସମୃଦ୍ଧି
ଦିଅ ହେ ସାହସ ପ୍ରଭୁ
ଦୁଃଖ ଅବା ଅଭାବକୁ ନ ଯିବି ମୁଁ ଡ଼ରି
ହଳାହଳ ବିଷ ବି ପିଇବି
ସଂସାର ସାଗରେ ନାବ ହୋଇ ଭାସୁଥିବି
ଢେଉ ସହ ନାଚୁଥିବି,

ତରଙ୍ଗ ମାଳା ର କୋଳେ ଦେଖୁଥିବି
ତୁମ ରୂପ କାଳୀୟଦଳନ
ବେଳେ ତ୍ରିଭଙ୍ଗୀ ଠାଣିର !
ମାଗୁ ନାହିଁ କିଛି ପ୍ରଭୁ
ଯଶ ବା ଆୟୁଷ, ମଧୁ ବା ପୀୟୁଷ
ଜୀବନ ଯୌବନ ରଥେ ସଦା ମୋର
ନିରବଧି ଅଶ୍ୱ ସାଜି ଯୁଦ୍ଧ ଭୂମି ପରେ
ଦୌଡ଼ି ଦୌଡ଼ି ମରେ,
ଏବେ ଧର ହାତ
ସୂକ୍ଷ୍ମ ଛାଇ ଟିଏ ପରି ଘୁରି ଘୁରି ଅନନ୍ତ
ବିଶ୍ୱରେ
ଆତ୍ମା ମୋର ଲୀନ ହେଉ ତୁମରି ପୟରେ
ଯହିଁ ମୋହର ସକଳ ବିଷାଦ ହାରେ
ଅକାତରେ !!!

♥କଲାଠିଆ, ଭୁବନେଶ୍ୱର-୧୯
ମୋ: ୯୯୨୦୬୯୬୮୧୫

## ନୀରବତାର ପାହାଡ

### ପୂଜାରାଣୀ ନାୟକ

ନିଃସଙ୍ଗତାର ନିଶବ୍ଦ ଯନ୍ତ୍ରଣାରେ
ଜର୍ଜରିତ ଏ ତନୁମନ
ଚିହିଁକି ଉଠିଛି ଏବେ ପାଇକି
ପୁନଃ ଜୀବନ୍ନ୍ୟାସର ଚିହ୍ନ...

ଆକଣ୍ଠ ପିଇଯାଇଥିଲା ଯେ ଦିନେ
ଭାବି ଅତ୍ୟାଚାରକୁ ଅମୃତ
ଅତୀତର ଶୋଷଣେ କଷଣ ଯେତକ
ସ୍ମୃତି ଚିତ୍ରପଟେ ଅଙ୍କିତ...

ସବୁଜିମା ଲିଭି ଜୀବନାରଣ୍ୟରେ
ତିଷ୍ଠିଥିଲା ପର୍ଣ୍ଣମୋଚୀର ଭୂଇଁ
ଶୀତଳ ସମୀର ସାଥେ ବାରିଦ ବାଟକୁ
ଟାଙ୍ଗରା ହୃଦୟ ରହିଥିଲା ଚାହିଁ...

ଅଦ୍ୟ ଘନଘନ ଅଦିନିଆ ବର୍ଷାର ଛାଟ
ବତୁରାଏ ବିଷାଦଗ୍ରସ୍ତ ବକ୍ଷକୁ
ଅତୀତର ଦୁର୍ବଳ ଛାତଟା ଦୋହଲି ଉଠେ
ଶାନ୍ତିର ସ୍ପର୍ଶ କ୍ଷଣେ ପାଇବାକୁ...

ଏଇକ୍ଷଣି ଶାନ୍ତ ହେବାଟା କି ସମ୍ଭବ
ସ୍ୱଳ୍ପ କି କ୍ଷଣିକ ନଥିଲା ସେ ଝଡ଼
କେତେ ଚେଷ୍ଟା ପରେ ବି ଭାଙ୍ଗେନା
ଶକ୍ତ ନୀରବତାର ପାହାଡ଼...

♥ବଖାଣପୁର, ଯାଜପୁର

## ପ୍ରେମର ମୁଁ ଦାସଟିଏ

### ପ୍ରଣବ କିଶୋର ଗଡ଼ନାୟକ

ଯୌବନ ପାହାଚ ଖସଡ଼ା ଜାଣିବି
ପାଦ ମୋ ପକାଇ ଥାଏ,
ଭଲ ପାଇବାରେ ବିଶ୍ୱାସ ରଖିଛି
ପ୍ରେମର ମୁଁ ଦାସଟିଏ ଫ

କଣ୍ଟା ଦେହ ଫୁଲ ଛାତିକୁ ମୋହର
ବହୁତ ଆଘାତ ଦିଏ,
ଜାଣେନି ତଥାପି କାହିଁକି କେଜାଣି
ବେଶି ତାକୁ ଭଲପାଏ ,
ମନ ପ୍ରଜାପତି ବିଶ୍ୱାସରେ ବନ୍ଧା
ଅତୁଟ ବନ୍ଧନ ସିଏ ।

ନିରୋଳାରେ ବସି ଆକାଶକୁ ଚାହିଁ
ମନେ ମନେ ଭାବୁଥାଏ,
ହର୍ଷ ନା ବିଷାଦ !କହିପାରିବିନି

ସେ ଏମିତି ପାହାଚଟିଏ,
ସ୍ମୃତିକୁ ମୋହର ଉଜ୍ଜୀବିତ ରଖେ
ଋତୁ ମୋହିନୀ କି ସିଏ!

ଲେଖିଛି କବିତା ଶବ୍ଦ ଅଳଙ୍କାରେ
ଶୃଙ୍ଗାରର ଆଦି ରସେ,
ରଙ୍ଗ ତୂଳୀ ଧରି ଆଙ୍କିଲେ ତା ଛବି
ମନେ ମନେ କେତେ ହସେ,
ମତୁଆଲା ହୋଇ ହସିଛି,କାନ୍ଦିଛି
ପାଗଳାମି ମନଟିଏ ।

ମରୁ ମରୀଚିକା ଜାଣିବି ଧାଇଁଛି
ଅଜଣା ଅତିଥି ସିଏ,
ରୁଷା, ଅଭିମାନ କେତେ ଯେ କରିଛି
ହିସାବ ରଖୁଛି କିଏ!
ଭଲ ପାଇବାରେ ।

ପବିତ୍ର ନଗର, ତାଳଚେର,
ଅନୁଗୋଳ ।୭୫୯୧୫୧.
ମୋ-୯୯୩୭୦୧୭୯୪

## ଅତି ପାଖାପାଖି

### ଶ୍ରୀ ଚନ୍ଦ୍ରଶେଖର ସାହୁ



ଏତେ ପାଖାପାଖି ସପନକୁ ଦେଖି କିଏବା ଶୋଇ ପାରିବ
ସପନ ସାଥିରେ ଖୁସି ଗପ କରି ରାତିସାରା ବିତିଯିବ ।

ସପନକୁ ସତେ ହାତ ପାହାନ୍ତାରେ କେହି କେବେ ପାଇନାହିଁ
ମରିଚିକା ପରି ଆଗକୁ ଆଗକୁ ଅପସରି ଯାଏ କାହିଁ
ସପନକୁ ଆଉ କେବେ ଦେଖିବିନି କିଏ ନିଦକୁ ଭୁଲିବ ।
ଏତେ ପାଖାପାଖି....

ଏତେ ଅଭିମାନୀ ଭୁଲି ପାରିବିନି ଡାକେ ପୁଣି ହାତ ଠାରି
ସପନର ଠାରୁ ଦୂରେଇ ପାରୁନି ସପନ ଜୀବନ ପରି
କବିତା ପରିସେ ରହେ ସବୁଠାରେ ଜୀବନ ପାଖେ ରହିବ ।
ଏତେ ପାଖାପାଖି....

କସପା, ଅହିୟାସ,
ଯାଜପୁର-୭୫୫୦୩୬
ମୋ- ୭୮୭୩୬୯୩୮୦୭

## ମୃତ୍ୟୁ

### ବିଜୟ କୁମାର ସାହୁ



ଶୁଭୁଛି ନେପଥ୍ୟରେ ରେ କାହାର ରୋଦନ,
ଭାସିଆସେ ଶୋକର ଛାଇ ଥରୁଛି
ଗଗନପବନ
ଘଂଟାର କଣ୍ଟା ସତେଯେମିତି ଅଟକିଯାଇଛି
ତାଙ୍କ ଛାତିରେ,
କହିବାର ଥିଲା ତାଙ୍କୁ ମୋର ଜୀବନର
ଅନୁଭୁତି, ନିର୍ଜୀବ ପାଷାଣ ସେତ ମୂକ
ଚିତ୍ରପଟ ଟିଏ
ଉଠିଆସ ପ୍ରାଣପ୍ରିୟେ, କରୁଛି ନିବେଦନ
ଆଲିଙ୍ଗନ କରିନିଅ ମୋର ଏ ଗରମ
ଦେହକୁ
ନୀଳୋଉତ୍ପଳ ଗପ ପରି ହେବ କି ଆମ
ପରିଚୟ ?
ସାଇଥିରଖିଛି ତୁମ ଗୋଲାପୀ ରୁମଲ ଆଉ

ଅତର, ସଜେଡି ଦେବିକି
ତୁମ ଶେଜ ସେଇ ମଶାଣୀ ଭୁଇଁରେ

ଥରିଉଠୁ ତୁମ ଓଠ ଥରିଯାଉ ଛାତି,
ବିଜୟର ନିଶ୍ୱାସ ରେ ଗର୍ଜିଉଠୁ ଏ ରାତି
ନ ହେଉ ସକାଳ ନ ହେଉ ରଜନୀ
ଦିଗ୍ୱଳୟରେ ଥରେ ଦେଖିବାକୁ ଚାହେଁ
ତୁମ ଗୋଲାପୀ ଅଧରର ସେ କାକର
ବୁନ୍ଦାକୁ
ରିକ୍ତ ହୃଦୟ ରେ ଛିଂଚି ତୁମ ପ୍ରତିଛବି ଚାହିଁ
ବି ଆଉ ଏକ ଜନ୍ମ ତୁମ ପ୍ରତୀକ୍ଷାରେ ।

♥ଗୌରଚନ୍ଦ୍ର ପୂର, ନୟାଗଡ,
ମୋ : ୭୮୪୯୦୪୯୮୧୮

## ଫୁଲେଇ ସୋରିଷ ଫୁଲ

### ଶ୍ରୀ ସତ୍ୟବ୍ରତ ସାହୁ



ତମେ ସମୟର ଫୁଲ ସବାରୀରେ ଫୁଲେଇ ସୋରିଷ ଫୁଲ,
ମଧୁ ସନ୍ଧାନୀ ମୁଁ ମହୁମାଛିଟିଏ ତମକୁ ପାଉଛି ଭଲ ।

ତମେ ଚମକୁଛ ଶୀତ ସକାଳରେ କାକରକୁ କରି ସାଥି
ତମ ଯଉବନେ ପାଗଳ ସାଜିଛି ପାଇବାକୁ ଟିକେ ପ୍ରୀତି
ମନ ଚାହେଁ ତମ ହଳଦୀ ଚିବୁକେ କରିବାକୁ ଟିକେ ଗେଲ ।
ତମେ ସମୟର ଫୁଲ ସବାରୀରେ....

ତମ ହୃଦୟକୁ ଜିତିଯିବା ପାଇଁ ଗୁଣୁଗୁଣୁ ଗାଏ ଗୀତ
ସତ କହୁଛି ମୁଁ ସର୍ଷପ ଲଳନା ତମେ ମୋ' ପରାଣ ମିତ
ଦଗାଦିଆ ବୋଲି ଭାବିବନି ପ୍ରିୟେ ଦେବି ତମ ପ୍ରେମ ମୂଲ।
ତମେ ସମୟର ଫୁଲ ସବାରୀରେ..

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

## ଆବାହନୀ

### ପ୍ରମୋଦ କୁମାର ମହାପାତ୍ର



ସୁନ୍ଦର ଏ ଧରା ଶାନ୍ତ ଆକାଶ
ଶ୍ୟାମ ସବୁଜିମା ଭରା,
ତବ ଅଗମନେ ନାଚଇ ମଗନେ
ଶୁଭ୍ର କାଶତଣ୍ଡୀ ପରା।

କୁଳୁକୁଳୁ ନାଦ ଝରଣା ଶବଦ
ନଇ ଦୁଇ କୂଳ ଖାଏ,
ବାଆ ସୁଶୀତଳ ଢେଉ ଚଞ୍ଚଳ
ପ୍ରକାଶ ଉଜ୍ଜ୍ୱଳ ମୋହେ।

ଫୁଲ ଫୁଲ ଚୁମି ମଧୂପ ଭ୍ରମଇ
ଗୁଣୁ ଗୁଣୁ ଗାଇ ଗୀତ,
ଶିଶିର ପରଶେ ଦୂର୍ବାଦଳ ହସେ
ମଥା ନୋଇ ତବ ପାଦ।

ସଂଜ ନଇଲେ ଦୀପ ଚମକିଲେ
ଆକାଶେ ଉଦିଆଁ ଜହ୍ନ,
କୁଆଁରୀ ଆଖିରେ ସପନ ପହଁରେ
ପୁଲକେ ମନ ଉଚ୍ଛନ୍ନ।

ଗାଁ'ରୁ ସହର ଦୁଲୁକି ଉଠୁଛି
ଢୋଲ ମହୁରୀର ସୁରେ,
ଜଗତ ଜନନୀ ବିରାଜିବେ ପୁଣି
ଆଜି ଏ ଧରା ଧାମରେ।

♥ଭୁବନେଶ୍ୱର
ମୋ - ୯୪୩୭୫୭୮୩୧୧

## ରିକ୍ତ ହସ୍ତ - ୨

### ଦିଲିପ କୁମାର ତ୍ରିପାଠୀ



ଏକାନ୍ତର ହାତ ଧରି ମୁଁ ଏମିତି ଚାଲେ ବିନା କାରଣରେ
ଅଭ୍ୟାସ ନୁହେଁ ମୋର ପାଖୁଡା ଛିଡେଇବା ବିନା କାରଣରେ
ଏମିତି ତ' ମୁଁ ରୋଜ୍ ଭାବେ ଆଜି,ଏବେ,ଏଇନା କହିଦେବି
ହେଲେ, ଏମିତି କେମିତି ଯିବି ତୋ ଆଗକୁ ବିନା କାରଣରେ
ତାରା ମାନଂକ ଗହଳିରେ ମୁଁ ଏବେବି ଚିହ୍ନି ପାରେ ଜହ୍ନକୁ
ସେ ଭାବୁଛି ମୁଁ ତୁଚ୍ଛାରେ ପଛରେ ପଡିଛି, ବିନା କାରଣରେ
ନେ ଯେତେ ସମୟ ପାରୁଛୁ ନେ ,ରଖିବାକୁ ତୋ ମନରେ ମୋତେ
ହେଲେ, ଥରେ ରହିଲେ ଆଉ ବାହାରିବିନି ବିନା କାରଣରେ
ସେଫାଳି ଦେଖିଲେ, ମନେପଡେ ତୋ ଦେହର ଭୁରୁଭୁରୁ ଗନ୍ଧ
ମୁଠାମୁଠା ସେଫାଳି ରଖେ ମୋ ପକେଟ୍ ରେ ବିନା କାରଣରେ
ରାସ୍ତା କଡ ବିଜୁଳିବତୀକୁ ମୁଁ ଜହ୍ନ ଭାବି ପ୍ରାୟ ଦଉଡେ
କୁହୁଡି ନାହିଁ, ହେଲେ ବଉଳ ଝଡେ, ଗାଁରେ... ବିନା କାରଣରେ ।

♥ଢେଙ୍କାନାଳ, ପର୍ଜଙ୍ଗ,
କୁନ୍ଦନଦେଇପୁର ଶାସନ
ମୋ: ୯୭୭୮୧୦୬୧୦୫

## ଭଙ୍ଗାହୃଦୟର କାହାଣୀ

### ପ୍ରଶାନ୍ତ କୁମାର ନାଥ



ନିଜଠୁଁ ଅଧିକା ଭଲ ପାଉଥିଲା
ଯାହାକୁ ଜୀବନେ ସିଏ
ହସିହସି ଆଜି କହୁଅଛି ସିଏ
ସେ ତାହାର କେହି ନିହେଁ।

କେମିତି ସହିବ ଏମିତି ଯନ୍ତ୍ରଣା
ହୃଦୟ ଯାଉଛି ଜଳି
କୁହୁଳିକୁହୁଳି ଜାଳୁଅଛି ପରା

ତାକୁରା ପ୍ରୀତି ଦୀପାଳି ।

ହସିସେ ପାରେନା କାନ୍ଦିବି ପାରେନା
ଜୀବନଟା ଲାଗେ ବିଷ
ମରିଚିକା ପଛେ ଧାଉଁଥିଲା ସିଏ
ମାରିବା ପାଇଁକି ଶୋଷ ।

ପ୍ରେମ କରିବାର ଅଭିନୟ କରି
ପ୍ରେମିକାଟେ ସାଜିଥିଲା
ନୂଆ ପ୍ରେମିକଟେ ପାଇଗଲା ପରେ
ଧୋକା ଦେଇ ଚାଲିଗଲା

ଭାବିଲାନି ଥରେ ପ୍ରେମରେ ତାହାର
ଅନ୍ଧ ଯିଏ ହୋଇଥିଲା

ଜିଇଁ ଥାଉ ଥାଉ ପ୍ରେମକୁ ତାହାର
କବର ସେ ଦେଇଦେଲା ।

ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର,
ଯାଜପୁର, ମୋ-୦୮୩୧୦୩୨୮୩୪୫



# ଗାୟତ୍ରୀ ସଂସ୍କାର ମହୋତ୍ସବ ପାଇଁ ବୈଠକ

ବଲାଙ୍ଗିର, ୨୮/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଗାୟତ୍ରୀ ପରିବାର ଜିଲ୍ଲା ସଂଯୋଜକ ଉଦୟନାଥ ପାତ୍ରଙ୍କ ଅଧକ୍ଷତାରେ ଆଜି ବଲାଙ୍ଗିର ଗାୟତ୍ରୀ ଶକ୍ତିପୀଠରେ ପରିଜନ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜାନୁୟାରୀ ୧୯ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ନାରୀ ସଶକ୍ତିକରଣ ଶ୍ରଦ୍ଧା ସମ୍ବର୍ଦ୍ଧନ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବକୁ ସଫଳ କରିବାକୁ ଆଲୋଚନା କରାଯାଇ ଜିଲ୍ଲାର ଥିବା ପରିଜନ ମାନେ ଆର୍ଥିକ ଓ ଶାରୀରିକ ସହଯୋଗ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଶାନ୍ତି କୁଞ୍ଜ ହରିଦ୍ୱାର ବିଶ୍ୱ ଗାୟତ୍ରୀ ପରିବାର ତତ୍ତ୍ୱାବଧାନରେ ୧୯ ଜାନୁୟାରୀ ୨୦୨୩ ରୁ ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ଅନୁଷ୍ଠିତ ହେବାକୁ ଥିବା ବିରାଟ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ନୂଆପଡ଼ା ଉପ ଯୋନ୍ ସଂଯୋଜକ କେତନ ସିଂ ବାରିକ, ସିନାପାଲି ମହୋତ୍ସବ କମିଟିର ସଭାପତି ତରୁଣ କୁମାର ମେହେର, ଯଜ୍ଞ କମିଟିର ସହସମ୍ପାଦକ ଶୈଳେଶ କୁମାର ଅଗ୍ରୱାଲ ପ୍ରମୂଖ ଉପସ୍ଥିତ ରହି ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଆଲୋଚନାରେ ବରିଷ୍ଠ ପରିଜନ ଶେଷଦେବ ପଣ୍ଡା, ଶାନ୍ତନୁ ପାତ୍ର, ଟଙ୍କଧର କୁମ୍ଭାର, ସତ୍ୟନାରାୟଣ ଗୁପ୍ତା, ସତ୍ୟନାରାୟଣ ମିଶ୍ର, ମୀନକେତନ ମେହେର, ଜୟରାଜ ସାହୁ, ସରୋଜ କୁମାର ଦୋରା, କାଳିପ୍ରସାଦ ମିଶ୍ର, ରାଧାରମଣ କେଡ଼ିଆ, ମହିଳା ମଣ୍ଡଳର ନର୍ମଦା ପାତ୍ର, ସଂଯୁକ୍ତା ମିଶ୍ର, ନାରୀ ଜାଗରଣ ସମ୍ପାଦିକା ବୀଣା ପାଣି ଆଚାର୍ଯ୍ୟ, ତ୍ରିପୁରା ସିଂ ଓ ଅନ୍ୟାନ୍ୟ ପରିଜନ ଓ ମହିଳା ମଣ୍ଡଳ ସଦସ୍ୟା ମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ସଫଳତା ନେଇ ସମସ୍ତେ ସହଯୋଗ କରିବାକୁ ମତ ପ୍ରକାଶ ପାଇଥିଲା ।

# ଦଳିତ ବସ୍ତିରୁ ୩ ଗିରଫ ପରେ ଗାଁ ପୁରୁଷ ଶୂନ୍ୟ : ରୋଷେଇ ବନ୍ଦ, ୯୦ବର୍ଷର ବୃଦ୍ଧା ଗୃହବନ୍ଦୀ

କେନ୍ଦ୍ରାପଡ଼ା, ୨୮/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆ ବାଣ ବିଷ୍ଫୋରଣ ଘଟଣାରେ ପୋଲିସ ମାତ୍ର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ବାଲିଆ, ଭାଗବତପୁର ଦଳିତ ବସ୍ତି ସଂପୂର୍ଣ୍ଣ ପୁରୁଷ ଶୂନ୍ୟ ହୋଇପଡିଛି । ପୋଲିସ ଭୟରେ ଭାଗବତପୁର ଦଳିତ ବସ୍ତି ପୁରୁଷ ଶୁନ୍ୟ ହୋଇଥିବା ବେଳେ ଗାଁରେ ମାତ୍ର ୪ ଜଣ ବୟସ୍କା ବୃଦ୍ଧା ରହିଥିବା ଦେଖିବାକୁ ମିଳୁଛି । ଏତେ ବଡ ଦୁର୍ଘଟଣାରେ ପ୍ରାୟ ୪୦ ବ୍ୟକ୍ତି ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଆଇସିୟୁରେ ଥିବା ୧୦ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଅତି ସଂକଟାପନ୍ନ ରହିଛି । ଏଭଳି ପରିସ୍ଥିତିରେ ପୋଲିସ କେବଳ ଦଳିତ ବସ୍ତିର ଚିଲୁ ଦାସ, ଅରିକ୍ଷିତ ମଳିକ, ବୁଲୁ ମଳିକ ପ୍ରମୁଖଙ୍କୁ ଗିରଫ କରିଥିବା ବେଳେ ଦଳିତ ବସ୍ତି ପୁରୁଷ ଶୁନ୍ୟ ହୋଇ ପଡିଛି । ଘରେ ଚୁଲି ଜଳୁନଥିବା ବେଳେ ବସ୍ତି ବାସିନ୍ଦା ମହିଳା ମାନେ ଆତଙ୍କିତ ଅବସ୍ଥାରେ ଥିବାବେଳେ ପୁରୁଷ ମାନେ ଗିରଫ ଭୟରେ ବସ୍ତି ଛାଡି ଅନ୍ୟତ୍ର ବୁଲୁଛନ୍ତି । ବସ୍ତିର ଗୁରିଆ ମଳିକ ଘରେ ତାଲା ପକାଇ ପଳାଇ ଥିବାରୁ ତାର ଶାଶୂ ପ୍ରାୟ ୯୦ବର୍ଷର ବୃଦ୍ଧା ଗୃହବନ୍ଦୀ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି । ଗାଁ ଲୋକେ ଗ୍ରିଲର ତଳବାଟେ ଖାଦ୍ୟ ଦେଉଥିବା ବେଳେ ବୁଢୀ ଘର ଭିତରେ ଅସ୍ୱାସ୍ଥ୍ୟକର ପରିବେଶରେ ୪ ଦିନ ହେଲା ପଡିରହିଛି । ଏହାକୁ ନେଇ କୌଣସି ଅଘଟଣା ଘଟିଲେ କିଏ ଦାୟୀ ରହିବ ତାହା ଏକ ବିରାଟ ପ୍ରଶ୍ନ ସୃଷ୍ଟି କରିଛି । ଏହି ଦିନ ମଜୁରିଆ ଦଳିତ ବସ୍ତିର ଲୋକେ ରୋଜଗାର ଅଭାବରୁ ଜୀବନ ଜୀବିକା ସଂକଟରେ ଦିନ କାଟୁଥିବା ବେଳେ ପୋଲିସର ଏକ ପାଖିଆ କାର୍ଯ୍ୟକୁ ସଧାରଣରେ ଦୃଢ ନିନ୍ଦା କରାଯାଇଛି । ଶୋଭାଯାତ୍ରାରେ ୯ଟି ପୁଜା କମିଟିର କର୍ମକର୍ତା ମାନେ ଓ ଜନ ସାଧାରଣ ସାମିଲ ଥିବାବେଳେ ପୋଲିସ କେବଳ ଦଳିତ ବସ୍ତିକୁ କାହିଁକି ଟାର୍ଗେଟ କଲା ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଝାଲପଡା ଗ୍ରାମ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ: ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନି

ଧର୍ମଶାଳା, ୨୮/୧୧ (ନି.ପ୍ର): ସରକାର ଗ୍ରାମାଚଂଳର ମୁଖ୍ୟ ରାସ୍ତାର ଉନ୍ନତିକରଣ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରୁଛନ୍ତି । ହେଲେ ଏହା ବାସ୍ତବରେ କାର୍ଯ୍ୟରେ ପରିଣତ ହେଉ ନ ଥିବା ଅଭିଯୋଗ ହୋଇଛି । ଅସାଧୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତରେ । ଏହି ପଂଚାୟତ ମୁଖ୍ୟ ରାସ୍ତା ହେଉଛି ବ୍ରାହ୍ମଣୀ ନଦୀ ବନ୍ଧ । ଏହି ରାସ୍ତା ଦେଇ ଝାଲପଡା ପଂଚାୟତ ସହ ରୁଦ୍ରପୁର ପଂଚାୟତର ୨୫ରୁ ଉର୍ଦ୍ଧ ଗ୍ରାମର ଜନସାଧାରଣ ଯାତାୟତ କରିଥାନ୍ତି । ଏହି ନଦୀ ବନ୍ଧ ରାସ୍ତା ୨ ବର୍ଷ ତଳେ ମରାମତି କାର୍ଯ୍ୟ ହୋଇଥିଲା । ମରାମତି ସମୟରେ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରି ସାରି ଦେଇଥିଲେ । ଫଳରେ କିଛି ଦିନ ପରେ ଏହି ରାସ୍ତା ଖାଲଖମାରେ ପରିଣତ ହେଲାଣି । ମରାମତି ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ କେହି ଏହି କଥାକୁ ଗୁରୁତ୍ୱ ଦେଇ ନ ଥିଲେ । ଫଳରେ ଏବେ ରାସ୍ତାରେ ଯାତାୟତ ସମୟରେ ରୋଗୀମାନଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି । ଏହି ରାସ୍ତା କାର୍ଯ୍ୟ ପୁନଃ ମରାମତି ପାଇଁ ବହୁବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# କେନ୍ଦ୍ରାପଡାରେ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

କେନ୍ଦ୍ରାପଡ଼ା, ୨୮/୧୧ (ନି.ପ୍ର): ଅଲ ଓଡିଶା ନିୟୁ ଆଡେଡ୍ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘକେନ୍ଦ୍ରାପଡା ଶାଖାର ଏକ ବୈଠକ ସ୍ଥାନୀୟ କଜଳା ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ସଂଘର ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉପ ସଭାପତି ବିଭୂତି ଭୂଷଣ ମହାପାତ୍ର, ସଂପାଦକ ନିତ୍ୟାନନ୍ଦ ସାମଲ, କୋଷାଧ୍ୟକ୍ଷ ସୁବୋଧ ଚନ୍ଦ୍ର ଲେଙ୍କା, କନଭେନର କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଅବସରପ୍ରାପ୍ତ ମାଧମିକ ଶିକ୍ଷକ ଓ କର୍ମଚାରୀଙ୍କର ପେନଶନ ପ୍ରାପ୍ତ ସମ୍ବନ୍ଧେ ଆଲୋଚନା କରାଯାଇ ଥିଲା । ନୂତନ ଅନୁଦାନ ପ୍ରାପ୍ତ ବ୍ଲକଗ୍ରାଣ୍ଡ ବିଦ୍ୟାଳୟ ସମୂହରୁ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପେନଶନ ବ୍ୟବସ୍ଥା ନଥିବାରୁ ଏହି ବ୍ୟବସ୍ଥାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ଆସନ୍ତା ଡିସେମ୍ବର ୧୨ ତାରିଖ ଭୁବନେଶ୍ୱର ଗାନ୍ଧି ମାର୍ଗ ଠାରେ କିପରି ମହାସଂଗ୍ରାମ ହେବ ସେନେଇ ଆଲେଚନା କରାଯାଇ ଥିଲା । ଆୟୋଜିତ ଏହି ବୈଠକରେ ସନ୍ତାଷ କୁମାର ପରିଡା, ଜୋଗେଶ ପ୍ରସାଦ ଘୋସାଲ, ସୁରେନ୍ଦ୍ର ସାମଲ, ଅଜୟ ଚୌଧୁରୀ, ନିରଞ୍ଜନ ଦାସ, ଶୈଳଜା ଶଙ୍କର ସାମଲ, ଅଜୟ ନାୟକ, ଅକ୍ଷୟ ଦାସ, ଅକ୍ଷୟ ସ୍ୱାଇଁ, ସୁଧାକର ରାଉତ, କୈଳାସ ମୁଦୁଲି, ନିରଞ୍ଜନ ଦାସ, ସୁଷମା ରାଉତ, ବିଜୟ କେତନ ମିଶ୍ର, ନନ୍ଦ କିଶୋର ନାୟକ, କୈଳାସ ଚନ୍ଦ୍ର ନାୟକ, କ୍ଷିରୋଦ ଚନ୍ଦ୍ର ରାଉତ, ବାସୁଦେବ ସାହୁ, ଉମାକାନ୍ତ ମିଶ୍ର, ଗୋକୁଳାନନ୍ଦ ବେହେରା, ମଞ୍ଜୁବାଳା ପଣ୍ଡା, ପଦ୍ମଜା ମହାନ୍ତି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ

# ଆସିକା ସମବାୟ ଚିନି ଶିଳ୍ପରେ ଜାନୁଆରୀ ପ୍ରଥମ ସପ୍ତାହ ସୁଦ୍ଧା ଚଳିତ ବର୍ଷର ଆଖୁପେଡ଼ା ଆରମ୍ଭ ହେବ

ଗଞ୍ଜାମ, ୨୮/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଆସିକା ସମବାୟ ଚିନି ଶିଳ୍ପରେ ଜାନୁଆରୀ ପ୍ରଥମ ସପ୍ତାହ ସୁଦ୍ଧା ଚଳିତ ବର୍ଷର ଆଖୁପେଡ଼ା ଆରମ୍ଭ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି । ସେହିପରି ଏସଡିଏଫ ର ବକେୟା ଋଣ ପ୍ରାୟ ୩୩ କୋଟି ଟଙ୍କା ପରିଶୋଧ, ଅଧିକ ଆଖୁ ଯୋଗାଣ, ଚାଷୀଙ୍କ ଆର୍ଥିକ ଉନ୍ନତି ଓ ୨୦୨୨-୨୩ ରେ ରାଜ୍ୟ ସରକାରଙ୍କ ଯୋଜନାରେ ଚିନି ଶିଳ୍ପର ଆର୍ଥିକ ବିକାଶ ଉପରେ ଚିନି ଶିଳ୍ପ ପରିଚାଳନା ପରିଷଦ ନିଷ୍ପତି ନେଇଛି ।

# ଜୟପୁର ପୌରାଂଚଳସ୍ତରୀୟ ପରବ ଉଦ୍‌ଘାଟନ

ଜୟପୁର, ୨୮/୧୧ (ନି.ପ୍ର): ଜୟପୁର ପୌରାଂଚଳସ୍ତରିୟ ପରବ ଉଦଘାଟନ ହୋଇଛି । ଅଧିଷ୍ଠାତ୍ରୀ ମା ଭଗବତିଙ୍କ ନିକଟରେ ପୁଜା ପାଠ କରାଯାଇ ମଶାଲ ବାହାରିଥିଲା । ରଜାନହର ଭିତରେ ଥିବା ମା କନକ ଦୁର୍ଗା ମନ୍ଦିରକୁ ମଶାଲ ଯାଇ ପୁଜା ପାଠ କରାଯାଇ ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆକୁ ଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ଧରି ଜୟପୁର ପୌରାଂଚଳ ପରବ କୁ ଉଦଘାଟନ କରିଥିଲେ । ନାଚ , ଗୀତ. ବାଜା ରେ ମୁଖ୍ୟ ରାସ୍ତା ମୁଖରିତ ହୋଇଥିଲା । ଉଦଘାଟନି କାଯ୍ୟ କାଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର ଉପାଧ୍ୟକ୍ଷ ବି ସୁନିତା. ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଆରଓ ଯୋଶଦା ଗାଦବା, ଟାଉନ ଥାନା ଅଧିକାରି ସମ୍ବିତ ବେହେରା ଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ । ୨୮ ଓ ୨୯ ତାରିଖରେ ଦଶହରା ପଡିଆରେ ବିଭିନ୍ନ ଖେଳ ଓ ଟାଉନ ହଲ ଠାରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଆସନ୍ତା ୩ ତାରିଖରେ ପୌରାଂଚଳ ପରବର ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ ।

# ବନ୍ଧୁତ୍ୱପୁର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ

ଜୟପୁର , ୨୮/୧୧ (ନି.ପ୍ର): ଜୟପୁର ବ୍ଲକ ସ୍ତରୀୟ ପରବ ଅବସରରେ ବନ୍ଧୁତ୍ୱପୁର୍ଣ୍ଣ କ୍ରେକେଟ ମ୍ୟାଚ ଅନୁଷ୍ଠିତ ହୋଇଛି । ବ୍ଲକ ୧୧ ଓ ଜନପ୍ରତିନିଥି ୧୧ ମଧ୍ୟରେ ଜୟପୁର ଦଶହରା ପଡିଆ ଠାରେ ଅନୁଷ୍ଠିତ ହୋଇଛି । ଏହି ବନ୍ଧୁତ୍ୱପୁର୍ଣ୍ଣ ମ୍ୟାଚରେ ଜୟପୁର ବିଡିଓ ରାଜୀବ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୧୨ ଓଭର ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ୧୧ ୪ ଉଇକେଟ ହରାଇ ୧୩୨ ରନ କରିଥିବା ବେଳେ ଜନ ପ୍ରତିନିଥି ୧୧ ଅଲଆଉଟ ହୋଇ ୭୫ ରନ କରିଥିଲେ । ବ୍ଲକ ୧୧ ଟିମ ବିଜୟ ହୋଇଥିବା ଜଣାଯାଇଛି ।

# ସାନଖେମୁଣ୍ଡି ବ୍ଲକର ଖଲିଙ୍ଗୀ ଓ ଏରେଣ୍ଡ୍ରା ଗ୍ରାମରେ ଗୃହପାଳିତ ପଶୁଙ୍କଠାରେ ଲିମ୍ପିଂ ଭାଇରସ୍ ଚିହ୍ନଟ : ଟୀକାଦାନ ଆରମ୍ଭ

ଗଞ୍ଜାମ, ୨୮/୧୧ (ନି.ପ୍ର): ବିଜ୍ଞାନ ଯୁଗରେ ମଧ ଗ୍ରାମାଚଂଳରୁ ସମ୍ପୂର୍ଣ୍ଣ ଭାବେ ଅନ୍ଧବିଶ୍ୱାସ ଦୂର ହୋଇପାରୁନି । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦେଶ ଯଥେଷ୍ଟ ଅଗ୍ରଗତି କରିଥିଲେ ସୁଦ୍ଧା ଆଜି ବି ଜନସାଧାରଣ ଚିକିତ୍ସା ପାଇଁ ଗୁଣିଗାରେଡ଼ି, ଝଡ଼ାଫୁଙ୍କା ଓ ପୂଜାପାଠର ସାହାରା ନେଉଛନ୍ତି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକର ଖଲିଙ୍ଗୀ ଓ ଏରେଣ୍ଡ୍ରା ଗ୍ରାମରେ । ସେଠାରେ ଗତ କିଛି ଦିନ ହେଲା ଗୃହପାଳିତ ପଶୁଙ୍କ ଠାରେ ଲିମ୍ପିଂ ଭାଇରସ୍ ଚିହ୍ନଟ ହୋଇଛି । ଏହି ରୋଗରେ ଗାଇଗୋରୁ ମାନେ ଆକ୍ରାନ୍ତ ହୋଇ ସେମାନଙ୍କ ଶରୀରରେ ଫୋଟକା ଓ ଘା' ମାନ ସୃଷ୍ଟି ହେଉଛି । ପରେ ଶହ ଶହ ସଂଖ୍ୟାରେ ଗାଇଗୋରୁ ଆକ୍ରାନ୍ତ ହୋଇପଡିଛନ୍ତି । ଏହାର ପ୍ରତିକାର ପାଇଁ ଉଭୟ ଗ୍ରାମର ଲୋକେ ପଶୁ ଡ଼ାକ୍ତରଙ୍କ ସହାୟତା ନେବାକୁ ଚିକିତ୍ସା କେନ୍ଦ୍ରକୁ ନଯାଇ ଆବାହମାନ କାଳରୁ ଚାଲି ଆସୁଥିବା ସନ୍ଧି ପୂଜା ଉପରେ ଭରସା କରିଛନ୍ତି । ଗାଇଗୋରୁ ମାନଙ୍କୁ ଏହି ବିପତିରୁ ରକ୍ଷା କରିବା ପାଇଁ ମା ଠାକୁରାଣୀଙ୍କ ନିକଟରରେ ପୂଜାପାଠ କରୁଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ପାଟପୁରରୁ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ପ୍ରବୀଣ କୁମାର ସାହୁ ଓ ତାଙ୍କ ଟିମ୍ ଗ୍ରାମରେ ପହଂଚି ଗାଇଗୋରୁଙ୍କୁ ଟୀକାଦାନ ଆରମ୍ଭ କରିଛନ୍ତି । ତେବେ ତାଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଟୀକା ନଥିବାରୁ ତୁରନ୍ତ ଅଧିକ ଟୀକା ଯୋଗାଇଦେବା ପାଇଁ ସେ ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇଛନ୍ତି ।

# ଅଖିଳ ଭାରତୀୟ ଗ୍ରାହକ ପଂଚାୟତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର , ୨୮/୧୧ (ନି.ପ୍ର): ଆଜି ବଲାଙ୍ଗିର ଠାରେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ଓଡିଶା ପଶ୍ଚିମ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଭାପତି ଶଶିଭୂଷଣ ପୁରୋହିତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଆଗାମୀ ଖାଉଟି ପକ୍ଷ ପାଳନ ଖାଉଟି ଦିବସ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇ ନିଷ୍ପତି ଗ୍ରହଣ କରାଯାଇଥିଲା.ଓ ବୈଠକ ଟି ଉଭୟ ସାଧାରଣ ଓ ଆବାସି ମାଧମରେ କାର୍ଯ୍ୟକ୍ରମ ରେ ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, ସଂଗଠନ ସମ୍ପାଦକ ସତ୍ୟନାରାୟଣ ପଟେଲ, କୋଷାଧକ୍ଷ ନଳିନୀକାନ୍ତ ମହାନ୍ତି, ବଲାଙ୍ଗିର ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ, କୋଷାଧକ୍ଷ ନବ କୃଷ୍ଣ ପଟେଲ ଯୋଗାଇଥିଲା ବେଳେ ଆବାସି ମାଧମରେ କ୍ଷେତ୍ରୀୟ ସଂଗଠନ ସହ ମନ୍ତ୍ରୀ ବଦ୍ରିନାରାୟଣ ମହାଣା , ରାଉରକେଲା ରୁ ସରୋଜ ପତି, ରାଜ୍ୟ ମହିଳା ପ୍ରମୁଖ ସବିତା ମହନ୍ତ, ସଂଜୀବ ପଟେଲ, ବଲାଙ୍ଗିରର ସଂଯୁକ୍ତା ମିଶ୍ର, ରାୟଗଡା ଜିଲ୍ଲା ସଭାପତି କିଶୋର ସାହୁ ଯୋଗାଇଥିଲେ ଓ ଆଗାମୀ ଡିସେମ୍ବର ୨୪ ଖାଉଟି ଦିବସ ରାଜ୍ୟ ସ୍ତରୀୟ ବଲାଙ୍ଗିର ଠାରେ ଓ ୨୫ ତାରିଖରେ ରାଉରକେଲା ଠାରେ କରାଯିବ ତା ପୂର୍ବରୁ ପ୍ରତି ଜିଲ୍ଲାରେ ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଖାଉଟି ବିଷୟକ ପ୍ରତିଯୋଗିତା କରାଯାଇ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ଓ ଜାନୁଆରୀ ୨୨ ତାରିଖରେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ବର୍ଗ ସକାଳ ୯ ରୁ ରାତି ୭ ପର୍ଯ୍ୟନ୍ତ ରାୟଗଡା ଠାରେ ଅନୁଷ୍ଠିତ କରିବାକୁ ନିଷ୍ପତି ନିଆଯାଇଛି ।

# ବଲାଙ୍ଗିର ବ୍ରାହ୍ମଣ ସମାଜର ନୂଆଖାଇ ଭେଟଘାଟ ଓ ନୂତନ କର୍ମକର୍ତା ନିର୍ବାଚନ

ବଲାଙ୍ଗିର , ୨୮/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ସମାଜ ର ନୂଆଖାଇ ଭେଟଘାଟ ଜିଲ୍ଲା ସଭାପତି ପଣ୍ଡିତ ଗିରିଧାରୀ ସତପଥୀ ଙ୍କ ଅଧକ୍ଷତାରେ ଆଜି ସ୍ଥାନୀୟ ନୃସିଂହ ମନ୍ଦିର ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପରିଷଦ ବୈଠକରେ ଜିଲାର ନୂତନ କର୍ମକର୍ତା ନିର୍ବାଚନ ହୋଇ ଯାଇଛି । ପୁରାତନ କମିଟିର ଉପସଭାପତି ଗୋପବନ୍ଧୁ ପୁରୋହିତ, ପଣ୍ଡିତ ଡଃ ଜୟକୃଷ୍ଣ ଦେବଦାସ ଶର୍ମା, ସତ୍ୟବନ୍ତ ବେଦବାକ୍ ସମ୍ପାଦକ ରଘୁନାଥ ମିଶ୍ର ମଂଚାସୀନ ଥିଲେ । ନୂତନ କମିଟିରେ ଧନଞ୍ଜୟ ମିଶ୍ର ସଭାପତି, ଗୋପ ବନ୍ଧୁ ପୁରୋହିତ ଉପସଭାପତି, ସମ୍ପାଦକ ଅଧିବକ୍ତା ଜୟରାମ ମିଶ୍ର ଓ କୋଷାଧ୍ୟକ୍ଷ ରୂପେ ପର୍ଶୁରାମ ନାୟକ ନିର୍ବାଚିତ ହୋଇଛନ୍ତି ଓ ପର୍ଶୁରାମ ବାହିନୀ ର ମଦନମୋହନ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଶକ୍ତି ବାହିନୀ ର କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ କାର୍ଯ୍ୟକାରିଣୀ ସଭ୍ୟ ଓ କାର୍ଯ୍ୟକର୍ତା ପରେ ଚୟନ କରିବାକୁ ନୂତନ କମିଟି ଦାୟିତ୍ୱ ଦିଆଯାଇଛି । ବୈଠକରେ ନୂତନ ସମ୍ବିଧାନ ସଂଶୋଧନ ଓ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ର ଅନ୍ୟନ୍ୟ ସଭ୍ୟ ଓ ଶକ୍ତି ବାହିନୀ ସଦସ୍ୟା ଉପସ୍ଥିତ ଥିଲେ ।

# ଜିଲ୍ଲା ଲେଖକ ସମ୍ମୁଖ୍ୟର ମାସାନ୍ତ ସାହିତ୍ୟ ଆସର

କନ୍ଧମାଳ, ୨୮/୧୧ (ନି.ପ୍ର): ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଲେଖକ ସାମ୍ମୁଖ୍ୟ ର ମାସାନ୍ତ ସାହିତ୍ୟ ଆସର ଉପ ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସମ୍ପାଦକ ବନବିହାରୀ ନନ୍ଦ ସ୍ୱାଗତ ଭାଷଣ ଦେଲା ପରେ ପଂଚାୟତ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଚିତରଞ୍ଜନ ମିଶ୍ରଙ୍କ ସଂଯୋଜନାରେ କବି ନବୀନ କିଶୋର ପଣ୍ଡା, ବିଷ୍ଣୁ ପ୍ରସାଦ ମିଶ୍ର, ଦୁର୍ଯ୍ୟୋଧନ ପ୍ରଧାନ ଡ଼ଃ ସୁଜିତ ପଣ୍ଡା, କୈଳାଶ ଚନ୍ଦ୍ର ଧଳ, ସୋମନାଥ ସାହୁ, ବନବିହାରୀ ନନ୍ଦ, ଅନନ୍ତ ଚରଣ ମିଶ୍ର, ଅଶୋକ ମିଶ୍ର, ଅନିଲ କୁମାର ପ୍ରଧାନ, ନବ କିଶୋର ରଥ, ରାମକୃଷ୍ଣ ବେହେରା, ତ୍ରୈଲୋକ୍ୟନାଥ ସେନାପତି, ପ୍ରସନ୍ନ କୁମାର ପଣ୍ଡା ପ୍ରଭୃତି ସ୍ୱରଚିତ କବିତା ଆବୃତି କରିଥିଲେ ।

# ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ବୈଠକ

ଜୟପୁର, ୨୮/୧୧ (ନି.ପ୍ର): ଜୟପୁର ବିଦ୍ୟୁତ ମଣ୍ଡଳ ଅଧିନରେ ଥିବା ସମସ୍ତ ବିଦ୍ୟୁତ ଖଣ୍ଡ, ଜୟପୁର ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରିରେ କାଯ୍ୟରତ ସମସ୍ତ ଡିପ୍ଲୋମା ଯନ୍ତ୍ରୀ ମାନଙ୍କର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ମୁଖ୍ୟ ଟ୍ରାଫିକ ଛକ ଠାରେ ଥିବା ଏକ ହୋଟେଲରେ ଓଡିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘର ସାଧାରଣ ସମ୍ପାଦକ ରଶ୍ମି ରଞ୍ଜନ ଆଚାର୍ଯ୍ୟଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ଉପ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ଉପ ସଭାପତି ସରୋଜ କୁମାର ମିଶ୍ର ଏବଂ କୋଷାଧକ୍ଷ ସୁଧିର କୁମାର ଗୌଡ ଉପସ୍ଥିତ ଥିଲେ । ଜୟପୁର ମଣ୍ଡଳର ସାଧାରଣ ସମ୍ପାଦକ ରୁପକ ଦାଶଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବୈଠକରେ ଡିପ୍ଲୋମା ବିଦ୍ୟୁତ ଯନ୍ତ୍ରୀ ମାନଙ୍କର ପଦୋନ୍ନତି, ଉଚିତ ପଦୋନ୍ନଯାୟୀ ଉପଯୁକ୍ତ ଥଇଥାନ, ସବୋଚ୍ଚ ପଦ ପଯ୍ୟନ୍ତ ପ୍ରତିବନ୍ଧକକୁ ଦୁର କରିବା, ଉପଭୋକ୍ତା ମାନଙ୍କୁ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇ ଦେବା ନିମନ୍ତେ ସେକ୍ସନ, ସବ ଡିଭିଜନ ଏବଂ ଡିଭିଜନ ଗୁଡିକର, ସଂକ୍ଷିପ୍ତି କରଣ, ସଂଘର ସଭ୍ୟମାନଙ୍କର ନିଯୁକ୍ତି ସମ୍ପନ୍ଧୀୟ ବ୍ୟାକ୍ତିଗତ ସମସ୍ୟା ଉପରେ ବିସ୍ତୃତ ରୁପେ ଆଲୋଚନା କରାଯାଇଥିଲା । ଏହି ସବୁ ଦାବି ଗୁଡିକ ଟିପିଏସଓଡିଏଲ ପରିଚାଳନା ଅଧିକାରିମାନଙ୍କ ନିକଟରେ ଉପସ୍ଥାପତ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ଦାବି ଗୁଡିକ ଉପରେ ପରିଚାଳନା ଅଧିକାରି ଯଥା ଶିଘ୍ର ଉଚିତ ପଦକ୍ଷେପ ନ ନେଲେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି । ବୈଠକରେ ମୋହନ କୁମାର ପାନଛୋଇ, ପ୍ରଦୀପ କୁମାର ଚୌଧୁରୀ, ରଜତ ମିଶ୍ର, ସନ୍ତୋଷ କୁମାର ପଣ୍ଡା, ପବିତ୍ର କୁମାର ସାହୁ, ସୁବାସ ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ପ୍ରଧାନ, କାଳି ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ସମର ଶିକ୍ଷାର୍ଥୀ ଦିବସ ପାଳିତ

ମାଲକାନଗିରି, ୨୮/୧୧ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ପଦାତିକ ତରଫରୁ ଆଜି ଏନସିସି ଦିବସ ଅଧକ୍ଷ ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶୁଭେନ୍ଦୁ ପାତ୍ର ଉପଖଣ୍ଡୀୟ ପୋଲିସ ଅଧିକାରୀ ଯୋଗଦାନ ପୂର୍ବକ ଏନସିସି ପତାକା ଉତୋଳନ କରିବା ସହ ଏକ ଏନସିସି ସାଇନବୋର୍ଡ ର ଉନ୍ମୋଚନ କରିଥିଲେ । ଉକ୍ତ ସଭାରେ ସ୍ୱତନ୍ତ୍ର ଅତିଥି ରୂପେ ରାଜ ପ୍ରାସାଦ ଅଜାଲଟ କମାଣ୍ଡର ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ପାଠ ପଢିବା ସହିତ ଏନସିସିରେ ଯୋଗଦାନ କରି ଭାରତର ଏକତା ତଥା ଅଖଣ୍ଡତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଥମେ ସିଡିଓ ଡଃ. ରଞ୍ଜନ କୁମାର ସ୍ୱାଇଁ ମଂଚ ପରିଚାଳନା କରିଥିବା ବେଳେ ଏନସିସି ଅଧିକାରୀ ଲେଫନେଣ୍ଟ ସୁଶାନ୍ତ କୁମାର ମାଝୀ ଏହି ସଭାର ଆୟୋଜକ କରିଥିଲେ । ଏହି ଅବସରରେ ପୂର୍ବରୁ ରକ୍ତଦାନ କରିଥିବା ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସନ୍ମାନିତ କରାଯାଇଥିଲା । ଏନସିସିରେ ଉତୀର୍ଣ୍ଣ ହୋଇଥିବା ବି. ସାର୍ଟିଫିକେଟ ଡିଗ୍ରୀଧାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ଉତ୍ସବରେ ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ କରାଯାଇଥିଲା । ଭବିଷ୍ୟତରେ ଏକ ବାଳିକା ଏନସିସି ୟୁନିଟ ଖୋଲିବା ପାଇଁ ଏକ ପ୍ରସ୍ତାବ ଅନୁମୋଦିତ ହୋଇଛି, ଏହି ସଭାରେ ସମସ୍ତ ଅଧାପକ ଅଧାପିକା ଅଣ ଶିକ୍ଷକ ତଥା ପୂର୍ବତନ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସଭାକୁ ଆଗେଇ ନେଇଥିଲେ ।

# ଗୋପାଳ ରତ୍ନ ପୁରସ୍କାରରେ ସମ୍ମାନିତ ହେଲେ ଗୋପାଳ ରଣା

ବଲାଙ୍ଗିର, ୨୮/୧୧ (ନି.ପ୍ର): ଜାତୀୟ ଦୁଗ୍ଧ ଦିବସରେ 'ଗୋପାଳ ରତ୍ନ'ରେ ପୁରସ୍କୃତ ହେଲେ ବଲାଙ୍ଗିରର ଗୋପାଳ ରଣା । ସେ କେନ୍ଦ୍ରମନ୍ତ୍ରୀଙ୍କଠାରୁ ମାନପତ୍ର ଓ ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି । ଗୋପାଳ ରାଣାଙ୍କ ଘର ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବଡବନ୍ଧ ଗାଁରେ । ସେ ପିଲା ଦିନରୁ ଗୋ' ସେବା କରି ଆସୁଛନ୍ତି । ଗତ କିଛି ବର୍ଷ ହେବ ସେ ବିଫ୍ ନାମକ ଏକ ସଂସ୍ଥାରେ କାମ କରୁଛନ୍ତି । ଗାଁ ଗାଁକୁ ବୁଲି ଗାଇମାନଙ୍କର କୃତିମ ପ୍ରଜନନର ବ୍ୟବସ୍ଥା କରାଉଛନ୍ତି । ଯାହା ଫଳରେ ଶହ ଶହ ଗୋ'ଚାଷୀ ଲାଭବାନ ହୋଇପାରୁଛନ୍ତି । ସେଥିପାଇଁ କେନ୍ଦ୍ର ଏଏଚଡି ବିଭାଗ ତାଙ୍କୁ 'ଗୋପାଳ ରତ୍ନ' ଆୱାର୍ଡ ପ୍ରଦାନ ପାଇଁ ମନୋନୀତ କରିଥିଲେ । ଜାତୀୟ ଦୁଗ୍ଧ ଦିବସ ଅବସରରେ ବେଙ୍ଗାଲୁରୁଠାରେ କେନ୍ଦ୍ର ସରକାରଙ୍କ ଏଏଚଡି ବିଭାଗ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୋପାଳ ରାଣାଙ୍କୁ 'ଗୋପାଳ ରତ୍ନ' ଆୱାର୍ଡ ପ୍ରଦାନ କରାଯାଇଛି ।

# ଭୁବନ ମହିଳା ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ଦିବସ ପାଳିତ

ଭୁବନ, ୨୮/୧୧ (ନି.ପ୍ର): ଭୁବନ ମହିଳାଡିଗ୍ରୀ ମହାବିଦ୍ୟାଳୟ ରେ ଜାତୀୟ ସମର ଶିକ୍ଷାର୍ଥୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏନସିସି କ୍ୟାଡେଟ ମାନେ ଏକ ଚିତାକର୍ଷକ ପ୍ୟାରେଡ କରିଥିଲେ ଓ ସ୍ୱଚ୍ଛ ଭାରତ ଯୋଜନାରେ ମହାବିଦ୍ୟାଳୟକୁ ସଫେଇ କରିଥିଲେ । ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି କାଳୀବଜାର ଠାରେ ସଡକ ସୁରକ୍ଷା ସଂପର୍କରେ ଜନସଚେତନତା କରିଥରଲେ । ମୋଟର ସାଇକେଲ ଆରୋହୀ ମାନଙ୍କୁ ସର୍ବଦା ହେଲମେଣ୍ଟ ବ୍ୟବହାର କରିବା , ଗାଡି ଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା ଏବଂ କୌଣସି ନିଶାଦ୍ରବ୍ୟ ସେବନ କରି ଗାଡି ନଚଳାଇବାକୁ ପରାମର୍ଶ ଦେଇଥିଲେ । ପରିଶେଷରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମାରୋହ ଉତ୍ସବରେ ଅଧକ୍ଷ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଏନସିସି ର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ନିଜକୁ ଶୃଙ୍ଖଳିତ ଓ ଅନୁଶାସିତ କରି ରାଷ୍ଟ୍ରପ୍ରତି ସମର୍ପିତ ହେବାକୁ କ୍ୟାଡେଟ ମାନଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଏନସିସି ଅଫିସର କ୍ୟାପଟେନ ପ୍ରମିଳା ଦାସ ଏନସିସି ରେ ଥିବା ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ ନିରଂଜନ ନାୟକ ଙ୍କ ସମେତ କର୍ମଚାରୀ ଲକ୍ଷ୍ମଣ କୁମାର ସାହୁ , ରଙ୍ଗଲତା ବେହେରା, ନିର୍ମଳା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଅଜଣା ମୃତ ବ୍ୟକ୍ତିର ସନ୍ଧାନ ପରଦା ଆଢୁଆଳରେ

ଖୋର୍ଦ୍ଧା, ୨୭/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ ଗୁଡୁମୁ ପଞ୍ଚାୟତ ବେଙ୍ଗିଟାଙ୍ଗୀ ଲେଙ୍କା ଆମ୍ବତୋଟା ମିଳିଥିବା ଶବ, ପରିଚୟ ଏ ପର୍ଯ୍ୟନ୍ତ ପରଦା ଆଢୁଆଳରେ। ଖୋର୍ଦ୍ଧା ସଦର ଥାନା ପୋଲିସ ଲୋକଙ୍କଠାରୁ ଖବର ପାଇ ପୋତାଶବ ଖୋଳି ଗଳିତ ସବ ଉଦ୍ଧାର କରିଥିଲା। ଏହି ପୁରୁଷ ଲୋକ କିଏ ? କାହିଁକି ମାରି ଏକ ଖୋଲା ଆମ୍ବ ବଗିଚା ଗ୍ରାମ ନିକଟ ଓ ଜିବା ଆସିବା ରାସ୍ତା ଅଳ୍ପ ଦୂରରେ, ଏକ ପାଞ୍ଚଫୁଟ୍ ଗଭୀର କରି ପୋତିଲା ଓ ଶବ ସଢ଼ିବା ପାଇଁ ଲୁଣ, ୟୁରିଆ, ଦାନାଦାର, କିରୋସିନି ଆଦି ଗତରେ ପକାଇ ମାଟି ମଡ଼ାଯାଇଥିଲା ତାହା ଏବେ ସନ୍ଦେହଘେରରେ । ପୁଣି ମୃତ ପୋତା ହୋଇ ଥିବା ସ୍ଥାନରେ ସବୁ ପ୍ରକାର ନିଶା ଖାଇଥିବା ପଦାର୍ଥ ପଡ଼ି ରହିଥିଲା । ଖୋର୍ଦ୍ଧା ସଦର ଥାନା ପୋଲିସ୍ ଏପରି ରାତିରେ କେମିତି ପେଟ୍ରୋଲିଂ କରୁଛନ୍ତି ଏହିଥିରୁ ଜଣାଯାଉଛି।

## ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ 'ଶକ୍ତିକଳସ ଶୋଭାଯାତ୍ରା'

ନୀଳଗିରି, ୨୮/୧୧ (ନି.ପ୍ର): ଆଂଚଳିକ ଗାୟତ୍ରୀ ପରିବାର ତଥା ନୀଳଗିରି ଶକ୍ତିପୀଠ ଆନୁକୂଲ୍ୟରେ ଆସନ୍ତା ଫେବୃଆରୀ ମାସ ୧ ରୁ ୪ ତାରିଖ ପର୍ଯ୍ୟନ୍ତ ହେବାକୁ ୧୦୮ କୁଣ୍ଡୀୟ ମହାଯଜ୍ଞ" ନିମନ୍ତେ ଏକ ପ୍ରତିନିଧି ଦଳଙ୍କ ଦ୍ବାରା ଅଣାଯାଇଥିବା ଶକ୍ତିକଳସ ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ରାଜବରହମପୁର ଅଂଚଳର ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗ ଦେଇ ଏହି ଶୋଭାଯାତ୍ରାକୁ ସଫଳ କରାଯାଇଥିଲା । ଯଜ୍ଞ ପରିଚାଳନା କମିଟିର ସଭାପତି ଦିବାକର ରାମ, ଉପସଭାପତି ଜିତେନ୍ଦ୍ର ବେହେରା, ସଂପାଦକ ପ୍ରଦୀପ କୁମାର ପସା, ସହ ସଂପାଦକ ସନ୍ତୋଷ କୁମାର ପସାଙ୍କ ସହ ଅନ୍ୟ କାର୍ଯ୍ୟକର୍ତାଗଣ ଏବଂ ନୀଳଗିରି ଶକ୍ତିପୀଠ ଟ୍ରଷ୍ଟିବୋର୍ଡ ଅଧିକାରୀ ଯତୀନ୍ଦ୍ର ଭୋଳ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଉକ୍ତ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ସମସ୍ତ ରୀତିନୀତି ଅନୁଯାଇ ଶକ୍ତିକଳସ ସ୍ଥାପନା ପରେ ପ୍ରସାଦ ସେବନ ମଧ୍ୟ ବ୍ୟବସ୍ଥା କରାଯାଇଥିଲା ।

## କଳା ପଲସର ଆତଙ୍କ : ୩ ଲକ୍ଷ ୧୦ହଜାରଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

ବସ୍ତା, ୨୮/୧୧ (ନି.ପ୍ର): ଆଜି ଦିନ ୨ଟା୩୦ମିନିଟ ସମୟରେ ଜୈନିକ ଯୁବକ ବସ୍ତା ସ୍ଥିତ ଷ୍ଟାଟବ୍ୟାଙ୍କରୁ ୩ଲକ୍ଷ ୧୦ହଜାର ଟଙ୍କା ଧରି ବାଇକରେ ଆସୁଥିବା ବେଳେ ସଦାନନ୍ଦପୁର ରାସ୍ତା ମୁନିସିପଦା ପୋଲ ନିକଟରେ ପଛପଟୁ ଏକ କଳା ରଙ୍ଗର ପଲସର ଗାଡିରେ ୩ଜଣ ଲୋଟେରା ଆସି ରାସ୍ତାରେ ଅଟକାଇ ଟଙ୍କା ସହ ମୋବାଇଲ ସୁନାଚେନ ଝାମ୍ପି ନେଇଗଲେ ।ସୂଚନାରୁ ପ୍ରକାଶ ବସ୍ତାଥାନା ଅଧିନସ୍ଥ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ସଞ୍ଜୟ ବେହେରା ବ୍ୟାଙ୍କରୁ ଟଙ୍କା ଧରି ଫେରୁଥିବାବେଳେ ୩ଜଣ ଯୁବକ ପଛପଟୁ ଆସି ସଞ୍ଜୟଗାଡିକୁ ଅଟକାଇ ଟଙ୍କା ସମେତ ଏକମୋବାଇଲ ସୁନାଚେନ ଲୋଟିନେଇ ଚମ୍ପଟ ମାରିଥିଲେ ।ଖବର ପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ବ୍ୟାଙ୍କ କୁଯାଇ ସିସି ଟିଭି ଫୁଟେଜ ଚେକ କରି ତଦନ୍ତ ଜାରି ରଖିଛନ୍ତି ।

# ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଭଦ୍ରକ, ୨୮/୧୧ (ନି.ପ୍ର): ଜିଲ୍ଲା ଗଠନର ୩୦ରୁ ଉର୍ଦ୍ଧ୍ୱ ବର୍ଷ ବିତିଗଲାଣି। ସବୁ କ୍ଷେତ୍ରରେ ଭଦ୍ରକ ଜିଲ୍ଲାକୁ ଅଣଦେଖା କରାଯାଇ ଆସିଅଛି । ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଭଦ୍ରକ ବାସୀ ଏବେ ସେମାନଙ୍କ ହକ୍‌ରୁ ବଞ୍ଚିତ। ଦୀର୍ଘ ବର୍ଷ ହେଲା ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କଂଗ୍ରେସ ଦଳ ସମେତ ଭଦ୍ରକବାସୀ, ଭଦ୍ରକର ବିଭିନ୍ନ ସାମାଜିକ ସଂଗଠନ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରି ଆସୁଛନ୍ତି। ଅତୀତରେ ସରକାରୀ ମେଡିକାଲ କଲେଜ ଦାବି ନେଇ କଂଗ୍ରେସ ପକ୍ଷରୁ ଭଦ୍ରକ ବନ୍ଦ ପାଳନ କରାଯାଇଥିଲା। ଉକ୍ତ ବନ୍ଦ ଡାକରାକୁ ଅଭୂତପୂର୍ବ ସଫଳତା ମିଳିଥିଲା। ଏହାପରେ ମଧ୍ୟ କଂଗ୍ରେସ ବାରମ୍ବାର ଏହି ଦାବିକୁ ଦୋହରାଇ ଚାଲିଛି। ଭୌଗଳିକ ଦୃଷ୍ଟିକୋଣରୁ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ଅତ୍ୟନ୍ତ ଜରୁରୀ।




ଗମନାଗମନ ସୁବିଧା ସହିତ ସମସ୍ତ ଆବଶ୍ୟକ ଭିତ୍ତିଭୂମୀ ଏଠାରେ ରହିଛି। କାରଣ ଜିଲ୍ଲାର ୧୫ ଲକ୍ଷ ଲୋକଙ୍କ ସମେତ ପଡ଼ୋଶୀ ଜିଲ୍ଲାକୁ ମିଶାଇ ପ୍ରାୟ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭରଶୀଳ। କିନ୍ତୁ ଏଠାରେ ସାମାନ୍ୟତମ ଚିକିତ୍ସା ସୁବିଧା ନାହିଁ। ତେଣୁ ସମସ୍ତ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଫଳରେ ଏଠାକୁ ଆସୁଥିବା ଗରୀବ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଖର୍ଚ୍ଚାନ୍ତ ହୋଇ ଚାଲିଛନ୍ତି। ନିକଟବର୍ତ୍ତୀ ସମସ୍ତ ଜିଲ୍ଲାରେ ଇତିମଧ୍ୟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ସାରିଲାଣି। କିନ୍ତୁ ଏବେର ରାଜନୈତିକ ନେତୃମଣ୍ଡଳୀଙ୍କ ପାଇଁ ଭଦ୍ରକ ଜିଲ୍ଲା ଏଥିରୁ ବାଦ ପଡ଼ିଛି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉଛି ଜିଲ୍ଲାବାସୀଙ୍କ ହକ୍। ଏହି ହକ୍ ପାଇଁ କଂଗ୍ରେସ ନିଜର ସାଲିଶ ବିହୀନ ସଂଗ୍ରାମ ଜାରୀ ରଖିବ। ଅନୁରୂପ ଡ. ହରେକୃଷ୍ଣ ମହତାବଙ୍କ ସ୍ୱପ୍ନର ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ପ୍ରତି କାହାର ନଜର ନାହିଁ। ଦୀର୍ଘ ୨ଦଶନ୍ଧି ଧରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ଦାବିରେ କଂଗ୍ରେସ ସ୍ୱର ଉତ୍ତୋଳନ କରି ଆସିଛି। ଭଦ୍ରକର ସମସ୍ତ ବୁଦ୍ଧିଜୀବୀ ଓ ସାମଜିକ ସଂଗଠନ ମଧ୍ୟ ଉକ୍ତ ଦାବିରେ ଆନ୍ଦୋଳନ ଚଳାଇ ଆସିଛନ୍ତି। କିନ୍ତୁ ବିଜେଡି ସରକାର ଭଦ୍ରକବାସୀଙ୍କ ଏହି ଦାବି ପ୍ରତି ମଧ୍ୟ କର୍ଣ୍ଣପାତ କରୁ ନାହିଁ। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ଏଥି ନେଇ ନିରବ ରହୁଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ପ୍ରତିଶ୍ରୁତି ଦେଇଥିଲା ଶାସକ ବିଜେଡି। କିନ୍ତୁ ଏପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିଲା ନାହିଁ। ତେଣୁ ଜିଲ୍ଲାବାସୀଙ୍କ ଏହି୨ ହକ୍ ପାଇଁ କଂଗ୍ରେସ ଆସନ୍ତା ଡିସେମ୍ବର ୫ ତାରିଖ ୮ଘଣ୍ଟିଆ(ସକାଳେ ୬ରୁ ଅପରାହ୍ନ ୨ଟା))ଭଦ୍ରକ ସହର ବନ୍ଦ ଡାକରା ଦେଇଛି। ଏହି ବନ୍ଦ କରିବାକୁ ମଧ୍ୟ ଭଦ୍ରକବାସୀଙ୍କୁ ଦଳ ନିବେଦନ କରିଛି। ଏହି ମର୍ମରେ ଏକ ସ୍ମାରକପତ୍ର ଆଜି ଜିଲ୍ଲାପାଳଙ୍କୁ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି।

## 'ୟା ଅଲ୍ଲି ଜିମନାଷ୍ଟିକ କ୍ଲବ'ପକ୍ଷରୁ ଜିଲ୍ଲାସ୍ତରୀୟ ବଡି ବିଲଡିଂ ଚମ୍ପିଆନସିପ

ବାଲେଶ୍ୱର, ୨୮/୧୧ (ନି.ପ୍ର): ୟା ଅଲି ଜିମନାଷ୍ଟିକ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପଲକ୍ଷେ ଜିଲାସ୍ତରୀୟ ବଡି ବିଲଡିଂ ଚମ୍ପିଆନସିପ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ଉଦ୍ୟୋଗପତି ସୁଧାସିନ୍ଧୁ ପଣ୍ଡାଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାକ୍ରୀଡ଼ା ସଂଘର ସହ ସମ୍ପାଦକ ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, କାଉନସିଲର ନୌସାଦ ଅଲି ଓ ଶେଖ ଆୟୁବ, କ୍ରୀଡା ସଂଘର ଉପ-ସଭାପତି ବସନ୍ତ କୁମାର ମହାନ୍ତି, ସମାଜସେବୀ ସାହିରୁଲ ହକ୍, କ୍ଲବର ବରିଷ୍ଠ ସଭ୍ୟ ଶେଖ ସାହିଦ୍ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମ୍ପାଦକ ଆଇନଜୀବୀ ମୀର ଅବଦୁଲ ମାଜିଦ, ଉପ-ସଭାପତି ଶେଖ ଅଫସରୁଦ୍ଦିନ, ସହ-ସମ୍ପାଦକ ମହମ୍ମଦ ଜାଭେଦ, କୋଷାଧକ୍ଷ ସାଦିକ ଅଲ୍ଲୀ ଖାଁଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ଦତ୍ତ, ଶେଖ ନାସିରୁଦ୍ଦିନ, ଶେଖ ମେହେରାଜ, ଶେଖ ସାହିରୁଦ୍ଦିନ ଅହେମ୍ମଦ, ଶେଖ ସାମ୍‌ସୁଦ୍ଦିନ୍ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର ୫ ବର୍ଗରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭେଟେରାନ୍ ବଡି ବିଲଡର ତରୁଣ ଚାଟାର୍ଜୀଙ୍କ ସମେତ ମହମ୍ମଦ ସୌକତ ଅଲ୍ଲୀ, ଶେଖ ରଫିକ ଅହମ୍ମଦ, ଜାହାଙ୍ଗୀର ଅଲ୍ଲୀ ଖାଁ, ଶେଖ ମୁସ୍ତାକ, ଶେଖ ଭୋଲା ପ୍ରମୁଖ ଏଥିରେ ବିଚାରକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ଏଥିରେ ପୁରସ୍କୃତ କରାଯାଇଥିଲା । ୫୫ କେଜି ବର୍ଗରେ ଦୀପକ କୁମାର ସାହୁ, ୫୫ରୁ୬୦ କେଜି ବର୍ଗରେ ଜ୍ୟୋତି ରଞ୍ଜନ ବାରିକ, ୬୦-୬୫ କେଜି ବର୍ଗରେ ସୁର ମୁର୍ମୁ, ୬୫ରୁ ଉର୍ଦ୍ଧ୍ୱ କେଜି ବର୍ଗରେ ଜିତେନ ବାରିକ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶ୍ରେଷ୍ଠ ପ୍ରତିଯୋଗୀ ଜିତେନ ବାରିକଙ୍କୁ ଏହି ପ୍ରତିଯୋଗିତାର ଚମ୍ପିଆନ ଘୋଷିତ କରାଯାଇଥିଲା। ସେହିପରି ମେନ ଫିଜିକ୍ ପ୍ରତିଯୋଗିତାର ଦୁଇଟି ବର୍ଗରେ ସାହାନୱାଜ୍ କାଦ୍ରି ଓ ସବିର ହୋସେନ ଚମ୍ପିଆନ୍ ହୋଇଥିଲେ। ଶେଷରେ ୫୦ବର୍ଷରୁ ଉର୍ଦ୍ଧ୍ୱ ବଡି ବିଲଡରମାନଙ୍କ ସୋ' ଅନୁଷ୍ଠିତ ହୋଇଥିଲା ।

## ମିଳିତ ଜନ ଶୁଣାଣିରେ ଆଗତ ହେଲା ୬୬ ଟି ଅଭିଯୋଗ

ଭଦ୍ରକ, ୨୮/୧୧ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସୋମବାର ଦିନ ବନ୍ତ ବ୍ଲକ୍‌ରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୬ଟି ଅଭିଯୋଗର ଶୁଣାଣି କରିଥିଲେ। ଭଦ୍ରକ ଜିଲ୍ଲା ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଉପଜିଲ୍ଲାପାଳ ମନୋଜ ପାତ୍ର, ବନ୍ତବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବି.ଡ଼ି.ଓ. ପ୍ରଦୀପ କୁମାର ସେଠୀ, ବ୍ଲକ୍ ଉପାଧକ୍ଷା ପ୍ରଗତିବାଳା ସ୍ୱାଇଁ. ଏ.ବି.ଡ଼ି.ଓ ନିଶିକାନ୍ତ ଖୁଣ୍ଟିଆ ଏବଂ ଏ.ଡ଼ି.ଏମ୍.ଓ, ଡା. ସନ୍ତୋଷ କୁମାର ପୁଷ୍ଟି ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ। ସମୁଦାୟ ଆଗତ ଅଭିଯୋଗ ମଧ୍ୟରେ ୪୮ ଟି ବ୍ୟକ୍ତିଗତ ସମସ୍ୟା ଓ ୧୮ ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଶିବିରରେ ଉପସ୍ଥିତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ସହ ଆଗତ ଅଭିଯୋଗ ସମ୍ବନ୍ଧରେ ଆଲୋଚନା କରି ଆଶୁ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ଭତ୍ତା, ଜଳ ସେଚନ, ଗୃହ ନିର୍ମାଣ ସହାୟତା, ଖାଉଟୀ ସାମଗ୍ରୀ ଆଦି ବିଭିନ୍ନ ବିଭାଗୀୟ ଯୋଜନା ଓ କାର୍ଯ୍ୟାନ୍ୱୟନ ସମସ୍ୟା ନେଇ ଅଭିଯୋଗ ମାନ ଆସିଥିଲା। ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ବ୍ରହ୍ମଯଜ୍ଞ

ରୂପସା, ୨୮/୧୧ (ନି.ପ୍ର): ସୋମବାର ଅପରାହ୍ନ ୩-୩୦ ସମୟରେ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ଜ୍ୟେଷ୍ଠା ଦୁହିତା ଆୟୁଷ୍ମତୀ ମୁନି ମତୀ ସୌଦାମିନୀ ବାରିକଙ୍କ ଶୁଭ ଜନ୍ମଦିନ, ଆଶ୍ରମର ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଉପସ୍ଥିତ ସମସ୍ତେ ଏକମନ, ଏକପ୍ରାଣ, ଏକଭାବନାରେତଲ୍ଲୀନ ହୋଇ, ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ, ସୌଦାମିନିରଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ



ଜୀବନ୍‌ର ସମୂହ ଆଶିର୍ବଚନ ପ୍ରଦାନ କରାଯାଇଥିଲା । ମୁଖ୍ୟ ବକ୍ତା ହିସାବରେ ପିତା ଯୋଗୀ ପରମାନନ୍ଦ ମୁନି, ଦୁହିତାଙ୍କର, ଆଦର୍ଶ ଛାତ୍ରୀ ଜୀବନ, ବାଲେଶ୍ୱର ଜିଲ୍ଲାର, ପ୍ରଥମ ବର୍ଷର ନବୋଦୟ ବିଦ୍ୟାଳୟର ଛାତ୍ରୀ ଜୀବନ, ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, ନର୍ଷିଙ୍ଗ ବିଭାଗର ଛାତ୍ରୀ ଜୀବନ, ରେଲୱେରେ, ଷ୍ଟାଫ୍ ନର୍ସ ହିସାବରେ ଜୀବନ, ୨୦୦୬ ମସିହାରେ, ଦକ୍ଷିଣ ପୂର୍ବ ରେଳପଥର, ଆଦର୍ଶ ସର୍ବଶ୍ରେଷ୍ଠ ସେ ସେବିକା ହି ସାବରେ ସମର୍ଦ୍ଧିତ ହେବା, କାଞ୍ଚନାପଡାରୁ ଖଡ଼ଗପୁର, ଖଡ଼ଗପୁର ରୁ ଖୋର୍ଦ୍ଧା, ପୁଣି ଖୋର୍ଦ୍ଧାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମସ୍ତ ଆଦର୍ଶର ଜୀବନୀ ଉପରେ ଆଲୋକ ପାତ କରିଥିଲେ । ଉପସ୍ଥିତ ଥିଲେ, ମୁନିରାଜ୍ଞୀ ବିମଳା ଲେଙ୍କା, ଯୋଗସାଧିକା ବାସନ୍ତୀ ମହାଳିକ,ମୁନିରାଜ୍ଞୀ ସୁମତୀ ଦଳାଇ,ଶକୁନ୍ତଳା ପରିଡ଼ା ଇତ୍ୟାଦି ବହୁ ମୁନି-ମୁନିମତୀ ମାନେ । ଶେଷରେ ପିତା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଉଦଳାରେ ମେଗା ଚକ୍ଷୁ ଚିକିତ୍ସା ଶିବିର

ଉଦଳା, ୨୮/୧୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଆମେ ଭଞ୍ଜ କଳାକାର, ଉଦଳା ଓ ଭୂମିକା ଚକ୍ଷୁ ହସପିଟାଲ, ଭଦ୍ରକର ମିଳିତ ସହଯୋଗରେ ଆଜି ନଭେମ୍ବର ୨୭ ତାରିଖ ରବିବାର ଦିନ ଉଦଳା ଠାରେ ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରର ଉଦ୍‌ଘାଟନୀ ଉତ୍ସବରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଚକ୍ଷୁ ମନୁଷ୍ୟ ଶରୀରର ଏକ ଅମୂଲ୍ୟ ସମ୍ପଦ ଅଟେ । ତେଣୁ ଏହାର ଯତ୍ନ ନେବା ନିହାତି ଦରକାର ବୋଲି କହିଥିଲେ ।



ଅନ୍ୟ ମାନଙ୍କ ମଧ୍ୟରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ଶିବିରରେ ଚକ୍ଷୁ ପରୀକ୍ଷା ବିନା ମୂଲ୍ୟରେ କରାଯାଉଛି । ଯେଉଁମାନଙ୍କର ଦେଖିବାରେ ଅସୁବିଧା ରହିଛି ଯଥା- କମ ଦେଖାଯିବା, ଝାପସା ଦେଖାଯିବା, ଲେଖାପଢ଼ା କରିବାରେ ଅସୁବିଧା ତଥା ନାନାବିଧ ଚକ୍ଷୁ ସମସ୍ୟା ଥିଲେ ଶିବିରକୁ ଆସୁଥିବା ସୁନାମଧନ୍ୟ ଡ଼ାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସୁରେଶ କୁମାର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ସଭାପତି କ୍ଷୀରୋଦ ରଂଜନ ମହାନ୍ତି ଶେଷରେ ଶିବିରରେ ମୋଟ ୨୫୦ ଜଣ ଚକ୍ଷୁ ପରୀକ୍ଷା କରାଇଛନ୍ତି ଓ ସେଥିରୁ ୩୦ ଜଣ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବାର ପ୍ରକାଶ କରିଥିଲେ । ତେବେ ଏହି ୩୦ ଜଣଙ୍କର ବିନା ମୂଲ୍ୟରେ ଚକ୍ଷୁ ଅପରେସନ କରାଯିବ , ଏହାସହ ସେମାନଙ୍କର ରହିବା, ଖାଇବା ଓ ଔଷଧ ସବୁକିଛି ମାଗଣାରେ ଯୋଗାଇ ଦିଆଯିବ ବୋଲି ଜଣାଇଥିଲେ । ସଭାପତି ପ୍ରସନ୍ନ କୁମାର ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ରାଜଧାନୀରେ ଜାରି ରହିଛି ....

ସମାଧାନ ପାଇଁ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଗଣଶିକ୍ଷା ସଚିବଙ୍କୁ ଭେଟି ପ୍ରାଥମିକ ଆଲୋଚନା କରିଛନ୍ତି । ରାଜଧାନୀର ରାଜରାସ୍ତାରେ ଶିକ୍ଷକ ଆନ୍ଦୋଳନରେ ବସିଥିବାବେଳେ ବିଧାନସଭାରେ ବି ଏହି ପ୍ରସଙ୍ଗ ଉଠିଛି । ପ୍ରସଙ୍ଗ ଉଠାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ , ସରକାର ସେମାନଙ୍କ ସହ ତୁରନ୍ତ ଆଲୋଚନା କରନ୍ତୁ । ଏହାଦ୍ୱାରା ପାଠପଢା ପ୍ରଭାବିତ ହେଉଛି । ଆମ୍ବୁଲାନ୍ସ ବି ଫସୁଛି । ବିରୋଧୀ ଦଳ ମୁଖ୍ୟ ସଚେତକ କହିଥିଲେ,ରାଜଧାନୀରେ ଶିକ୍ଷକ ଆନ୍ଦୋଳନ କରୁଥିବାବେଳେ ଶିକ୍ଷାମନ୍ତ୍ରୀ ଏଠାରେ ନ ରହି ପଦ୍ମପୁରରେ ପ୍ରଚାରରେ ମାତିଛନ୍ତି । ତେଣୁ ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ । ବାଚସ୍ପତି ଶିକ୍ଷକଙ୍କ ଆନ୍ଦୋଳନ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ରୁଲିଂ ଦେଇଥିଲେ । ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ସାରା ଭୁବନେଶ୍ୱରରେ ଟ୍ରାଫିକ ଜାମରେ ଫସିଯାଇଛି । ବାଣୀବିହାରରୁ ରାଜମହଲ ଓ ଆଚାର୍ଯ୍ୟ ବିହାରରୁ ଏଜି ଛକ ଯାଏଁ ସବୁଠି ଘଂଟା ଘଂଟା ଧରି ଅଟକି ରହୁଥିଲା ଗାଡି । ଲୋୟର ପିଏମଜି ଆସୁଥିବା ଆନ୍ଦୋଳନକାରୀଙ୍କ ପାଇଁ ବିଗିଡି ଯାଇଥିଲା ଟ୍ରାଫିକ ବ୍ୟବସ୍ଥା । ସ୍କୁଲ ବସ ଠାରୁ ସାଧାରଣ ଯାତ୍ରୀ ହୋଇଥିଲେ ହନ୍ତସନ୍ତ । ଆମ୍ବୁଲାନ୍ସ ବି ଭିଡରେ ଫସିଯାଇତିଲା । ରେଳ ଷ୍ଟେସନ ଆସୁଥିବା ଯାତ୍ରୀ ବି ହାଇରାଣ ହୋଇଥିଲେ । ନିୟମିତ ହୋଇଥିବା ଶିକ୍ଷକଙ୍କୁ ଇନକ୍ରିମେଂଟ ପ୍ରଦାନ, ପୁରୁଣା ପେନସନ ଯୋଜନା ଲାଗୁ ଓ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଦାବିରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆନ୍ଦୋଳନ ଚଳାଇଛନ୍ତି । ସରକାର ଦାବି ନ ଶୁଣିଲେ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଚେତାବନୀ ଦେବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ।

### ପଦମପୁର ଉପନିର୍ବାଚନ....

କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲିର ଶେଷ କାର୍ଯ୍ୟକ୍ରମ ଭାବରେ ସନ୍ଧ୍ୟା ୬.୩୦ରେ ବିଜାଡିହରେ ଏକ ସାଧାରଣ ଜନସଭାରେ ଶ୍ରୀ ପ୍ରଧାନ ଯୋଗ ଦେବେ ।ସେହିଭଳି ନଭେମ୍ବର ୩୦ ଓ ଡିସେମ୍ବର ୧ ତାରିଖରେ ପଦମପୁର ନିର୍ବାଚନ ମଣ୍ଡଳୀର ଅନ୍ୟ ସ୍ଥାନମାନଙ୍କରେ ସେ ପ୍ରଚାର କରିବେ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ଆଜି ପଦମପୁର ଅଂଚଳରେ ଆୟକର ବିଭାଗର ଚଢାଉକୁ ନେଇ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତରରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତି ଆଇନକୁ ଭାଙ୍ଗିଥିବେ, ବେଆଇନ ଭାବରେ କଳାଟଙ୍କା ରଖିଥିବାର ପ୍ରମାଣ ଆୟକର ବିଭାଗ ପାଖରେ ଥିବ ତେବେ ଯାଇ ସେମାନେ ଚଢାଉ କରିଥିବେ । ବିଜୁ ଜନତା ଦଳର ମୁଖିଆ ସବୁବେଳେ ଆଇନ ତା ବାଟରେ ଯିବ ବୋଲି କୁହନ୍ତି । ଆୟକର ଚଢାଉ ମଧ୍ୟ ଆଇନ ଆଧାରରେ ହେଉଛି । ବିଜୁ ଜନତା ଦଳ ଏହାକୁ କାହିଁକି ବିରୋଧ କରୁଛି । କଣ ନିର୍ବାଚନ ଅଛି ବୋଲି ଦୁର୍ନୀତିଗ୍ରସ୍ତ ଓ ଅପରାଧୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନକରାଯାଇ ସେମାନଙ୍କୁ ଛାଡି ଦିଆଯିବ କି ?

### ଆଇନଜୀବୀଙ୍କ ଆନ୍ଦୋଳନକୁ ....

ଜାରି ରଖିବେ । ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଓକିଲଙ୍କ ଆନ୍ଦୋଳନ ଯୋଗୁଁ ନ୍ୟାୟପାଳିକା କାର୍ଯ୍ୟ ପ୍ରଭାବିତ ହେଉଥିବା ଆବେଦନରେ ଦର୍ଶାଇଥିଲେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ । ଏହା ପଢିବା ପରେ ସୁପ୍ରିମକୋର୍ଟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏପେଟେ ପଶ୍ଚିମ ଓଡିଶାର ଆଇନଜୀବୀ କହିଛନ୍ତି ଲାଇସେନ୍ସ ବାତିଲକୁ ଭୟ କରନ୍ତି ନାହିଁ । ରାୟର ବିଚାର ବିମର୍ଶ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ନଭେମ୍ବର ୧୪ରେ ସୁପ୍ରିମକୋର୍ଟ ତୁରନ୍ତ କାର୍ଯ୍ୟରେ ଯୋଗ ନଦେଲେ ଓକିଲଙ୍କ ଲାଇସେନ୍ସ ବାତିଲ କରିବାକୁ ଚେତାବନୀ ଦେଇଥିଲେ । ସେହି ସମୟରେ ସମ୍ବଲପୁର ବାର ଆସୋସିଏସନର ପ୍ରାୟ ୧୬ ଶହ ଓକିଲ ଲାଇସେନ୍‌ସ ସରେଣ୍ଡର କରିବେ ବୋଲି କହିଥିଲେ । ଏବେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଆଇନଜୀବୀଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି ।

### ଜିଏସ୍‌ଟି ରେଡ୍ ....

ଏଭଳି ରେଡ୍‌କୁ ସଂଘ ନିନ୍ଦା କରିବା ସହ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛି । ସୂଚନାଯୋଗ୍ୟ, ଆଜି ଭୋର ସମୟରୁ ପଦମପୁର ନିର୍ବାଚନମଣ୍ଡଳୀର ୩ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ବାସଭବନରେ ସିଆରପିଏଫ ଉପସ୍ଥିତିରେ ଆଇଟି ରେଡ୍ ହୋଇଥିଲା । ଏହି ୩ ବ୍ୟବସାୟୀ ବିଜେଡି ସମର୍ଥିତ ହୋଇଥିବାରୁ ସେମାନଙ୍କ ଘରେ ଏଭଳି ରେଡ୍ ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଥିଲା। ଏଭଳି ଆଇଟି ରେଡକୁ ସାଧାରଣରେ ନାପସନ୍ଦ କରାଯାଉଥିବାବେଳେ ବିଜେଡି ସପକ୍ଷରେ ଜନମତ ବଢୁଥିଲା । କିନ୍ତୁ ସନ୍ଧ୍ୟା ହେଉ ହେଉ ବିଜେପି ସମର୍ଥିତ ଦୋକାନଗୁଡ଼ିକ ଉପରେ ଜିଏସଟି ରେଡ୍ କରି ବିଜେଡି ସରକାର ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରିଛନ୍ତି । ଆଉ ପଦମପୁରରେ ସାଧାରଣ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ବିଜେଡିକୁ ହେବାକୁ ପଡ଼ିଛି । ଯାହାର ପ୍ରଭାବ ଆଗାମୀ ଉପନିର୍ବାଚନରେ ବିଜେଡିକୁ ଭୋଗିବାର ଆଶଙ୍କା ରହିଛି ।

### ବିଚାରପତି ନିଯୁକ୍ତି ନେଇ କେନ୍ଦ୍ରକୁ ....

କିଭଳି ଶୀଘ୍ର ପାରିତ କରିପାରିବେ ସେନେଇ କେନ୍ଦ୍ର ସରକାରଙ୍କ ସହ କଥା ହେବାକୁ ସଲିସିଟର ଜେନେରାଲ ଏବଂ ଆଟର୍ଣ୍ଣି ଜେନେରାଲଙ୍କୁ ଖଣ୍ଡପୀଠ କହିଛନ୍ତି । ନିକଟରେ କେନ୍ଦ୍ର ଆଇନ୍ ମନ୍ତ୍ରୀ କିରଣ ରିଜଜୁ କଲେଜିୟମ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ । ଏହାପରେ ଏକ ଟିଭି ଚ୍ୟାନେଲର କନକ୍ଲେଭରେ ରିଜଜୁ କଲେଜିୟମ ବ୍ୟବସ୍ଥାକୁ ଏଲିଏନ୍ ବୋଲି କହିଥିଲେ ।

## ବିପଦ ସଂକୁଳ ଛାତ ତଳେ ଚାଲିଛି ପାଠ ପଢ଼ା

ଉଦଳା, ୨୮/୧୧ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଞ୍ଚାୟତ ଅନ୍ତର୍ଗତ ଉପରତାଳଡ଼ିହା ଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ ଏବେ ଖଣ୍ଡ ଖଣ୍ଡ କଂକ୍ରୀଟ ଖସିବାକୁ ଲାଗିଲାଣି । ଛାତଟି କେଉଁ ମୁହୂର୍ତ୍ତରେ ଖସିପଡ଼ିବାର ସମ୍ଭାବନା ରହିଛି । ଉକ୍ତ ବିଦ୍ୟାଳୟର ମୋଟ ୨ଟି ଶ୍ରେଣୀ ଗୃହରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ମୋଟ ୬୦ ଜଣ ପିଲା ଏହି ବିଦ୍ୟାଳୟରେ ପଢୁଛନ୍ତି । ଆଜକୁ ୬୬ ବର୍ଷ ପୂର୍ବେ ଏହି ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିବା ସହିତ ଏହା ଏ ଅଞ୍ଚଳର ପ୍ରଥମ ବିଦ୍ୟାଳୟ ବୋଲି ବ୍ୟକ୍ତ କରିଛନ୍ତି। ତେବେ ଛାତ ଘରଟି ନିର୍ମାଣ ସମୟରେ ନିମ୍ନ ମାନର କାମ ହୋଇଥିବା ଯୋଗୁଁ କଂକ୍ରୀଟ ଖସି ପଡୁଛି ବୋଲି ଅନେକ ମତ ଦେଇଛନ୍ତି। ତେବେ କିଛି ଅଘଟଣ ଘଟିବା ପୂର୍ବରୁ ସରକାର ତୁରନ୍ତ ମରାମତି ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସ୍ଥାନୀୟ ବାସିନ୍ଦା ଦାବୀ ଜଣାଇଛନ୍ତି । ସେହିପରି ବର୍ଷାଦିନରେ ଛାତରୁ ପାଣି ଗଳିବା ଫଳରେ ପାଠ ପଢ଼ିବା ପାଇଁ ପିଲାଏ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ।

## ଅନ୍ତର୍ଜାତୀୟ ନୃତ୍ୟ ମଂଚରେ ଓଡ଼ିଆ ଝିଅ ପ୍ରିୟାଂଶୀ ପ୍ରଥମ

ଭୁବନେଶ୍ୱର, ୨୮/୧୧ (ନି.ପ୍ର): ଓଡ଼ିଆ ଝିଅ ପ୍ରିୟାଂଶୀ ରାଜ୍ୟ ପାଇଁ ଆଣିଛନ୍ତି ଗୌରବ। ଅନ୍ତର୍ଜାତୀୟସ୍ତରରେ ନୃତ୍ୟ ପରିବେଷଣ କରି ପ୍ରଥମସ୍ଥାନ ହାସଲ ସହ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ନଭେମ୍ବର ୨୬ରୁ ନୂଆଦିଲ୍ଲୀସ୍ଥିତ ଏମ୍‌ସିୟୁଆଇ ଅଡ଼ିଟୋରିୟମ ଓ କନଭେନସନ ସେ ରରେ ଅନ୍ତର୍ଜାତୀୟ ଟ୍ୟାଲେଂଟ ହଂଟ କାର୍ଯ୍ୟକ୍ରମରେ ଇଂଟରନ୍ୟାସନାଲ ଇଣ୍ଡିଆନ ଆଇକନ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୮୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୩ଜଣ ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ। ଓଡ଼ିଶାର କୁନି ପ୍ରତିଭା ପ୍ରିୟାଂଶୀ ସେମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଓଡ଼ିଶାର ପ୍ରିୟାଂଶୀ ଜେନା ଓ ରାଜସ୍ଥାନର କୌଶିକ ଯୋଶୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଗାମୀ ଡ଼ିସେମ୍ବର ମାସ୨୪ ତାରିଖରେ ଚିକାଗୋରେ ଅନୁଷ୍ଠିତ ହେବାକୁ ଥିବା ଇଂଟରନ୍ୟାସନାଲ ଇଣ୍ଡିଆନ ଆଇକନରେ ଭାଗ ନେବାପାଇଁ ପ୍ରିୟାଂଶୀ ମନୋନୀତ ହୋଇଛନ୍ତି। ପ୍ରିୟାଂଶୀ ଜେନା ଭୁବନେଶ୍ୱରସ୍ଥିତ ଫ୍ଲେଲସ୍ ଡ୍ୟାନ୍ସ ଏକାଡ଼େମୀରେ ନୃତ୍ୟ ଶିଖୁଛନ୍ତି। ଗୁରୁ ଆଶିଷ କୁମାରଙ୍କ ତତ୍ତ୍ୱାବଧାନରେ ପ୍ରିୟାଂଶୀ ଆଜି ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପରେ ଆଗାମୀ ଦିନରେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ପାଇଁ ପ୍ରିୟାଂଶୀ ଓଡ଼ିଶାର ସମସ୍ତ ଗୁରୁଜନମାନଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି।


ଦକ୍ଷିଣପୂର୍ବ ରେଳପଥ
ଟେଣ୍ଡର

**Tender Notice No. : 114- Elc-G-KGP-22-23-16, Dt. 25.11.2022.**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର୍ ଡିଇଇ/ଜି/ଖଡ଼ଗପୁର-୭୨୧୩୦୧ ଦ୍ୱାରା ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଛନ୍ତି । ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୫.୦୦ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ ୧୫.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା -** ୨ଟି ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ ପାଇଁ ବୈଦ୍ୟୁତିକ କାର୍ଯ୍ୟ । ୱାରେଣ୍ଟି ପରେ ୧୦ ବର୍ଷର ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା ସହିତ ବାଲାସୋର ରେଳ ଷ୍ଟେସନରେ ଏସ୍କାଲେଟର । **ଟେଣ୍ଡର ମୂଲ୍ୟ :** ଟ. ୧,୮୫,୭୩,୮୧୧.୩୯ **E.M.D:** ଟ. ୨,୪୨,୯୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ସମାପ୍ତି ଅବଧି:** ଗ୍ରହଣ ପତ୍ର ପ୍ରଦାନ ତାରିଖ ଠାରୁ ୧୨ ମାସ । **ଖୋଲିବା ତାରିଖ :** ୨୧.୧୨.୨୦୨୨ । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୨୧.୧୨.୨୦୨୨ । ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଟିପନ୍ତୁ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟିମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

**PR : 841**

মঙ্গলবার, নভেম্বর ২৯, ২০২২

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ମଙ୍ଗଳବାର, ନଭେମ୍ବର ୨୯, ୨୦୨୨

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର ଦାବିରେ ଗଣଧାରଣା

ବାଲେଶ୍ୱର, ୨୮/୧୧ (ନି.ପ୍ର): ଜିଲ୍ଲାବାସୀଙ୍କୁ ଉନ୍ନତ ତଥା ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଗଣଧାରଣା ଓ ପ୍ରତିବାଦ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା ପରେ ବି ଜିଲାରେ ବିପର୍ଯ୍ୟସ୍ତ ସରକାରୀ ସ୍ୱାସ୍ଥ୍ୟସେବାର ସ୍ଥାୟୀ ପ୍ରତିକାର ଦାବିକରି ଏହି ଗଣଧାରଣାରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଗଣସଂଗଠନର ପ୍ରତିନିଧି, ନିର୍ବାଚିତ ଜନପ୍ରତିନିଧି ଏବ ବହୁ ବୁଦ୍ଧିଜୀବି ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ବିଶେଷ କରି ଫକୀରମୋହନ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ହୃଦରୋଗ, ସ୍ନାୟୁରୋଗ, ମୁତ୍ରାଶୟଜନିତ ଗୁରୁତର ରୋଗର ବିଭାଗ କାର୍ଯ୍ୟକ୍ଷମ କରି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା, ଜିଲ୍ଲାରେ ଖାଲିପଡ଼ିଥିବା ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରିବା, ମଞ୍ଜୁରୀପ୍ରାପ୍ତ ଆୟୁଷ ହସପିଟାଲ୍, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ୍ ପ୍ରତିଷ୍ଠା କରିବା, ଏମ୍ସର ବହିର୍ବିଭାଗକୁ ସପ୍ତାହବ୍ୟାପୀ କାର୍ଯ୍ୟକାରୀ କରି ସମସ୍ତ ପ୍ରକାର ରୋଗ ନିରୂପଣ ଯନ୍ତ୍ର ପ୍ରତିଷ୍ଠା କରିବାପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି । ଦାବିପୂରଣ ନହେଲେ ଆସନ୍ତା ଡିସେମ୍ବର ମାସରେ ରାଜଧାନୀରେ ଲଗାତର ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି । ଏନେଇ ଗତ ୨୫ ତାରିଖଠାରୁ ଫକୀରମୋହନଙ୍କ ସାଧନାପୀଠ ଶାନ୍ତିକାନନରୁ ୧୫ ଜଣିଆ ପ୍ରତିନିଧି ଦଳ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତକୁ ପରିକ୍ରମା ସହ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଅଧିକାର ସଂପର୍କରେ ଜନ କରି ଗଣଧାରଣା ସ୍ଥଳରେ ପହଞ୍ଚିଥିଲେ । ଆଜିର ଗଣଧାରଣା କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ସଭାନେତ୍ରୀ ମମତା ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ପ୍ରଭାକର ସାହୁ, ନିରଞ୍ଜନ ରାଉତ ଓ ଦୀନବନ୍ଧୁ ଲେଙ୍କା ସଭା ପରିଚାଳନାରେ ସହାୟତା କରିଥିଲେ ।

## ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ



ବାରିପଦା, ୨୮/୧୧ (ନି.ପ୍ର): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଫିରୋଜ କୁମାର ପାଢୀ ସଭାପତିତ୍ୱ କରି ଜାତୀୟ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଭାରତୀୟ ସମ୍ବିଧାନ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ ହେବା ସହ ନିଜର ସ୍ୱତନ୍ତ୍ରତା ନିମନ୍ତେ ସମଗ୍ର ବିଶ୍ୱରେ ନିଜସ୍ୱ ପରିଚୟ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ । ଇଂରାଜୀ ଅଧ୍ୟାପିକ ଡଃ ସାଗରିକା ସିଂହ, ରାଜନୀତି ବିଜ୍ଞାନ ଅଧ୍ୟାପକ କୁମାରେଶ ନାୟକ ଭାରତୀୟ ସମ୍ବିଧାନ ପ୍ରଣୟନର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହ ଭାରତୀୟ ସମ୍ବିଧାନର ବିଶେଷତା ଗୁଡିକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଥିଲେ । ଉପସ୍ଥିତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରୀ ମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଟି ପାଠ କରିବା ସହ ଭାରତୀୟ ସମ୍ବିଧାନକୁ ମାନି ଚଳିବାକୁ ଶପଥ ନେଇଥିଲେ । ଅଧ୍ୟାପିକା ଡଃ ସାଗରିକା ସିଂହ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଇଂରାଜୀ ଅଧ୍ୟାପକ ସ୍ୱଦେଶ ବାନାର୍ଜୀ ସହଯୋଗ କରିଥିଲେ ।

## ଆରୋପ ପ୍ରତ୍ୟାରୋପ ମଧ୍ୟରେ ଫକୀରମୋହନ ସାହିତ୍ୟ ପରିଷଦ ସାଧାରଣ ପରିଷଦ ବୈଠକ ଶେଷ : ନ୍ୟାୟାଳୟର ରାୟକୁ ସମସ୍ତଙ୍କର ଅପେକ୍ଷା

ବାଲେଶ୍ୱର, ୨୭/୧୧ (ନି.ପ୍ର): ଗତକାଲି ୭୫ବର୍ଷର ପୁରାତନ ସାହିତ୍ୟ ଅନୁଷ୍ଠାନ ଫକୀରମୋହନ ସାହିତ୍ୟ ପରିଷଦର ବାର୍ଷିକ ସାଧାରଣସଭା ଶାନ୍ତିକାନନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୨୦୦ ପାଖାପାଖି ସଦସ୍ୟ ଯୋଗଦେଇଥିଲା ବେଳେ ଆରମ୍ଭରୁ ଉଷ୍ମ ବାତାବରଣ ସୃଷ୍ଟି ହୋଇଥିଲା । କାର୍ଯ୍ୟସୂଚୀ ଅନୁସାରେ ୬ଗୋଟି ବିଷୟରେ ଆଲୋଚନା ପାଇଁ ରହିଥିଲାବେଳେ ପୂର୍ବବାର୍ଷିକ ସାଧାରଣସଭାର ବିବରଣୀ ଉପସ୍ଥାପନା ଓ ଅନୁମୋଦନ ପ୍ରକ୍ରିୟାରୁ ହିଁ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଥିଲା । କେତେଜଣ ସଦସ୍ୟ ପରିଷଦ କାଠଗଡ଼ାକୁ ଯାଇଥିବାରୁ ଏହାର ସମାଧାନ ଆପୋଷ ଆଲୋଚନା ମାଧ୍ୟମରେ କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ ବି ତାହା ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ପରମ୍ପରା ନାମରେ କିଭଳି ପରିଷଦର ସମ୍ବିଧାନକୁ ଅବମାନନା କରାଯାଉଛି ସେ ସମ୍ପର୍କରେ ବରିଷ୍ଠ ସଦସ୍ୟ ଡ. ରାଧାରଂଜନ ପଟ୍ଟନାୟକ, କାଳୀପଦ ପଣ୍ଡା ଓ ଅଭୟ ଦାସ ମତ ରଖିଥିଲେ । ନିମନ୍ତ୍ରଣପତ୍ରରେ ପରିଷଦର ସମ୍ବିଧାନ ସଂପର୍କୀୟ ଆଲୋଚନା ଓ ସଂଶୋଧନର କଥା ରହିଥିଲେ ବି ଏବଂ ଏକ କମିଟି ଏନେଇ ଗଠନ ହୋଇଥିଲେ ମଧ୍ୟ ତାହା ସାଧାରଣ ସଭାରେ ଉପସ୍ଥାପନ ହୋଇପାରିନଥିଲା । ଯେହେତୁ ଏକ ନ୍ୟାୟିକ ମାମଲା ବାଲେଶ୍ୱର ସିନିଅର ଡିଭିଜନ ସିଭିଲ କୋର୍ଟରେ ବିଚାରାଧୀନ ଏଣୁ ରାୟ ପର୍ଯ୍ୟନ୍ତ କିଛି ନହେବା ଉପରେ ମତ ଆସିଥିଲା । ନୂତନ ସଦସ୍ୟ ଗ୍ରହଣ ବେଳେ ପ୍ରେସ ବିଜ୍ଞପ୍ତି ଦ୍ୱାରା ସମସ୍ତଙ୍କୁ ଅବଗତ ନକରାଯିବା ଉପରେ ପ୍ରଶ୍ନ ଉଠିଥିଲା । ପରିଷଦର ମୁଖପତ୍ର ଛପାବେଳେ କୋଟେସନ ମଗାଯାଉନଥିବା ସହ ପରିଷଦ ନାମକୁ ବ୍ୟବହାର ପ୍ରକାଶିତ ପୁସ୍ତକର ବିକ୍ରୟବଟା ବାବଦରେ ମଧ୍ୟ ପ୍ରଶ୍ନ ଉଠିଥିଲା । ପୁନଶ୍ଚ ପ୍ରତିସପ୍ତାହରେ ସଂଖ୍ୟାଧିକ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କେଉଁ ଆଧାରରେ ହେଉଛି ଓ ପରିଷଦର କେଶ୍ ସମ୍ବନ୍ଧୀୟ ବିଷୟକୁ ଗୋଟିଏ ବର୍ଷ ମଧ୍ୟରେ ସାଧାରଣ ସଭା ଡାକି ସଭ୍ୟମାନଙ୍କୁ ଜଣାଯାଇ ସେମାନଙ୍କର ମତାମତ ଲୋଡ଼ା ନଯିବା ସହ କେଶର ଓକିଲ ଓ ଅନ୍ୟାନ୍ୟ ଖର୍ଚ୍ଚ କିଏ ବହନ କରିବ ସେ ନେଇ ମଧ ପ୍ରଶ୍ନ ଆସିଥିଲା । କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମଗ୍ର ସାଧାରଣ ସଭା ବାକ୍ ବିତଣ୍ଡା ଓ ଆରୋପ ପ୍ରତ୍ୟାରୋପ ମଧ୍ୟରେ ହିଁ ଶେଷ ହୋଇଥିଲା । ଗତ ନଭେମ୍ବର ସାତ ତାରିଖରେ ନିର୍ବାଚନ ପରଠାରୁ ପରିଷଦର ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିଥିବା ବହୁ ସଦସ୍ୟ ଆଜି ବର୍ଷପରେ ଶାନ୍ତିକାନନକୁ ଯାଇଥିବାର ଦେଖାଯାଇଥିଲା । କର୍ମକର୍ତ୍ତାମାନେ ସମ୍ବିଧାନ ବ୍ୟବସ୍ଥାକୁ ନ ମାନିଥିବାରୁ ଇସ୍ତଫା ଦେଇ ସାନି ନିର୍ବାଚନର ସମ୍ମୁଖୀନ ହେଲେ ସମସ୍ୟା ସମାଧାନ ହୋଇଯାନ୍ତା ବୋଲି ରମେଶ ଚନ୍ଦ୍ର ଜେନା ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ନାକଚ ହୋଇଯାଇଥିଲା । ଫଳରେ ନ୍ୟାୟାଳୟର ରାୟ ହିଁ ସମସ୍ତ ସମସ୍ୟାର ଅନ୍ତ କରାଇବ ବୋଲି ସ୍ପଷ୍ଟ ହୋଇଯାଇଛି ।

## ବିଶିଷ୍ଟ ସମାଜସେବୀ ତଥା ସଂଗ୍ରାମୀ ନେତା ରାଜେନ୍ଦ୍ର ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ



ବାଲେଶ୍ୱର, ୨୭/୧୧ (ନି.ପ୍ର): ଉତ୍ତର ବାଲେଶ୍ୱର ଟାଣୁଆ ସଂଗ୍ରାମୀ ନେତା, ସମାଜସେବୀ ଚିନ୍ତାଧାରାର ପ୍ରବକ୍ତା ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଆଜି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପାଳିତ ହୋଇଛି । ରାଜେନ୍ଦ୍ର ବିଶ୍ୱାଳ ସ୍ମୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ କମିଟିର ସଭାପତି ପ୍ରଫେସର ଅଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ପୁଷ୍ପମାଲ୍ୟ ଫଟୋରେ ପ୍ରଦାନ କରି ସ୍ମୃତି ଚାରଣ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ସଭ୍ୟ କବି କାଳିପଦ ପଣ୍ଡା ଯୋଗ ଦେଇଥିଲେ । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସ୍ୱାଗତ ଭାଷଣ ସହିତ ପାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜିବୀ ବିଜୟ କୁମାର ପାଣିଗ୍ରାହୀ, ପ୍ରଫେସର ପ୍ରଶାନ୍ତ ବରାଳ, ଅରୁଣ କମାର ଜେନା, ଇଂ ବସନ୍ତ କୁମାର ବେହେରା, ଏମ ସତ୍ୟଶଙ୍କର, ସମାଜସେବୀ ସୁଦର୍ଶନ ଜେନା, ମୃତ୍ୟୁଞ୍ଜୟ ଜେନା, ଶିଳ୍ପୀ ଉପେନ୍ଦ୍ର ଗିରି, ସମାଜସେବୀ ରାମଚନ୍ଦ୍ର ବେହେରା ହାଇଦରିଆ ଯୋଗଦେଇ ଦିବଂଗତ ରାଜେନ୍ଦ୍ର କୁମାର ବିଶ୍ୱାଳଙ୍କ ବିଭିନ୍ନ ଜନହିତକର କାର୍ଯ୍ୟାବଳୀ ବର୍ଣ୍ଣନା କରିବା ସହିତ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ନିଆଗଲା ।

## ଜିଲ୍ଲାପାଳ ଓ ଏସ୍.ପିଙ୍କ ଯୁଗ୍ମ ଜନଶୁଣାଣି : ୧୯୧ ଅଭିଯୋଗ ପଂଜିକରଣ



ଜଳେଶ୍ୱର ୨୮/୧୧(ନି.ପ୍ର): ପୂର୍ବ ସୂଚନା ଅନୁଯାୟୀ ଆଜି ଜଳେଶ୍ୱର ବ୍ଲକରେ ମିଳିତ ଜନଶୁଣାଣୀ ପୂର୍ବାହ୍ନରେ ଆରମ୍ଭ ହୋଇଥିଲା । ଏଥିରେ ମୋଟ ୧୯୧ଟି ଅଭିଯୋଗ ପଂଜିକରଣ ହୋଇଥିବା ବେଳେ କୃଷି, ପିଇବାପାଣି, ଆବାସ ଗୃହ, ବାର୍ଦ୍ଧକ୍ୟଭତ୍ତା, ବାଲିଚାଲାଣ ଓ ଦୁର୍ନିତୀ ସଂପର୍କରେ ଅଧିକ ଅଭିଯୋଗ ମିଳିଥିଲା । ନାମ୍ପୋ ଗାଁର କେତେକ ସମସ୍ୟା ନେଇ ସମାଧାନ ହେଉନଥିବାରୁ ବିଜେପି ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଅନସନ ଧର୍ମଘଟ ଚାଲୁ ରହିଛି । ଧାନ କ୍ରୟ ଲାଗି ନାମ ପଂଜିକରଣରେ ବିଭ୍ରାଟ, ବାଲିର ବ୍ୟାପକ ଚୋରା ଚାଲାଣ, ଆବାସ ଘର ବଣ୍ଟନରେ ଦୁର୍ନିତୀ, ବାର୍ଦ୍ଧକ୍ୟଭତ୍ତି ପ୍ରଦାନରେ ଚଞ୍ଚକତା, ପ୍ରତିବର୍ଷଭଳି ଚଳିତ ବର୍ଷ ଶୀତବସ୍ତ୍ର ବଣ୍ଟନ ନ ହେବ, ବନ୍ୟା ସମୟରେ ସରକାରୀ ସହାୟତାରେ ପାତର ଅନ୍ତର, ମାଂକଡ ଉପଦ୍ରବ, ଭିକ୍ଷାବୃତ୍ତି କରି ଚଳୁଥିବା ଲୋକଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଓ ଆଶ୍ରୟସ୍ଥଳ ପ୍ରଦାନ, ନିର୍ମାଣାଧିନ ନୂଆବଜାର ଉଡନ୍ତାପୋଲ ଯୋଗୁଁ ବ୍ୟାପକ ଧୂଳି ଉଡିବୁ ନେଇ ଅସନ୍ତୋଷ, ମହିଳାଚାଷୀଙ୍କୁ ଗୁରୁତ୍ୱ ଦିଆନଯିବ, ବିକଳାଙ୍ଗ ମାନଙ୍କୁ ଭତ୍ତା ପ୍ରାଦାନରେ ଅନିୟମିତତା, ଟାଟା ପାୱାର ପକ୍ଷରୁ ଚାଷୀଙ୍କୁ ହଇରାଣ ହରକତ କରାଯାଉଥିବା ସଂପର୍କରେ ବିଭିନ୍ନ ଅଭିଯୋଗ ଆସିଥିଲା । ଏହି ଅଭିଯୋଗରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ସାହୁ, ସିଡିଏମ୍‌ଓ ଦୁଲାଲ ସେନ୍ ଜଗଦେବ, ଉପଜିଲାପାଳ ଛଭନ୍ କୁନାଲ ମୋତିରାମ, ପାନୀୟଜଳ ବିଭାଗର ନିର୍ବାହୀ ଇଂ ସମୀର ଚନ୍ଦ୍ର ଦେ, ସିଏସ୍‌ଓ ପ୍ରଦ୍ୟୁମ୍ନ ରାଉତରାୟ, ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ସିଡିଭିଓ ଡା. ବନମାଳି ସାହୁ, ଜଳେଶ୍ୱର ବିଡିଓ ପୁନମ ରାଉତ, ତହସିଲଦାର ମିହିର ରଂଜନ ବେହେରା, ଡିପିଓ ପୂର୍ବଚନ୍ଦ୍ର ବେହେରା, ଡିଏସ୍‌ଡବ୍ଲୁଓ କୁନ୍ତଳାକୁମାରୀ ମଲ୍ଲିକ, ଜଳସେଚନ ସହକାରୀ ଇଂ ପ୍ରିୟବ୍ରତ ସିଂ, ଡ୍ରେନେଜ୍‌ର କାର୍ଯ୍ୟନିର୍ବାହୀ ଏସ୍.କେ ସି, ଉଠାଜଳସେଚନର ନିର୍ବାହୀ ଇଂ ଲକ୍ଷ୍ମିନାରାଣ ପାଢୀ, କ୍ଷୁଦ୍ରଜଳସେଚନର କାର୍ଯ୍ୟନିର୍ବାହୀ ଇଂ ଅରୁଣ କୁମାର ଦେ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଇଂ ନିହାରକାନ୍ତି ବେହେରା, ପିଏଚ୍‌ଡିର ପରେଶ୍ୱର ଜେନା, ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ ସୁକାନ୍ତ ପାଢୀ, ଟାଟା ପାୱାରର ଅଧିକ୍ଷଣ ଯନ୍ତ୍ରୀ ଏସ୍.ଏସ୍ କର, ଡିଏସ୍‌ଏସ୍‌ଓ ପୁଷ୍ପଲତା ଦିକ୍ଷିତ, ବିଇଓ ଲଲାଟେନ୍ଦୁ ଜେନା, ଲେବର ଅଫିସର ବୃନ୍ଦାବନ ସେଠୀ, ସିଡିପିଓ ବିନତାମଣୀ ସିଂ. ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଏମ୍‌ଆଇ ସାଗରିକା ରାଉତରାୟ, ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଅଂଗନୱାଡି କେନ୍ଦ୍ରରେ ପିଲାମାନଙ୍କୁ ପ୍ରତିବର୍ଷଭଳି ନଭେମ୍ବର ୧୪ତାରିଖ ଶୀତବସ୍ତ୍ର ବଣ୍ଟନ କରାଯାଉଥିବା ବେଳେ ଚଳିତବର୍ଷ ନାମ୍ପୋ ପଂଚାୟତରେ ତାହା ହୋଇନଥିବାରୁ ଜଗଦୀଶ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ସମ୍ମୁଖରେ ଆମରଣ ଅନସନ ଆରମ୍ଭ ହୋଇଛି । ନାମ୍ପୋ ପୁଲିସ୍ ଫାଣ୍ଡି ନିକଟରୁ କଟିପୋଲ ଯାଏ ଜଳ ନିଷ୍କାସନର ବ୍ୟବସ୍ଥା କାର୍ଯ୍ୟଦେଶ ପାଳନ ହେଉନଥିବାରୁ ଏହା ବିରୋଧରେ ମଧ୍ୟ ଅନସନ ଆରମ୍ଭ ହୋଇଛି । ନାମ୍ପୋ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳରେ ୫ଟି କାର୍ଯ୍ୟରେ ଅର୍ଥ ଆତ୍ମସାତ, ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରି ଆଜି ଚାଲିଥିବା ଆନ୍ଦୋଳନରେ ସୁଧିର କୁମାର ଭୂୟାଁ, ସୁନିତା ପ୍ରଧାନ, ପ୍ରଣବ ବାରିକ, ଜଗଦୀଶ ପ୍ରଧାନ, ଅରୁଣ ବେଜ, ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିବା ଜଣାଯାଇଛି ।

## ଚୀନ ପୋଲିସ ବିବିସି ସାମ୍ବାଦିକଙ୍କୁ ଗିରଫ ଓ ମାଡ଼ ମାରିଥିବା ଅଭିଯୋଗ

ଲଣ୍ଡନ, ୨୮/୧୧ (ନି.ପ୍ର): ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ (ବିବିସି) ସାମ୍ବାଦିକ ଇଏଡ଼ ଲରେନ୍ସଙ୍କୁ ଚୀନ୍ ପୋଲିସ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଚାଇନାରେ ଜିରୋ କୋଭିଡ୍ ନୀତି ବିରୋଧରେ ଆନ୍ଦୋଳନକୁ ଲରେନ୍ସ ଶୁଟିଂ କରୁଥିଲେ । ଏହି ସମୟରେ ଚୀନ ପୋଲିସ ତାଙ୍କୁ ଗିରଫ କରିଥିଲା । ତାଙ୍କୁ ଅନେକ ଘଂଟ ଘଂଟା ଧରି ଅଟକ ରଖା ଯିବା ପରେ ମୁକ୍ତ କରାଯାଇଥିଲା । ବିବିସି ମୁଖପାତ୍ର କହିଛନ୍ତି ଯେ, ଇଏଡ଼ ଲରେନ୍ସଙ୍କ ଚିକିତ୍ସା ପାଇଁ ଅତ୍ୟନ୍ତ ଚିନ୍ତିତ । ସାଂଘାଇରେ ବିରୋଧ ପ୍ରଦର୍ଶନ କରୁଥିବା ବେଳେ ଲରେନ୍ସଙ୍କୁ ଗିରଫ କରାଯାଇଥିଲା । ତାଙ୍କୁ ହାତାକଡ଼ି ଲଗାଯାଇଥିଲା । ଗିରଫ ପରେ ପୋଲିସ ତାଙ୍କୁ ପିଟିଥିଲା ଏବଂ ଲାତ ମାରିଥିଲା। ଯେତେବେଳେ ସେ ଜଣେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଥିଲେ ସେତେବେଳେ ଏହା ଘଟିଥିଲା ।

## ସାମ୍ବାଦିକମାନଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର




ଗୋପ, ୨୮/୧୧ (ନି.ପ୍ର): କୋଣାର୍କ ସ୍ଥିତ ଅର୍କଶ୍ରୀ ଶିଳ୍ପୀ ବାଟିକା ଠାରେ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଅଧିନସ୍ଥ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ କଲ୍ୟାଣ ବୋର୍ଡ ଦ୍ୱାରା ସାମ୍ବାଦିକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ଅନ୍ତର୍ଗତ କୋଣାର୍କ, କାକଟପୁର, ଗୋପ, ନିମାପଡ଼ା, ବଳଙ୍ଗା, ଅସ୍ତରଙ୍ଗ ସମେତ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ କାର୍ଯ୍ୟରତ ସାମ୍ବାଦିକ ବେତନ ଆୟୋଗ ବିଷୟରେ ଆଲୋଚନା କରାଯିବା ସହ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତାବିତ ନୂଆ ଶ୍ରମ ବିଧାନ ଉପରେ ସାମ୍ବାଦିକ ମାନଙ୍କ ମତ ବିନିମୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ କଲ୍ୟାଣ ବୋର୍ଡ, ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶିକା ସସ୍ମିତା ଭଟ୍ଟ ଓ ପରିବେଶବିତ ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଭଟ୍ଟ କହିଥିଲେ ସାମ୍ବାଦିକ ଗଣମାଧ୍ୟମର ଚତୁର୍ଥ ସ୍ତମ୍ଭ । ସେମାନଙ୍କର ଗଠନ ମୂଳକ ଭୂମିକା ଓ ସହଭାଗିତା ସରକାରଙ୍କ ଯୋଜନାକୁ ସମୃଦ୍ଧ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ କଲ୍ୟାଣ ବୋର୍ଡର ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟକାରୀ ସାମ୍ବାଦିକ ବେତନ ଆୟୋଗର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଭାରତ ସରକାରଙ୍କ ନୂତନ ପ୍ରସ୍ତାବିତ ଶ୍ରମ ଆଇନ କିଭଳି ଭାବେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିମନ୍ତେ ଉପଯୋଗୀ ହୋଇପାରିବ ତାହା ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ସାମ୍ବାଦିକ ସଂଜୟ ପତି, ଭାଗୀରଥୀ ସ୍ୱାଇଁ, ଅବନୀ ଭୂଷଣ ବାରିକ, ଗୋପର ସାମ୍ବାଦିକ ଭାରତୀ ଭୂଷଣ ଉପାଧ୍ୟାୟ, ସନ୍ତୋଷ ରାୟ, ଅଜୟ ନାୟକ, ଚାରିଛକର ସାମ୍ବାଦିକ କେଦାର ନାଥ ସାହୁଙ୍କ ସମେତ ବିଭିନ୍ନ ଅଞ୍ଚଳର ସାମ୍ବାଦିକ ନୂତନ ପ୍ରସ୍ତାବିତ ଶ୍ରମ ଆଇନ ବିଷୟରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ ।

## ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ହେଲେ ନୀଳଗିରିର ରଂଜିତା ସିଂ

ନୀଳଗିର, ୨୮/୧୧ (ନି.ପ୍ର): ମାଟିଆଳି ଲ୍ୟାମ୍ପର ବୋର୍ଡ ଡାଇରେକ୍ଟର ଭାବେ ନିର୍ବାଚିତ ରଂଜିତା ସିଂ ଭଦ୍ରକ ବାଲେଶ୍ୱରର କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଉପସଭାପତି ନିର୍ବାଚିତ ହୋଇଛନ୍ତି । ବିଜେଡି ନେତା ସନ୍ତୋଷ ଖଟୁଆଙ୍କ ଗୋଟି ଚାଳନାରେ ବିଜେପିକୁ ଶକ୍ତ ଧକ୍କା ଦେଇ ମାଟିଆଳି ଲ୍ୟାମ୍ପର ବୋର୍ଡ ଡାଇରେକ୍ଟର ନିର୍ବାଚିତ ହୋଇଥିଲେ ରଂଜିତା । ସୋମବାର ଉକ୍ତ ସମାବାୟ ବ୍ୟାଙ୍କର ଉପସଭାପତି ନିର୍ବାଚନ ହୋଇଥିବା ବେଳେ ଶ୍ରୀମତୀ ରଂଜିତା ସିଂ ବିଜେଡି ଦଳରୁ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ଉପସଭାପତି ଆସନ ଅଳଙ୍କୃତ କରିଥିଲେ । ସେ ଉପସଭାପତି ନିର୍ବାଚିତ ହେବା ପରେ ନୀଳଗିରି ଅଂଚଳର ଆନନ୍ଦର ଲହରୀ ଖେଳିଯାଇଛି । ସେ ତାଙ୍କ କାର୍ଯ୍ୟକାଳରେ କିପରି ସହଜରେ ଚାଷୀ ଋଣ ପାଇ ପାରିବେ ଏବଂ ଚାଷୀର ସ୍ୱାର୍ଥକୁ ଅଗ୍ରାଧିକାର ଭିତିରେ ପ୍ରାଥମିକତା ଦେବେ ସେ ପ୍ରତି ସେ ଧ୍ୟାନ ଦେବେ ବୋଲି କହିଛନ୍ତି । ଜିଲ୍ଲା ପରିଷଧ ସଭ୍ୟ ଗତିକୃଷ୍ଣ ନନ୍ଦ, ଯୁବ ବିଜେଡି ସଭାପତି ତାପସ ପରିଡ଼ା, ନୀଳଗିରି ବିଜେଡି ବ୍ଲକ ସଭାପତି ବିଜୟ ଲେଙ୍କା, କୃତିବାସ ବେହେରା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ତାଙ୍କୁ ଶୁଭେଚ୍ଛା ଦେଇଥିଲେ ।


## ମଧ୍ୟପ୍ରଦେଶ : ରାହୁଲଙ୍କ ଭାରତ ଯୋଡ଼ ଯାତ୍ରାରେ ମୋଦୀ-ମୋଦୀ ସ୍ଲୋଗାନ

ଇନ୍ଦୋର, ୨୮/୧୧ (ନି.ପ୍ର): ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ସୋମବାର ସହରର ବଡ଼ା ଗଣପତି ଛକରୁ ଆରମ୍ଭ ହୋଇଥିଲା । ଯେତେବେଳେ ଏହି ଯାତ୍ରା ସାବେର ରୋଡ୍ ର ମଡ଼ର୍ଣ୍ଣ ଚୌରାନିକଟରେ ପହଂଚିଲା, ସେତେବେଳେ ଦୁଇଜଣ ଯୁବକ ମୋଦୀ-ମୋଦୀ ବୋଲି ସ୍ଲୋଗାନ ଦେଇଥିଲେ । ଯେତେବେଳେ ରାହୁଲ ସେମାନଙ୍କୁ ଡାକିବାକୁ କହିଥିଲେ ଉଭୟ ଯୁବକ ପଳାଇଯାଇଥିଲେ । ସୋମବାର ହେଉଛି ମଧ୍ୟପ୍ରଦେଶର ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ଯାତ୍ରାର ଷଷ୍ଠ ଦିନ । ଏହି ଯାତ୍ରା ସକାଳେ ବଡ଼ା ଗଣପତିରୁ ଚାଲିଲା । ଏହି ଯାତ୍ରା କିଲ୍ଲା ମଇଦାନ ଦେଇ ମରିମାତା ଛକରେ ପହଂଚିଥିଲେ । ଏହି ରାସ୍ତାରେ ହୋଟେଲ ମେରୀ ମର୍ଜିରେ ଟା ବିରତି ନେଇଥିଲା । ଏହା ପରେ ବିଧାୟକ ସଂଜୟ ଶୁକ୍ଲାଙ୍କ ଘର ଆଗରେ ଥିବା ବାଣଗଙ୍ଗାରେ ଲବକୁଶ ଛକରେ ପହଂଚିଥିଲେ । ଏହି ଯାତ୍ରାକୁ ଅରବିନ୍ଦ ହସ୍ପିଟାଲ ସମ୍ମୁଖରେ ଡ୍ରୋନରୁ ଫୁଲ ବର୍ଷା କରି ସ୍ୱାଗତ କରାଯାଇଥିଲା ।

## ଜିଲ୍ଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ନେତାଜୀ କ୍ଲବ ଚମ୍ପିୟାନ

ବାଲେଶ୍ୱର, ୨୮/୧୧ (ନି.ପ୍ର): ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ଭଲିଭଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଅଂଶଗ୍ରହଣ କରିଥିବା ୨୦ଟି ଦଳଙ୍କ ମଧ୍ୟରୁ ବାଲେଶ୍ୱର ସ୍ପୋଟର୍ସ ହଷ୍ଟେଲ ଓ ସାହାସପୁରା ନେତାଜୀ କ୍ଲବ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଖେଳରେ ସ୍ପୋଟର୍ସ ହଷ୍ଟେଲକୁ ୩-୦ ସେଟ୍‌ରେ ହରାଇ ସାହାସପୁରା ନେତାଜୀ କ୍ଲବ ଚମ୍ପିୟାନ୍ ହୋଇଥିଲା । ମ୍ୟାଚ ଦେଖିବା ପାଇଁ ଭଲିବଲ ପ୍ରେମୀଙ୍କ ପରିମିଟ ପଡିଆରେ ଭିଡ଼ ପରିଲକ୍ଷିତ ହୋଇଥିଲା । ମ୍ୟାଚ ପରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ । ବାଲେଶ୍ୱର ଜିଲା ସମଗ୍ର ରାଜ୍ୟରେ କେମିତି ଏକ ନମ୍ବର ହେବ ସେ ନେଇ ଖେଳାଳିମାନେ ଅଭ୍ୟାସ ଓ ପ୍ରଚେଷ୍ଟା ଜାରି ରଖିବାକୁ ଶ୍ରୀ ମହାପାତ୍ର ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଲେଶ୍ୱର ଜିଲା ଭଲିବଲ ଖେଳରେ ସମଗ୍ର ରାଜ୍ୟରେ ସର୍ବଦା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସିଥିବା ବେଳେ ଆଗାମୀ ଦିନରେ ମଧ ଏହି ଧାରା ଜାରି ରହିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଅତିଥିଦ୍ୱୟ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ । ଏଥି ସହିତ ଫୁଟବଲ ରେଫେରୀ ପ୍ରଦୀପ ଦାସଙ୍କ ସମେତ ଭଲିବଲ ସ୍ମାସର ଦୁଲବା ବେସରା, ଶ୍ରେଷ୍ଠ ଲିବେର ନେତାଜୀ କ୍ଲବର ପ୍ରଣବ ସାହାଣୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦୃଷ୍ଟାନ୍ତ ପାଲଟିଛି ଆମ ସାମ୍ବିଧାନିକ ବ୍ୟବସ୍ଥା : ପ୍ରମିଳା ପଣ୍ଡା



ଉଦଳା, ୨୮/୧୧ (ନି.ପ୍ର): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଆଜି ନଭେମ୍ବର ୨୬ ତାରିଖ ଶନିବାର ଦିନ 'ସମ୍ବିଧାନ ଦିବସ' ପାଳିତ ହୋଇ ଯାଇଛି । ଏହି ଅବସରରେ ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ନଗରପାଳ, ଉପନଗରପାଳଙ୍କ ସମେତ କାଉନସିଲର ବୃନ୍ଦଙ୍କ ଉପସ୍ଥିତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ନଗରପାଳ ପ୍ରମିଳା ପଣ୍ଡା ତାଙ୍କର ବକ୍ତବ୍ୟରେ ଆମ ସାମ୍ବିଧାନିକ ବ୍ୟବସ୍ଥା ଆଜି କିପରି ସମଗ୍ର ପୃଥିବୀବାସୀଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛି ଏବଂ ପୃଥିବୀର ସର୍ବ ବୃହତ୍ତମ ଗଣତନ୍ତ୍ର ଦେଶର ମାନ୍ୟତା ପାଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି କର୍ମଚାରୀ ମାନେ ଆମ ସାମ୍ବିଧାନିକ ବ୍ୟବସ୍ଥାକୁ ଆଜି ପଡ଼ୋଶୀ ଦେଶ ପାକିସ୍ଥାନ ଓ ଚିନ କିପରି ଭୟ କରୁଛନ୍ତି ଏବଂ ସ୍ୱାଧୀନତାର ଦିର୍ଘ ୭୫ ବର୍ଷ ପରେ ମଧ ଆମ ଦେଶରେ କେବେବି ସାମରିକ ବିଦ୍ରୋହ ଦେଖାଦେଇନାହିଁ ଓ ଅନେକ ଗୁଡ଼ିଏ ଭାଷାକୁ ସାମ୍ବିଧାନିକ ସ୍ୱିକୃତି ପରେ ମଧ ଆମ ଦେଶରେ କିପରି ଏକତା ଦୃଢ଼ିଭୂତ ଅଛି ବର୍ଣ୍ଣନା କରିଥିଲେ । ପରେ ସମସ୍ତଙ୍କୁ ନିର୍ବାହୀ ଅଧିକାରୀ ଶପଥ ପାଠ କରାଇଥିଲେ । ଶେଷରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ଉପନଗରପାଳ ଲିଲି ଭୋଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo